

ମେସିଙ୍କ ବିଶ୍ୱ ରେକର୍ଡ

▸ପୃଷ୍ଠା ୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-355 •TUESDAY •23 JUNE 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୫୫ •ମଙ୍ଗଳବାର •୨୩ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ୧୨୬ ବର୍ଷର ଇତିହାସରେ ଦ୍ୱିତୀୟ ଥର ସବୁଠାରୁ ଶୁଖିଲା ଜୁନ୍

■ ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଭାରତ ଚଳିତ ବର୍ଷ ତା'ର ୧୨୬ ବର୍ଷର ମୌସୁମୀ ଇତିହାସରେ ଦ୍ୱିତୀୟ ସବୁଠାରୁ ଶୁଖିଲା ଜୁନ୍ ମାସର ସମ୍ମୁଖୀନ ହେଉଛି। ଜୁନ୍ ୨୧ ତାରିଖ ସୁଦ୍ଧା ଦେଶରେ ସ୍ୱାଭାବିକ ଠାରୁ ପ୍ରାୟ ୪୨.୨ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଛି। ଏଭଳି ସ୍ଥିତିରେ ଦେଶର କେତେକ ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅନ୍ୟ କେତେକ ସ୍ଥାନରେ କୁଆପଥର ବର୍ଷା ଏବଂ ପ୍ରବଳ ବର୍ଷା ଭଳି ପାଣିପାଗରେ ବ୍ୟତିକ୍ରମ ଦେଖାଦେଇଛି।

ଚଳିତ ମାସ ଦେଶରେ ମାତ୍ର ୫୭.୪ ମିଲିମିଟର ବର୍ଷା ହୋଇଛି। ଏହାପୂର୍ବରୁ ୨୦୦୯ ମସିହାରେ ସବୁଠାରୁ ଶୁଖିଲା ଜୁନ୍ ମାସ ରେକର୍ଡ କରାଯାଇଥିଲା, ଯେଉଁଠାରେ ବର୍ଷାର ପରିମାଣ ୪୯ ପ୍ରତିଶତ କମ୍ ଥିଲା। ତେବେ ଦୁଇ ସପ୍ତାହର ବିରତି ପରେ ବଙ୍ଗୋପସାଗରରେ ଏକ ନୂତନ ପାଣିପାଗ ପ୍ରଣାଳୀ ସକ୍ରିୟ ହେଉଥିବାରୁ ମୌସୁମୀ ବାୟୁ ପୁଣି ଆଗକୁ ବଢ଼ିବା ନେଇ ଆଶା ସୃଷ୍ଟି ହୋଇଛି। ଉପଗ୍ରହ ଚିତ୍ରରୁ

**ଜୁନ୍ ୨୧ ସୁଦ୍ଧା ରେକର୍ଡ ୪୨.୨ ପ୍ରତିଶତ କମ୍ ବର୍ଷା**

ଜଣାପଡ଼ିଛି ଯେ ବଙ୍ଗୋପସାଗରରୁ ଜଳୀୟବାଷ୍ପ ପୂର୍ଣ୍ଣ ପବନ ଦେଶର ପୂର୍ବ ଏବଂ କେନ୍ଦ୍ରୀୟ ଭାଗ ଆଡ଼କୁ ଅଗ୍ରସର ହେଉଛି। ଏହି ସମୟରେ ମେଘାଳୟର ମସିନରାମରେ ମାତ୍ର ୨୪ ଘଣ୍ଟାରେ ୫୩୦ ମିଲିମିଟର ପ୍ରବଳ ବର୍ଷା ହୋଇଥିବା ବେଳେ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ହଠାତ କୁଆପଥର ମାଡ଼ ହୋଇଛି। ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ରର ବିଦର୍ଭ ସମେତ ଦେଶର ୮ଟି ରାଜ୍ୟ ଏବେ ମଧ୍ୟ ଗ୍ରୀଷ୍ମ ପ୍ରବାହ ସହ ସଂଗ୍ରାମ କରୁଛନ୍ତି। ଉତ୍ତରପ୍ରଦେଶର ବାନ୍ଦା ୪୨.୬ ଡିଗ୍ରୀ ସେଲସିୟସ ତାପମାତ୍ରା ସହ ଦେଶର ସବୁଠାରୁ ଉତ୍ତପ୍ତ ସ୍ଥାନ ପାଲଟିଛି। ବିଦର୍ଭରେ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ରହୁଛି।

ମୌସୁମୀର ମନ୍ଥର ଗତି ଯୋଗୁଁ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି। ଗତ ବର୍ଷ ତୁଳନାରେ ଖରିଫ ଫସଲ ବୁଣା ପ୍ରାୟ ୩.୯ ପ୍ରତିଶତ ହ୍ରାସ ପାଇଛି। ଡାଲି ଜାତୀୟ ଫସଲ ଚାଷ ୪୩.୨ ପ୍ରତିଶତ ଏବଂ କପା ଚାଷ ୨୮ ପ୍ରତିଶତ ହ୍ରାସ ପାଇଛି। କେବଳ ଧାନ ବୁଣା କାର୍ଯ୍ୟରେ ୨୮.୪ ପ୍ରତିଶତ ବୃଦ୍ଧି ଘଟିଛି। ଦେଶର ▸ପୃଷ୍ଠା-୭



## ଲକ୍ଷ୍ନୌ କୋଚିଂ ସେଣ୍ଟରରେ ଭୟଙ୍କର ଅଗ୍ନିକାଣ୍ଡ

# ୧୫ ଛାତ୍ରଛାତ୍ରୀ ଦଗ୍ଧ

■ ଲକ୍ଷ୍ନୌ, ୨୨।୬ (ଏଜେନ୍ସି): ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌ ଆଲିଗଞ୍ଜ ଅଞ୍ଚଳରେ ଆଜି ଅପରାହ୍ନରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଅତିକମରେ ୧୫ ଜଣ ଛାତ୍ରଛାତ୍ରୀ ପ୍ରାଣ ହରାଇଛନ୍ତି। ଏହି ନିଆଁରେ ଆହୁରି ୭ ପିଲା ଆହତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଯେଉଁ ବିଲଡିଂରେ ନିଆଁ ଲାଗିଥିଲା ତାହାର ତଳ ମହଲାରେ ପଶୁ କ୍ଲିନିକ୍ ଏବଂ ଉପର ମହଲାରେ କୋଚିଂ ସେଣ୍ଟର ଥିବା ଜଣାପଡ଼ିଛି।

ଆଜି ଅପରାହ୍ନ ୩ଟାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପ୍ରତ୍ୟକ୍ଷଦର୍ଶୀ ଏବଂ ଉଦ୍ଧାରକାରୀ ଦଳର ସୂଚନା ଅନୁଯାୟୀ, କୋଠାର ଦ୍ୱିତୀୟ ମହଲାରେ ଚାଲିଥିବା ଏକ କୋଚିଂ କେନ୍ଦ୍ର ତଥା ପାଠାଗାରରେ ଛାତ୍ରଛାତ୍ରୀମାନେ ପଢୁଥିବା ସମୟରେ



ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଓ କଳା ଧୂଆଁରୁ ରକ୍ଷା ପାଇବା ପାଇଁ ଅନେକ ଛାତ୍ରଛାତ୍ରୀ ନିଜକୁ ଶୌଚାଳୟ ଭିତରେ ବନ୍ଦ କରିଦେଇଥିଲେ। କିନ୍ତୁ ଧୂଆଁ ଯୋଗୁଁ ଅନେକ ଛାତ୍ରଛତ୍ରୀ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଚିକିତ୍ସାଳୟର ମୁଖପାତ୍ର ଡାକ୍ତର କେକେ ସିଂହ ଜଣାଇଛନ୍ତି ଯେ, ମୃତଦେହଗୁଡ଼ିକରେ ବାହ୍ୟ ପୋଡ଼ା ଦାଗ ବହୁତ କମ୍ ରହିଛି। ତେଣୁ ପ୍ରାଥମିକ ଭାବେ ଘନ ଧୂଆଁ ଯୋଗୁଁ ଶ୍ୱାସରୁଦ୍ଧ

**ନିଆଁରୁ ବଞ୍ଚିବା ପାଇଁ ଶୌଚାଳୟରେ ପଶିଯାଇଥିଲେ**

**ଉପର ମହଲାରୁ ଡେଇଁପଡ଼ି ଅନେକ ଆହତ**

ହୋଇ ସମସ୍ତଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପଟେ କିଛି ଛାତ୍ର ଜୀବନ ରକ୍ଷା କରିବା ପାଇଁ ଉପର ମହଲାରୁ ତଳକୁ ଡେଇଁପଡ଼ିଥିଲେ, କିନ୍ତୁ ସେ ସେଠାରେ ଥିବା ଏକ ଲୁହା ବାଡ଼ (ଗ୍ରୀଲ୍) ଉପରେ ପଡ଼ିଯିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି।

ନିଆଁକୁ ଆୟତ୍ତ କରିବା ପାଇଁ ୧୦ରୁ ଅଧିକ ଅଗ୍ନିଶମ ବାହିନୀ ଗାଡ଼ି ଏବଂ ଏକ ବିଶେଷ ହାଇଡ୍ରୋଲିକ୍ ପ୍ଲାଟଫର୍ମ ବ୍ୟବହାର କରାଯାଉଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆରଏଫ୍) ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆରଏଫ୍)ର କର୍ମଚାରୀମାନେ କୋଠାର ପଛ ପଟ କାନ୍ଥକୁ ଭାଙ୍ଗି ମୃତଦେହ ଏବଂ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଛନ୍ତି। ୧୫ ଛାତ୍ରଛାତ୍ରୀଙ୍କ ଶବ ମିଳିଥିବା ବେଳେ ଅନ୍ୟ ୭ ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇଛି। ଉପ-ମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଘଟଣାସ୍ଥଳରେ ପହଞ୍ଚି ଆହୁରି ଅଧିକ ରୋଗୀବାହୀ ଗାଡ଼ି (ଆମ୍ବୁଲାନ୍ସ) ମଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କୋଠାର ତଳ ମହଲାରେ ଥିବା ପୋଷା ଜୀବଜନ୍ତୁଙ୍କ ▸ପୃଷ୍ଠା-୭

# ମମତାଙ୍କୁ ସଭାପତି ପଦରୁ ହଟାଇଦେଲେ ବିଦ୍ରୋହୀ

■ କୋଲକାତା, ୨୨।୬ (ଏଜେନ୍ସି): ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ନେତୃତ୍ୱକୁ ପ୍ରଥମ ଥର ଲାଗି ଚାଲେଞ୍ଜ କରିଛନ୍ତି ବିଦ୍ରୋହୀ ବିଧାୟକ। ସେମାନେ ଆଜି ଏଠାରେ ଏକ ବୈଠକ କରି ଟିଏମ୍‌ସି ସଭାପତି ପଦରୁ ମମତାଙ୍କୁ ହଟାଇ ତାଙ୍କ ସ୍ଥାନରେ ବିଧାୟକ ଅରୂପ ରାୟଙ୍କୁ ସଭାପତି ଘୋଷଣା କରିଛନ୍ତି। ରାଜ୍ୟ ବିଧାନସଭାରେ ବିରୋଧୀ ଦଳର ନେତା ଋତବ୍ରତ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି।



ସେମାନେ ନିଜକୁ ପ୍ରକୃତ ଟିଏମ୍‌ସି ବୋଲି ଘୋଷଣା କରିଛନ୍ତି। ଦଳର ମହାସଚିବ ପଦରୁ ଅଭିଷେକ ବାନାର୍ଜୀଙ୍କୁ ମଧ୍ୟ ସେମାନେ ସସପେଣ୍ଡ କରିଛନ୍ତି।

ରାଜ୍ୟ ଟିଏମସି ବିଧାୟକ ଦଳରେ ବିଭାଜନ ପରେ ବିଦ୍ରୋହୀମାନେ ଏବେ ସିଧା ସଂଗଠନକୁ ନିଜ ଅକ୍ତିଆରକୁ ନେବା ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ୧୯୯୮ରେ ଟିଏମସି ଗଠନ ହେବା ଦିନ ଠାରୁ ମମତା ଏହାର ମୁଖ୍ୟ ରହିଆସିଛନ୍ତି। ଆଜି ପ୍ରଥମ ଥର ଲାଗି ତାଙ୍କ ନେତୃତ୍ୱକୁ ଚାଲେଞ୍ଜ କରିଛନ୍ତି ବିଦ୍ରୋହୀ। ଆଜି ହୋଇଥିବା ବିଦ୍ରୋହୀଙ୍କ ଏହି ବୈଠକରେ ଅନେକ ବିଧାୟକ, ଦଳର ବରିଷ୍ଠ କର୍ମକର୍ତ୍ତା ଏବଂ କାଉନସିଲରମାନେ ଉପସ୍ଥିତ ଥିଲେ। ବୈଠକରେ ଜାତୀୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏଥିରେ ମମତାଙ୍କର ଅନେକ ପୂର୍ବତନ ଅନୁଗତଙ୍କୁ ସ୍ଥାନ ମିଳିଛି। ଏହିସବୁ ନିଷ୍ପତ୍ତି ସଂପର୍କରେ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଋତବ୍ରତ ବାନାର୍ଜୀ କହିଛନ୍ତି ଯେ ସେମାନଙ୍କର ସଂଗଠନ ହେଉଛି ପ୍ରକୃତ ତୃଣମୂଳ କଂଗ୍ରେସ ପାର୍ଟି (ଟିଏମସି) ଏବଂ ସେମାନେ ଭାରତର ନିର୍ବାଚନ କମିସନଙ୍କୁ ପତ୍ର ଲେଖି ଏହି ଦାବି ଜଣାଇବେ। ସେ କହିଲେ ଯେ ଆଜିର ସ୍ୱତନ୍ତ୍ର ବୈଠକରେ ଜାତୀୟ କାର୍ଯ୍ୟକାରୀ କମିଟି ▸ପୃଷ୍ଠା-୭

## ରାମ ମନ୍ଦିର ଟ୍ରଷ୍ଟରେ ଦାନ ଦକ୍ଷିଣା ଚୋରି

# ହଟିଲେ ୪୦ କର୍ମଚାରୀ

■ ଲକ୍ଷ୍ନୌ, ୨୨।୬(ଏଜେନ୍ସି): ଅଯୋଧ୍ୟା ରାମମନ୍ଦିରରେ ଦାନ ଓ ଦକ୍ଷିଣା ହେରଫେର ଘଟଣା ସମ୍ପର୍କରେ ତଦନ୍ତ ରିପୋର୍ଟ ଏସ୍‌ଆଇଟି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରଦାନ କରିଛି। ଏହି ସମୟରେ ରାମମନ୍ଦିର ନିର୍ମାଣରେ ବିପୁଳ ଅର୍ଥ ବ୍ୟୟ ସଂପର୍କ ।ରେ ଟ୍ରଷ୍ଟ ସହ ଜଡ଼ିତ ବ୍ୟକ୍ତିମାନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଟ୍ରଷ୍ଟ ସହ ଜଡିତ କିଛି ଶୀର୍ଷ କର୍ମକର୍ତ୍ତାଙ୍କ ସମ୍ପର୍କୀୟମାନେ ବଡ଼ ଧରଣର ଦୁର୍ନୀତିରେ ସମ୍ପୃକ୍ତ ଥିବା ତଦନ୍ତ ସମୟରେ ଜଣାପଡ଼ିଥିବା କୁହାଯାଉଛି। ଦାନଦକ୍ଷିଣା ଗଣତି କାର୍ଯ୍ୟରେ ନିଯୁକ୍ତ ୪୦ କର୍ମଚାରୀଙ୍କୁ ହଟାଇ ଦିଆଯାଇଛି ଓ ସେମାନଙ୍କୁ ଅଯୋଧ୍ୟା ଛାଡ଼ି ବାହାରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି।



**୧୭ ଗୁଣା ଅଧିକ ମୂଲ୍ୟରେ କିଣାଯାଇଛି ଜମି**

**ନିର୍ମାଣ ସାମଗ୍ରୀ କିଣାରେ ୪୦ ପ୍ରତିଶତ କମିସନ୍**

ଅଭିଯୋଗ ଅନୁସାରେ ରାମ ମନ୍ଦିର ପ୍ରକଳ୍ପ ପାଇଁ ପ୍ରାୟ ୧୦୭ ଏକର ଜମି ଆବଶ୍ୟକ ଥିବା ବେଳେ ଗତ ▸ପୃଷ୍ଠା-୭

# ବଜ୍ରପାତରେ ୩ ମୃତ

■ ଦେବଗଡ଼,୨୨।୬(ସମିସ): ଦେବଗଡ଼ ଜିଲ୍ଲାରେ ଆଜି ବଜ୍ରପାତହେବାରୁ ପୃଥକ୍ ସ୍ଥାନରେ ୩ ଯୁବକଙ୍କ ମୃତ୍ୟୁ ଘଟିଛି। ଆଜି ସନ୍ଧ୍ୟାରେ ବର୍ଷା ସହ ଘଡ଼ଘଡି ହୋଇ ବଜ୍ରପାତ ହୋଇଥିଲା। ଏଥିରେ ଦୁଇଜଣ ବାଇକ୍ ସହ ଜଳିଯାଇଥିବାବେଳେ ଅନ୍ୟଜଣେ ଯୁବକ ଘର ବାହାରେ ଥିବାବେଳେ ତାଙ୍କୁ ବଜ୍ରାଘାତ ହେବାରୁ ତାଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଛି।

**ଜଳିଗଲା ବାଇକ୍**

ସୂଚନା ଅନୁସାରେ, ବସାଲୋଇ ପଞ୍ଚାୟତର ପିଟାସାହି ଓ କଟା ସାହିର ଡୋଳାମଣି ପେଣ୍ଟେଇ, ବୁବୁନ ସାମଲ, ଜୁଏଲ ସାମଲ, ଡିରୁ ସାମଲ, ସୁନୀଲ ଲୁହୁରା ଓ ରୁଦ୍ରଚରଣ ହରିଜନ ପ୍ରମୁଖ ୬ ଜଣ ଯୁବକ ୩ ଟି ବାଇକ୍‌ରେ ରେଙ୍ଗାଳି ଜଳଭଣ୍ଡାର ମଧ୍ୟରେ ବୁଡ଼ି ରହିଥିବା ବନାକାଲୋ ଶିବ ମନ୍ଦିରକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରୁଥିବାବେଳେ ହଠାତ ବର୍ଷା ଘଡ଼ଘଡ଼ି ଆରମ୍ଭ ହୋଇଥିଲା। ସେମାନେ ଭାଟସିଂ ନଇକୂଳ ନିକଟରେ ପହଞ୍ଚିବା ▸ପୃଷ୍ଠା-୭

## ତୁଟୁନି ମହାନଦୀ ଜଳ ବିବାଦ

# ପାଣି ଭଳି ବୋହି ଯାଉଛି ଟଙ୍କା

■ ଭୁବନେଶ୍ୱର, ୨୨।୬ (ସମିସ): ଗତ ଫେବ୍ରୁଆରୀ-ମାର୍ଚ୍ଚ ମାସରେ ମହାନଦୀ ଟ୍ରିବ୍ୟୁନାଲର ୬ ଓ ସେମାନଙ୍କ ପରିବାରର ୪ ଜଣ ସଦସ୍ୟଙ୍କ ଗସ୍ତ ସମୟରେ ରାଜ୍ୟ ସରକାରଙ୍କ ତହବିଲରୁ ଖର୍ଚ୍ଚ ହୋଇଛି ପାଖାପାଖି ଅଢ଼େଇ କୋଟି ଟଙ୍କା। ଗସ୍ତ ସମୟରେ ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ ୮୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଏବଂ କେବଳ ବିଭିନ୍ନ ହୋଟେଲରେ ରହିବା ଖାଇବା ବାବଦରେ ପ୍ରାୟ ୬୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ମହାନଦୀ ବଞ୍ଚାଅ ଆନ୍ଦୋଳନର କର୍ମକର୍ତ୍ତା। କେଉଁଥିପାଇଁ ଏତେ ଟଙ୍କା ବ୍ୟୟ କରାଯାଇଛି ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ କିଏ ଓ କାହିଁକି ନିୟୋଜିତ କରିଥିଲା, ତାହାର ଉତ୍ତର ସରକାର ରାଜ୍ୟବାସୀଙ୍କୁ ଜଣାଇବାର ଆବଶ୍ୟକ ବୋଲି ମଧ୍ୟ ଦାବି କରାଯାଇଛି। ୧୦ ଜଣ ଲୋକ ବିଶ୍ୱ ଭ୍ରମଣ

**ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ଖର୍ଚ୍ଚ ଅଢ଼େଇ କୋଟି**

- ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଅଞ୍ଚଳ ଗସ୍ତରେ ବ୍ୟୟ ୧.୪୫ କୋଟି
- ଭୁବନେଶ୍ୱର, ପୁରୀ, ଚିଲିକା ବୁଲିବା ପାଇଁ ବ୍ୟୟ ୯୫.୫୮ ଲକ୍ଷ
- ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ ଦିଆଯାଇଛି ୮୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ
- ଖର୍ଚ୍ଚକୁ ନେଇ ସନ୍ଦେହ ପ୍ରକଟ କଲା ମହାନଦୀ ବଞ୍ଚାଅ ଆନ୍ଦୋଳନ ସଂଗଠନ



କରିଥିଲେ ବୋଧେ ଏତେ ଟଙ୍କା ଖର୍ଚ୍ଚ ହୋଇ ନ ଥାଆନ୍ତା ବୋଲି ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ତାତ୍ସଲ୍ୟ କରି କହିଛନ୍ତି।

ସଂଗଠନ ପକ୍ଷରୁ କୁହାଯାଇଛି ଯେ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଓ ଦସ୍ତାବିଜକୁ ଅନୁଧ୍ୟାନ କଲେ ଯାହା ଜଣାପଡୁଛି କି ▸ପୃଷ୍ଠା-୭

## ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାର

# ୧୧ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଆବେଦନ ଖାରଜ

■ ଭୁବନେଶ୍ୱର, ୨୨।୬ (ସମିସ): ଗତ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ହେବ ନାହିଁ। ଉଭୟ ଦଳ ଏ ସଂକ୍ରାନ୍ତରେ କରିଥିବା ଦାବିକୁ ବାଚସ୍ପତି ସୁରମା ପାଢ଼ୀ ଖାରଜ କରି ଦେଇଛନ୍ତି। ଏସଂକ୍ରାନ୍ତରେ ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁରୂପ ଏକ ଘଟଣାରେ ହିମାଚଳ ପ୍ରଦେଶରେ ବିଧାୟକଙ୍କ

- ବାଚସ୍ପତିଙ୍କ ପଦକ୍ଷେପକୁ ଉଭୟ ବିଜେଡି ଓ କଂଗ୍ରେସର ନିନ୍ଦା
- ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଗଣତନ୍ତ୍ରର ହତ୍ୟା: ବିଜେଡି
- ବାଚସ୍ପତିଙ୍କ ନିଷ୍ପତ୍ତି ବିରୋଧରେ ଅଦାଲତ ଯିବୁ: କଂଗ୍ରେସ

ସଭ୍ୟ ପଦ ରଦ୍ଦ କରାଯାଇଥିବା ବେଳେ ଓଡ଼ିଶାରେ ଭିନ୍ନ ନୀତି ଅବଲମ୍ବନକୁ ନେଇ ସମ୍ବିଧାନ ବିଶେଷଜ୍ଞମାନେ ▸ପୃଷ୍ଠା-୭

## ପିଲାଙ୍କ ପଢ଼ାବହି ତ୍ରୁଟିର ତନାଘନା

# ଖସିବା ଲାଗି ଖୋଜାଚାଲିଛି ଗଳାବାଟ

■ ଭୁବନେଶ୍ୱର, ୨୨।୬ (ସମିସ): ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟିକୁ ନେଇ ଉଚ୍ଚସ୍ତରୀୟ ତନାଘନା ଜାରି ରହିଛି। ଉନ୍ନୟନ କମିସନରଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ତଦନ୍ତକାରୀ ଦଳ ଘଟଣାରେ ସମ୍ପୃକ୍ତ ସମସ୍ତ ବିଭାଗର ମୁଖ୍ୟଙ୍କୁ ଡାକି ପଚରାଉଚରା କରୁଛନ୍ତି। କେଉଁଠି ତ୍ରୁଟି ରହିଲା? କେମିତି ଏତେ ବଡ଼ ଭୁଲ୍ ହେଲା? ଭୁଲ୍ ପାଇଁ ପ୍ରକୃତରେ କିଏ ଦାୟୀ, ତାକୁ ନେଇ ଖୋଳତାଡ଼ ଚାଲିଛି। ଅନ୍ୟପଟେ ତ୍ରୁଟିପୂର୍ଣ୍ଣ ବହିରୁ ଛାତ୍ରଛାତ୍ରୀମାନେ କିପରି ପାଠ ପଢ଼ିବେ ସେନେଇ ଶିକ୍ଷକଙ୍କ ସମେତ ଅଭିଭାବକଙ୍କୁ ଚିନ୍ତା ଘାରିଥିବାବେଳେ ପିଲାଙ୍କ ପାଖରେ ତ୍ରୁଟିଶୂନ୍ୟ ବହି ପହଞ୍ଚାଇବା ସରକାରଙ୍କ ପାଇଁ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଯେଉଁ ବଡ଼ବଡ଼ ବାବୁ ଓ ବଡ଼ବଡ଼ ଶିକ୍ଷାବିତ୍‌ମାନେ ବହି ଛପା ଦାୟିତ୍ୱରେ ଥିଲେ, ସେମାନଙ୍କୁ ସୁରକ୍ଷା

**ସଂଶୋଧିତ ପୁସ୍ତକରେ ରହିବ କ୍ୟୁଆର୍ କୋଡ୍**

**ଘରୋଇ ପ୍ରେସ୍‌କୁ ୨୧ କୋଟି**

ଦେବାକୁ ଉଚ୍ଚସ୍ତରରେ ବ୍ୟବସ୍ଥା ଆରମ୍ଭ ହୋଇଛି। ମନ୍ତ୍ରୀ, ସଚିବ, ଓସେପା ଓ ଏସସିଇଆରଟି ଅଧିକାରୀଙ୍କ ପ୍ରତି ଯେପରି କିଛି ଆଞ୍ଚ ନ ଆସିବ ସେଥିପାଇଁ ଗଳାବାଟ ଖୋଜା ଚାଲିଛି। ଅନ୍ୟପକ୍ଷରେ ଭୁଲ ତ୍ରୁଟି ନିମନ୍ତେ ବଳିଦେବା ଲାଗି ଛୋଟ କର୍ମଚାରୀଙ୍କ ଅନୁସନ୍ଧାନ ଆରମ୍ଭ ହୋଇଛି। ସମ୍ପ୍ରତି ଏହି ପ୍ରସଙ୍ଗ କେବଳ ରାଜ୍ୟ ମଧ୍ୟରେ ସୀମିତ ନ ରହି ଜାତୀୟ ପ୍ରସଙ୍ଗ ହୋଇଥିବାରୁ ଏଥିରୁ ନଜର ହଟାଇବାକୁ ଅନ୍ୟ କ'ଣ କରାଯାଇ ପାରିବ; ତାହାର ବିଚାରବିମର୍ଶ ଉଚ୍ଚସ୍ତରରେ ଆରମ୍ଭ ହୋଇଛି।


ସେହିପରି ପରବର୍ତ୍ତୀ ସମୟରେ ପିଲାଙ୍କୁ ତ୍ରୁଟିଶୂନ୍ୟ ପୁସ୍ତକ ଯୋଗାଣ ସଂକ୍ରାନ୍ତରେ ଆଜି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଭାଗୀୟ ସଚିବ ଏନ୍ ଥିରୁମାଳା ନାଏକଙ୍କ ସମେତ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ସହ ଏକ ବୈଠକ ▸ପୃଷ୍ଠା-୭

# ସଂଶୋଧନ ପରେ ବି ଭୁଲ୍

■ ଭୁବନେଶ୍ୱର, ୨୨।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ବହିରେ ମାଳମାଳ ତ୍ରୁଟି ଖୋଦ୍ ସରକାର ସ୍ୱୀକାର କରିବା ସହ ଏକ ସଂଶୋଧିତ

**ଅଷ୍ଟମ ଶ୍ରେଣୀ ଗଣିତ ବହିରେ ଏକ୍ସପୋନେଣ୍ଟ ତ୍ରୁଟି**

ତାଲିକା ମଧ୍ୟ ଜାରି କରିଥିଲେ। ମାତ୍ର ବିଡ଼ମ୍ବନା ହେଉଛି ସଂଶୋଧିତ ତାଲିକାରେ ମଧ୍ୟ ତ୍ରୁଟି ରହିଛି। ଚତୁର୍ଭୁଜକୁ ଚାରିକୋଣିଆ ଲେଖିଥିବା ଶିକ୍ଷାବିତମାନେ ଏକ୍ସପୋନେଣ୍ଟ ଗଣିତର ସଂଶୋଧନରେ ମଧ୍ୟ ଭୁଲ୍ କରିଛନ୍ତି। ଯାହା ସେମାନଙ୍କ ଦକ୍ଷତାକୁ ପୁଣିଥରେ ▸ପୃଷ୍ଠା-୭



...ok Name - ଗଣିତ ପ୍ରକାଶ
Class – ଅଷ୍ଟମ

| ERROR FOUND | TO BE READ AS |
| --- | --- |
| ଦ୍ୱିତୀୟ ପ୍ରଶ୍ନ (?) ଧାଡି 3 : ଯଦି 6 ବ୍ୟତୀତ 3 ରେ ପ୍ରତ୍ୟେକ | ଦ୍ୱିତୀୟ ପ୍ରଶ୍ନ (?) ଧାଡି 3 : ଯଦି 6 ବ୍ୟତୀତ 36 ରେ ପ୍ରତ୍ୟେକ |
| m· x m·= (mn)· | m· x m·= (mn)· |
| [illegible] | [illegible] |
| Box : "ତୁଳାଭାର" | "ତୁଳାଭାର" |

## ମହୁଆଙ୍କ ବିରୋଧରେ ମାନହାନି ମାମଲା କରିବେ ଟିଏମ୍‌ସି ସାଂସଦ

କୋଲକାତା, ୨୨।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ବିଦ୍ରୋହ କରି ଏନଡିଏ'କୁ ସମର୍ଥନ କରିଥିବା ୨୦ ଜଣ ସାଂସଦ ଦଳର ବରିଷ୍ଠ ନେତ୍ରୀ ମହୁଆ ମୋଇତ୍ରାଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସାଂସଦମାନେ ଦଳ ବଦଳାଇବା ପାଇଁ ୪୦ କୋଟି ଟଙ୍କାର ଲାଞ୍ଚ ନେଇଥିବା ନେଇ ମହୁଆ ଅଭିଯୋଗ କରିଥିଲେ, ଯାହାକୁ ନେଇ ଦଳ ମଧ୍ୟରେ ବିବାଦ ତୀବ୍ର ହୋଇଛି। ସୋସିଆଲ ମିଡିଆ ଏକ୍ସ'ରେ ଏକ ପୋଷ୍ଟ କରି ମହୁଆ ଦାବି କରିଥିଲେ ଯେ ବିଦ୍ରୋହୀ ସାଂସଦମାନଙ୍କୁ ଦଳ ଛାଡ଼ିବା ପାଇଁ ଅଗ୍ରୀମ ୪ କୋଟି ଟଙ୍କା ଏବଂ ଆଗାମୀ ୩୬ ମାସ ପାଇଁ ମାସିକ ୧ କୋଟି ଟଙ୍କା ଲେଖାଏଁ ମିଳିଛି। ମୁଖ୍ୟ ସଚେତକ କାକୋଲି ଘୋଷ ଦସ୍ତିଦାରଙ୍କ ନେତୃତ୍ୱରେ ଟିଏମସିର ୨୮ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୦ ଜଣ ଦଳରୁ ଅଲଗା ହୋଇ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟକୁ ସମର୍ଥନ କରିଛନ୍ତି। ଦଳ ବଦଳ ବିରୋଧୀ ଆଇନରୁ ବର୍ତ୍ତିବା ପାଇଁ ସେମାନେ ତ୍ରିପୁରା ଭିତ୍ତିକ 'ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ'ରେ ସାମିଲ ହୋଇଛନ୍ତି। ଏହି ବଡ଼ ଧରଣର ବିଦ୍ରୋହ ଯୋଗୁଁ ଲୋକସଭାରେ ଟିଏମସିର ସାଂସଦ ସଂଖ୍ୟା ୮ କୁ ହ୍ରାସ ପାଇଛି, ଯାହା ମମତା ବାନାର୍ଜୀଙ୍କ ପାଇଁ ଏକ ବଡ଼ ଝଟକା ବୋଲି କୁହାଯାଉଛି।

## ପତ୍ନୀ, ସନ୍ତାନଙ୍କୁ ବିଷ ଦେଇ ଆତ୍ମହତ୍ୟା

ଚିତ୍ତୁର, ୨୨।୬(ଏଜେନ୍ସି): ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରେ ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ନିଜ ପତ୍ନୀଙ୍କ ମସ୍ତିଷ୍କ ସମ୍ବନ୍ଧୀୟ ଗୁରୁତର ରୋଗକୁ ନେଇ ଗଭୀର ମାନସିକ ଚାପରେ ଥିବା ଦାମୁ ନାମକ ଜଣେ ବ୍ୟକ୍ତି, ନିଜ ପତ୍ନୀ ଓ ଦୁଇ ସନ୍ତାନଙ୍କୁ ବିଷ ଦେଇ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପୁଲିସକୁ ଏକ ଟିଭି ସ୍କ୍ରିନରେ ଲେଖାଯାଇଥିବା ଚିଠି ମିଳିଛି। ସେଥିରେ ସେ ନିଜ ମୃତ୍ୟୁ ପାଇଁ କାହାକୁ ଦାୟୀ ନକରିବାକୁ କହିଛନ୍ତି। ଏହାସହ ଶେଷକୃତ୍ୟ ପାଇଁ ସେ ନିଜ ଏଟିଏମ୍ କାର୍ଡ ଓ ପିନ୍ ନମ୍ବର ଛାଡ଼ି ଯାଇଛନ୍ତି, ଯାହା ସହାୟତାରେ ପରିବାରର ଶେଷକୃତ୍ୟ କରାଯାଇ ପାରିବ। ପତ୍ନୀଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଚିନ୍ତିତ ଥିବା ଦାମୁ ପରିବାରର ଭବିଷ୍ୟତକୁ ନେଇ ଏଭଳି ଚରମ ପଦକ୍ଷେପ ନେଇଥିବା ପୁଲିସ ସନ୍ଦେହ କରୁଛି। ସ୍ଥାନୀୟ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସ୍କୁଲରେ ଗୁଳିକାଣ୍ଡ: ୩ ଛାତ୍ର ନିହତ

ମାନିଲା, ୨୨।୬(ଏଜେନ୍ସି): ଫିଲିପାଇନ୍ସର ଟାକ୍‌ଲୋବାନ ସହରରେ ଥିବା ସାନ ହୋସେ ନ୍ୟାସନାଲ ହାଇସ୍କୁଲରେ ସୋମବାର ସକାଳେ ଏକ ଅଭାବନୀୟ ଗୁଳିକାଣ୍ଡ ଘଟିଛି। ସକାଳ ପ୍ରାୟ ୯ଟା ସମୟରେ, ଦୁଇଜଣ ସଶସ୍ତ୍ର ନାବାଳକ ଛାତ୍ର ସ୍କୁଲ ଭିତରକୁ ପଶି ଅତର୍କିତ ଗୁଳି ଚଳାଇଥିଲେ। ଏହି ଘଟଣାରେ ୩ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟ ଅଭିଯୁକ୍ତ (ବୟସ ୧୪ ଓ ୧୫) ନାବାଳକ ଏବଂ ସେମାନଙ୍କୁ ପୁଲିସ ହେପାଜତକୁ ନିଆଯାଇଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ସ୍କୁଲରେ 'ବୁଲିଂ' (ଆକ୍ରୋଶ)ର ଶିକାର ହୋଇଥିବାରୁ ଏଭଳି ଚରମ ପଦକ୍ଷେପ ନେଇଥିବା ପ୍ରାଥମିକ ପଚରାଉଚରାରୁ ଜଣାପଡ଼ିଛି।

## ନିଟ୍-ୟୁଜି ପୁନଃ ପରୀକ୍ଷା

## ବିହାରରେ 'ମୁନ୍ନାଭାଇ ଏମ୍‌ବିବିଏସ୍' ଶୈଳୀରେ ଜାଲିଆତି: ୩୦ ଗିରଫ



ପାଟନା, ୨୨।୬(ଏଜେନ୍ସି): ବିହାରର ଲକ୍ଷୀସରାଇରେ ଅନୁଷ୍ଠିତ ନିଟ୍-ୟୁଜି ପୁନଃ ପରୀକ୍ଷା ସମୟରେ ଏକ ବଡ଼ ଧରଣର ନକଲି ପରୀକ୍ଷାର୍ଥୀ ର୍ୟାକେଟ୍‌ର ପର୍ଦ୍ଦାଫାଶ ହୋଇଛି। 'ମୁନ୍ନାଭାଇ ଏମ୍‌ବିବିଏସ୍' ଶୈଳୀରେ ଅସଲି ପରୀକ୍ଷାର୍ଥୀଙ୍କ ବଦଳରେ ଅନ୍ୟ ପ୍ରଶିକ୍ଷିତ ଛାତ୍ରଙ୍କୁ ବସାଇ ପରୀକ୍ଷା ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ପୁଲିସ ମୋଟ ୩୦ ଜଣଙ୍କୁ ଗିରଫ କରିଛି। ଏହି ଜାଲିଆତି ମାମଲାରେ ପୁଲିସ କେତେକ ପ୍ରତିଷ୍ଠିତ ମେଡିକାଲ ଓ ନର୍ସି କଲେଜର ଛାତ୍ରଛାତ୍ରୀଙ୍କ ସମେତ ପରୀକ୍ଷା ପରିଚାଳନା କରୁଥିବା ବାୟୋମେଟ୍ରିକ ସଂସ୍ଥାର ୧୪ ଜଣ କର୍ମଚାରୀଙ୍କୁ ଗିରଫ କରିଛି। ଗୟା ମେଡିକାଲ କଲେଜର ଛାତ୍ର ଅର୍ପିତ ରାଜ ଏବଂ ପାଟନା ମେଡିକାଲ କଲେଜର ତୃତୀୟବର୍ଷର ଛାତ୍ର ମୟଙ୍କ କାଶ୍ୟପଙ୍କୁ ଏହି ର୍ୟାକେଟ୍‌ର ମୁଖ୍ୟ ସୂତ୍ରଧର ବୋଲି ସନ୍ଦେହ କରାଯାଉଛି। ମୟଙ୍କ ନକଲି ବାୟୋମେଟ୍ରିକ କର୍ମଚାରୀ ସାଜି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ସମୟରେ ପ୍ରଥମେ ଧରାପଡ଼ିଥିଲେ। ଏହା ବ୍ୟତୀତ ବାରାଣସୀ, ରାୟବରେଲି ଓ ଦିଲ୍ଲୀର କେତେକ ମେଡିକାଲ ଏବଂ ନର୍ସି ଛାତ୍ରୀଛାତ୍ର ମଧ୍ୟ ଅନ୍ୟମାନଙ୍କ ବଦଳରେ ପରୀକ୍ଷା ଦେବାକୁ ଆସି ଧରାପଡ଼ିଛନ୍ତି। ନିଟ୍ ପରୀକ୍ଷା ସମୟରେ ମେଡିକାଲ କଲେଜଗୁଡ଼ିକ ନିଜ ଛାତ୍ରଛାତ୍ରୀଙ୍କ ପାଇଁ କ୍ୟାମ୍ପସ ଛାଡ଼ିବା ଉପରେ କଟକଣା ଲଗାଇଥିଲେ ମଧ୍ୟ ସେମାନେ ଅସୁସ୍ଥତାର ବାହାନା ଦେଖାଇ ଏହି ଜାଲିଆତିରେ ସାମିଲ ହୋଇଥିଲେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଚଢ଼ାଉ କରି ପୁଲିସ ୭ ଜଣ ପରୀକ୍ଷାର୍ଥୀଙ୍କ ସହ ଅନ୍ୟମାନଙ୍କୁ ଗିରଫ କରିଛି। ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ବିବାଦ ଯୋଗୁଁ ପରୀକ୍ଷା ବାତିଲ ହେବା ପରେ ଏହି ପୁନଃ ପରୀକ୍ଷା କରାଯାଉଥିଲା। ମାତ୍ର ଏହି ନୂତନ ର୍ୟାକେଟ୍ ପରୀକ୍ଷା ପରିଚାଳନାର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ଥରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିହାର ପୁଲିସ ବର୍ତ୍ତମାନ ଏହି ନେଟୱର୍କର ଚେର କେତେ ଦୂରକୁ ଲମ୍ବିଛି, ସେ ନେଇ ଅଧିକ ତଦନ୍ତ ଚଳାଇଛି।

# ଇରାନ ଉପରୁ କଟକଣା ହଟିଲା

## ଶାନ୍ତି ଓ ହର୍ମୁଜ ପାଇଁ ଆମେରିକାର ପଦକ୍ଷେପ

ସ୍ୱିଜରଲ୍ୟାଣ୍ଡ, ୨୨।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧର ସମାପ୍ତି ପାଇଁ ସ୍ୱିଜରଲ୍ୟାଣ୍ଡରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଶାନ୍ତି ଆଲୋଚନା ସକାରାତ୍ମକ ପ୍ରଗତି ସହ ଶେଷ ହୋଇଛି। ଏଥିରେ ସନ୍ତୋଷ ପ୍ରକାଶ କରି ଇରାନ ଉପରୁ କଟକଣା ଅସ୍ଥାୟୀ ରୂପେ ହଟାଇବାକୁ ଘୋଷଣା କରିଛି ଆମେରିକା। ଆମେରିକା ପକ୍ଷରୁ କୁହାଯାଇଛି ଯେ ଇରାନ ଏହାର ତୈଳ ଉତ୍ପାଦନ ସହିତ ରପ୍ତାନୀ ମଧ୍ୟ କରିପାରିବ। କେବଳ ତେଲ ନୁହେଁ, ଗ୍ୟାସ ଓ ଅନ୍ୟାନ୍ୟ ପେଟ୍ରୋଲ ଜାତୀୟ ସାମଗ୍ରୀ ମଧ୍ୟ ବିକ୍ରି କରିପାରିବ। ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ସହିତ ହର୍ମୁଜକୁ ଖୋଲା ରଖିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି।



ଇତିମଧ୍ୟରେ ମାମଲାରେ ମଧ୍ୟସ୍ଥତା କରୁଥିବା କତାର୍ ଏବଂ ପାକିସ୍ତାନ ଏକ ମିଳିତ ବିବୃତି ଜାରି କରି କହିଛନ୍ତି ଯେ, ଉଭୟ ପକ୍ଷ ଆଗାମୀ ୬୦ ଦିନ ମଧ୍ୟରେ ଏକ ଚୂଡ଼ାନ୍ତ ଚୁକ୍ତିରେ ପହଞ୍ଚିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସହମତି ପ୍ରକାଶ କରିଛନ୍ତି। ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚି କହିଛନ୍ତି ଯେ, ଲେବାନନ୍ ସଂଘର୍ଷର ଅନ୍ତ ପାଇଁ ଏହି ଆଲୋଚନାରେ ବଡ଼ ସଫଳତା ମିଳିଛି। ଗତ ସପ୍ତାହରେ ସ୍ୱାକ୍ଷରିତ ହୋଇଥିବା ପ୍ରାଥମିକ ଚୁକ୍ତି ଅନୁସାରେ, ସମସ୍ତ ମଧ୍ୟପ୍ରାଚ୍ୟ ମୁଖ୍ୟାଳୟରେ ଯୁଦ୍ଧ ବନ୍ଦ କରିବା ଏବଂ ବିଶ୍ୱର ପ୍ରମୁଖ ଜଳମାର୍ଗ ହର୍ମୁଜ ପ୍ରଣାଳୀକୁ ପୁନର୍ବାର ସୁରକ୍ଷିତ ଭାବେ ଖୋଲିବାକୁ ନିଷ୍ପତ୍ତି ହୋଇଛି। ଏହା ସହିତ ବାଣିଜ୍ୟିକ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ଏବଂ ଭୁଲ୍ ବୁଝାମଣା ଏଡ଼ାଇବା ପାଇଁ ଏକ ସ୍ୱତନ୍ତ୍ର ଯୋଗାଯୋଗ ଲାଇନ୍ ଏବଂ ଆମେରିକା-ଇରାନ-ଲେବାନନ୍ ମଧ୍ୟରେ ଏକ ମିଳିତ ସାମରିକ ସମନ୍ୱୟ କେନ୍ଦ୍ର ଗଠନ କରାଯାଇଛି। ଆଲୋଚନାରେ ଆମେରିକାର ନେତୃତ୍ୱ ନେଉଥିବା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ କହିଛନ୍ତି ଯେ, ଯଦି ଇରାନ ନିଜର ଆଞ୍ଚଳିକ ଅସ୍ଥିରତା ସୃଷ୍ଟି କରିବା କାର୍ଯ୍ୟକଳାପ ଏବଂ ଦୀର୍ଘକାଳୀନ ପରମାଣୁ ଅସ୍ତ୍ର ଆକାଂକ୍ଷାକୁ ପରିତ୍ୟାଗ କରେ, ତେବେ ଆମେରିକା ତାର ସମ୍ପର୍କକୁ ସମ୍ପୂର୍ଣ୍ଣ ବଦଳାଇବାକୁ ପ୍ରସ୍ତୁତ ଅଛି। ଚୁକ୍ତି ଅନୁଯାୟୀ, ଇରାନ ଉପରୁ ସମସ୍ତ ପ୍ରକାର ପ୍ରତିବନ୍ଧକ ହଟାଯିବା ସହ ଦେଶର ପୁନର୍ନିର୍ମାଣ ପାଇଁ ୩୦୦ ବିଲିୟନ ଡଲାରର ଯୋଜନା ପ୍ରସ୍ତୁତ କରାଯାଇଛି। ତେବେ ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଗକୁ ଆହୁରି ଆଲୋଚନା ହେବା ବାକି ଅଛି।

# ଭାରତଠାରୁ ବ୍ରହ୍ମୋସ କିଣିବାକୁ ୟୁଏଇ ଆଗ୍ରହୀ




ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ହୋଇଥିବା ସାମ୍ପ୍ରତିକ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ସଂଯୁକ୍ତ ଆରବ ଏମିରେଟ୍ସ ନିଜର ସାମରିକ ସୁରକ୍ଷା ବ୍ୟବସ୍ଥାକୁ ମଜବୁତ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ ଭାରତର ଆଧୁନିକ କ୍ଷେପଣାସ୍ତ୍ର 'ବ୍ରହ୍ମୋସ' ଏବଂ ବାୟୁ ସୁରକ୍ଷା ପ୍ରଣାଳୀ 'ଆକାଶତୀର' କ୍ରୟ କରିବା ପାଇଁ ୟୁଏଇ ଭାରତ ସରକାରଙ୍କ ସହ ଆଲୋଚନା ଆରମ୍ଭ କରିଛି। ନିକଟରେ ଶେଷ ହୋଇଥିବା ଆଞ୍ଚଳିକ ସଂଘର୍ଷ ସମୟରେ ଡ୍ରୋନ୍ ଏବଂ ମିସାଇଲ୍ ଆକ୍ରମଣର ସାମ୍ନା କରିବା ପରେ ୟୁଏଇ ନିଜର ପ୍ରତିରକ୍ଷା ରଣନୀତିରେ ପରିବର୍ତ୍ତନ କରୁଛି। ବିଶେଷ କରି ନିଜର ଗ୍ୟାସ୍ ଓ ତେଲ ରପ୍ତାନିର ପ୍ରମୁଖ ଜଳମାର୍ଗ ହର୍ମୁଜ ପ୍ରଣାଳୀ'ର ସୁରକ୍ଷା ପାଇଁ ଦେଶଟି ଚିନ୍ତିତ ଅଛି। ୟୁଏଇ ପାଖରେ ପୂର୍ବରୁ ଆମେରିକା ନିର୍ମିତ ପାଟ୍ରିଅଟ୍ ଏବଂ ଥାଡ୍ ଭଳି ପ୍ରତିରକ୍ଷା ପ୍ରଣାଳୀ ରହିଛି, ମାତ୍ର ଭାରତୀୟ ସେନା ଦ୍ୱାରା ବ୍ୟବହୃତ ସ୍ୱୟଂଚାଳିତ 'ଆକାଶତୀର' ସିଷ୍ଟମ୍ ଏହି ସମସ୍ତ ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଶତ୍ରୁର ଆକାଶମାର୍ଗ ଆକ୍ରମଣକୁ ରୋକିବାରେ ସାହାଯ୍ୟ କରିବ। ଭାରତ ଏବଂ ରୁଷର ମିଳିତ ସହଯୋଗରେ ନିର୍ମିତ ବ୍ରହ୍ମୋସକୁ ବିଶ୍ୱର ସବୁଠାରୁ ଦ୍ରୁତଗାମୀ ସୁପରସୋନିକ କ୍ରୁଜ୍ ମିସାଇଲ୍ ଭାବେ ଗଣାଯାଏ।

## ଶେଷରେ ସିନ୍ଦେ ଶିବିରରେ ସାମିଲ ହେଲେ ଉଦ୍ଧବ ଗୋଷ୍ଠୀର ୬ ସାଂସଦ

ମୁମ୍ବଇ, ୨୨।୬(ଏଜେନ୍ସି):ମହାରାଷ୍ଟ୍ର ରାଜନୀତିରେ ପୁଣି ଏକ ବଡ଼ ଧରଣର ବିପର୍ଯ୍ୟୟ ଦେଖାଦେଇଛି। ଉଦ୍ଧବ ଠାକରେଙ୍କ ଗୋଷ୍ଠୀର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ସାଂସଦ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଅସଲି 'ଶିବସେନା' ଦଳରେ ସାମିଲ ହୋଇଛନ୍ତି। ଏହା ସହିତ ଗତ କିଛି ଦିନ ଧରି ଚାଲିଥିବା ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଦଳ ବଦଳ କରିଥିବା ବିଦ୍ରୋହୀ ସାଂସଦମାନଙ୍କ ମଧ୍ୟରେ ଓମରାଜେ ନିମ୍ବାଲକର, ସଞ୍ଜୟ ଦୀନା ପାଟିଲ, ସଞ୍ଜୟ ଯାଦବ, ସଞ୍ଜୟ ଦେଶମୁଖ, ନାଗେଶ ପାଟିଲ ଆଷ୍ଟିକର ଏବଂ ଭାଉସାହେବ ୱାକଚୌରେ ସାମିଲ ଅଛନ୍ତି। ଏହି ସାଂସଦମାନଙ୍କୁ ସ୍ୱାଗତ କରି ସିନ୍ଦେ କହିଛନ୍ତି, '୬ ଜଣ ବାଘ ଏବେ ଅସଲି ଶିବସେନା ପରିବାରକୁ ଫେରିଆସିଛନ୍ତି।' ଦଳ ବଦଳ ବିରୋଧୀ ଆଇନ ଅନୁସାରେ ସାଂସଦ ପଦ ବଜାୟ ରଖିବା ପାଇଁ ଅତିକମରେ ଦୁଇ-ତୃତୀୟାଂଶ (୬ ଜଣ) ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିଲା, ଯାହାଫଳରେ ଏହି ସାଂସଦମାନେ ଏବେ ଆଇନଗତ ଭାବେ ସୁରକ୍ଷିତ ଅଛନ୍ତି। ୪ ବର୍ଷ ପୂର୍ବେ ୨୨ ଜୁନ୍ ୨୦୨୨ରେ ଏକନାଥ ସିନ୍ଦେ ୪୦ ଜଣ ବିଧାୟକଙ୍କ ସହ ବିଦ୍ରୋହ କରିଥିଲେ। ସେହି ଐତିହାସିକ ଦିନର ବାର୍ଷିକୀରେ ଏହି ବଡ଼ ସଫଳତାକୁ ନେଇ ସିନ୍ଦେ କହିଛନ୍ତି, 'ସେତେବେଳେ ଆମେ ଚୌକା (୪୦ ବିଧାୟକ) ମାରିଥିଲୁ, ଆଉ ଆଜି ଆମେ ଛକା (୬ ସାଂସଦ) ମାରିଛୁ।' ଏହି ଯୋଗଦାନ ପରେ ଶିବସେନା ଏବେ ମହାରାଷ୍ଟ୍ରର ଦ୍ୱିତୀୟ ବୃହତ୍ତମ ଦଳରେ ପରିଣତ ହୋଇଛି। ନିଜ ନିର୍ବାଚନ ମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ ପାଇଁ ପାଣ୍ଠିର ଅଭାବ ଯୋଗୁଁ ସେମାନେ ଉଦ୍ଧବ ଗୋଷ୍ଠୀ ଛାଡ଼ିଥିବା ସାଂସଦମାନେ ପ୍ରକାଶ କରିଛନ୍ତି। ଉଦ୍ଧବ ଠାକରେଙ୍କ ଦ୍ୱାରା ଦିଲ୍ଲୀରେ ଡକାଯାଇଥିବା ଜରୁରୀକାଳୀନ ବୈଠକରେ ମାତ୍ର ୩ ଜଣ ସାଂସଦ ଉପସ୍ଥିତ ରହିବା ପରେ ହିଁ ଏହି ବିଦ୍ରୋହ ସ୍ପଷ୍ଟ ହୋଇଯାଇଥିଲା। ଇତିମଧ୍ୟରେ ଉଦ୍ଧବ ସେନାର ବିଧାୟକ ଦଳରେ ମଧ୍ୟ ଫାଟ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଉଦ୍ଧବ ଆଜି ଡାକିଥିବା ବୈଠକକୁ ସେନାର ୩ ବିଧାୟକ ଆସି ନାହାନ୍ତି।

# ଇସ୍ତଫା ଦେଲେ ବ୍ରିଟେନ ପ୍ରଧାନମନ୍ତ୍ରୀ ଷ୍ଟାର୍ମର



ଲଣ୍ଡନ, ୨୨।୬(ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ଆଜି ନିଜ ପଦବୀରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ଶାସକ ଦଳ ଲେବର ପାର୍ଟି ମଧ୍ୟରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ବିବାଦ ଏବଂ ରାଜନୈତିକ ଅସ୍ଥିରତା ଯୋଗୁଁ ସେ ଏହି ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଆଜି ସକାଳେ ବ୍ରିଟେନର ମହାରାଜା ଚାର୍ଲ୍ସ (ତୃତୀୟ)ଙ୍କୁ ଭେଟି ନିଜ ନିଷ୍ପତ୍ତି ସମ୍ପର୍କରେ ଜଣାଇଛନ୍ତି। ଗ୍ରେଟର୍ ମାଞ୍ଚେଷ୍ଟରର ପୂର୍ବତନ ମେୟର ଆଣ୍ଡି ବର୍ନହାମ୍ ବର୍ତ୍ତମାନ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଦୌଡ଼ରେ ସବୁଠାରୁ ଆଗରେ ରହିଛନ୍ତି।

୧୦ ଡାଉନିଂ ଷ୍ଟ୍ରିଟ୍ ବାସଭବନ ସମ୍ମୁଖରେ ଦେଶବାସୀଙ୍କୁ ସମ୍ବୋଧିତ କରି ଷ୍ଟାର୍ମର କହିଛନ୍ତି ଯେ, ଆଗାମୀ ସାଧାରଣ ନିର୍ବାଚନରେ ସେ ଦଳର ନେତୃତ୍ୱ ନେବା ଉଚିତ କି ନୁହେଁ, ସେ ନେଇ ଦଳ ମଧ୍ୟରେ ପ୍ରଶ୍ନ ଉଠିଥିଲା। ସେ କହିଛନ୍ତି, 'ମୁଁ ମୋ ଦଳର ଉତ୍ତର ଶୁଣିଛି ଏବଂ ସେହି ନିଷ୍ପତ୍ତିକୁ ସମ୍ମାନର ସହ ଗ୍ରହଣ କରୁଛି।' ଦଳର ନୂତନ ନେତା ଚୟନ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବେ। ୨୦୨୪ ମସିହା ସାଧାରଣ ନିର୍ବାଚନରେ କଞ୍ଜରଭେଟିଭ୍ ପାର୍ଟିର ୧୪ ବର୍ଷର ଶାସନକୁ ଶେଷ କରି ଷ୍ଟାର୍ମରଙ୍କ ନେତୃତ୍ୱରେ ଲେବର ପାର୍ଟି ବହୁମତ ହାସଲ କରିଥିଲା। ମାତ୍ର ମାତ୍ର ଦୁଇ ବର୍ଷର ଶାସନ କାଳ ମଧ୍ୟରେ ଦେଶର ଅର୍ଥନୀତି, ଜନସେବାରେ ଅବହେଳା ଏବଂ ଦଳୀୟ କନ୍ଦଳ ଯୋଗୁଁ ସେ ଜନସାଧାରଣଙ୍କ ସମର୍ଥନ ହରାଇବାକୁ ଲାଗିଥିଲେ। ନିକଟରେ ଦଳର ନେତା ଆଣ୍ଡି ବର୍ନହାମଙ୍କ ସଂସଦୀୟ ବିଜୟ ପରେ ଷ୍ଟାର୍ମରଙ୍କ ଉପରେ ନେତୃତ୍ୱ ପରିବର୍ତ୍ତନ ପାଇଁ ଚାପ ବହୁତ ବଢ଼ିଯାଇଥିଲା।

**ଆଣ୍ଡି ବର୍ନହାମ୍ ପ୍ରଧାନମନ୍ତ୍ରୀ ପଦ ଦୌଡ଼ରେ ସର୍ବାଗ୍ରେ**

ନିଜ ଭାଷଣରେ ସେ ଭାବୁକ ହୋଇ କହିଥିଲେ ଯେ ଏବେ ସେ ନିଜ ପରିବାର ଏବଂ ପିଲାମାନଙ୍କ ସହ ସମୟ ବିତାଇବେ। ଦଳର ନିୟମ ଅନୁସାରେ ଆସନ୍ତା ଜୁଲାଇ ୯ ତାରିଖରୁ ନୂତନ ନେତା ଚୟନ ପାଇଁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହେବ ଏବଂ ସେପ୍ଟେମ୍ବର ମାସରେ ସଂସଦ ଅଧିବେଶନ ପୂର୍ବରୁ ବ୍ରିଟେନକୁ ଏକ ନୂତନ ପ୍ରଧାନମନ୍ତ୍ରୀ ମିଳିଯିବେ।



## କତାର ଗ୍ୟାସ୍ କାରଖାନାରେ ବିସ୍ଫୋରଣ; ୧୨ ଭାରତୀୟ ମୃତ

ଦୋହା, ୨୨।୬(ଏଜେନ୍ସି): କତାର୍‌ର ରାସ୍ ଲାଫାନ୍ ଶିଳ୍ପ ନଗରୀରେ ଥିବା ବାର୍‌ଜାନ୍ ଗ୍ୟାସ୍ କାରଖାନାରେ ଘଟିଥିବା ବିସ୍ଫୋରଣ ଓ ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି ଏବଂ ଆହତଙ୍କ ସଂଖ୍ୟା ୬୬ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ୧୨ ଜଣ ଭାରତୀୟ ନାଗରିକ ସାମିଲ ଅଛନ୍ତି ବୋଲି କତାର୍‌ର ଶକ୍ତି ମନ୍ତ୍ରୀ ସାଦ୍ ବିନ୍ ଶ୍ରେଇଦା ଅଲ୍-କାବି କହିଛନ୍ତି। ଏହି ଦୁଃଖଦାୟକ ଘଟଣା ପରେ ଦୋହାସ୍ଥିତ ଭାରତୀୟ ଦୂତାବାସ କତାର୍ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ରହିଛି। ଦୂତାବାସ ପକ୍ଷରୁ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରାଯିବା ସହ ପ୍ରଭାବିତ ପରିବାରକୁ ସହଯୋଗ କରିବା ପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। କେତେ ଜଣ ଭାରତୀୟ ଏଥିରେ ପ୍ରାଣ ହରାଇଛନ୍ତି, ସେ ନେଇ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ସ୍ଥାନୀୟ ଗଣମାଧ୍ୟମ ଅନୁସାରେ, ଗତ ରବିବାର ସନ୍ଧ୍ୟାରେ ଗ୍ୟାସ୍ କାରଖାନାଟିକୁ ପୁନର୍ବାର ଚାଲୁ କରାଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଆହତ ହୋଇଥିବା ୬୬ ଜଣ ଶ୍ରମିକ ଭାରତ, କତାର୍, ପାକିସ୍ତାନ, ନେପାଳ, ବାଂଲାଦେଶ, ତାନଜାନିଆ, କେନିଆ ଏବଂ ନାଇଜେରିଆ ଭଳି ବିଭିନ୍ନ ଦେଶର ବୋଲି ଜଣାପଡ଼ିଛି।

## ରାମ ମନ୍ଦିର ଦାନ ଅର୍ଥ ହେରଫେର
## ତୁରନ୍ତ ଶୁଣିବାକୁ ମନାକଲେ ହାଇକୋର୍ଟ




**ଟଙ୍କା ଗଣତି ଓ ସିସିଟିଭି ଯାଞ୍ଚରେ ତ୍ରୁଟି ଦର୍ଶାଇଲା ତଦନ୍ତକାରୀ ଦଳ**

ଆଲାହାବାଦ, ୨୨।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରକୁ ଆସୁଥିବା ଦାନ ଓ ପାଣ୍ଠି ପରିଚାଳନାରେ ହେଉଥିବା ବେଆଇନ ଅନିୟମିତତାର ତଦନ୍ତ ପାଇଁ ଦାୟର ଆବେଦନ ଉପରେ ଆଲାହାବାଦ୍ ହାଇକୋର୍ଟ ତୁରନ୍ତ ଶୁଣାଣି କରିବାକୁ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ କୌଣସି ଜରୁରୀ ପରିସ୍ଥିତି ନାହିଁ ଏବଂ ଉତ୍ତର ପ୍ରଦେଶ ସରକାର ଏହି ଅଭିଯୋଗ ଉପରେ ପୂର୍ବରୁ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ମୋହିତ ଅଶୋକ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରି ମନ୍ଦିରକୁ ମିଳୁଥିବା ଦାନର ବେଆଇନ ଆତ୍ମସାତର ସ୍ୱାଧୀନ ତଦନ୍ତ ସହ ସିଏଜି ଦ୍ୱାରା ଏହାର ଅଡିଟ୍ କରିବାକୁ ଦାବି କରିଥିଲେ। ଜୁନ୍ ୧୩ ତାରିଖରେ ମନ୍ଦିର ଟ୍ରଷ୍ଟର ଅନୁରୋଧ କ୍ରମେ ଉତ୍ତର ପ୍ରଦେଶ ସରକାର ଏହି ଅଭିଯୋଗର ତଦନ୍ତ ପାଇଁ ଏକ ସ୍ପେଶାଲ ଇନଭେଷ୍ଟିଗେସନ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ରାଜ୍ୟ ସରକାର ଏହି ବିଷୟରେ ଅବଗତ ଥିବାରୁ ଏବଂ ତଦନ୍ତ ଚାଲିଥିବାରୁ କୋର୍ଟ ଏହି ଆବେଦନ ଉପରେ କୌଣସି ଆଗୁଆ ଶୁଣାଣି ନକରି ଏହାକୁ ନିୟମିତ ପ୍ରକ୍ରିୟାରେ ରଖିଛନ୍ତି।

ରାମ ମନ୍ଦିରରେ ଦାନ ଅର୍ଥର ଚୋରି ଏବଂ ଅପବ୍ୟବହାର ଅଭିଯୋଗର ତଦନ୍ତ କରୁଥିବା ତିନି ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଏକାଧିକ ସ୍ତରରେ ଗୁରୁତର ତ୍ରୁଟି ଆବିଷ୍କାର କରିଛି। ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏହି ଦଳ ନଗଦ ଟଙ୍କା ପରିଚାଳନା, କର୍ମଚାରୀ ନିଯୁକ୍ତି ଏବଂ ସୁରକ୍ଷା ବ୍ୟବସ୍ଥାରେ ବ୍ୟାପକ ଅବହେଳା ହୋଇଥିବା ଦର୍ଶାଇଛି। ତଦନ୍ତ ଅନୁସାରେ, ମନ୍ଦିର ଟ୍ରଷ୍ଟର ବ୍ୟାଙ୍କିଙ୍ଗ୍ କାର୍ଯ୍ୟ ପରିଚାଳନା କରୁଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଟଙ୍କା ଗଣତି ପାଇଁ ଏକ ବେସରକାରୀ ସଂସ୍ଥା ଜରିଆରେ କର୍ମଚାରୀ ନିଯୁକ୍ତି କରିଥିଲା। ମାତ୍ର ଏହି ନିଯୁକ୍ତି ପ୍ରକ୍ରିୟାରେ ସୁପାରିଶ ଓ ସ୍ୱଜନତୋଷଣର ଆଶ୍ରୟ ନିଆଯାଇଥିବା ବେଳେ କର୍ମଚାରୀଙ୍କର କୌଣସି ସଠିକ୍ ଯାଞ୍ଚ କରାଯାଇ ନଥିଲା।

# ଚିନ୍ତା ବଢ଼ାଇଲା ଉପଗ୍ରହ ଚିତ୍ର



ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ପ୍ରଶାନ୍ତ ମହାସାଗରରେ ଏକ ଶକ୍ତିଶାଳୀ 'ଏଲ୍ ନିନୋ' ପାଣିପାଗ ପ୍ରକ୍ରିୟା ଦ୍ରୁତ ଗତିରେ ସକ୍ରିୟ ହେବାରେ ଲାଗିଛି। ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା'ର ଏକ ବିଶେଷ ଉପଗ୍ରହ ସମୁଦ୍ର ମଧ୍ୟରେ ସୃଷ୍ଟି ହେଉଥିବା ଏହି ଭୟଙ୍କର ଉଷ୍ମତାର ତରଙ୍ଗକୁ ଚିହ୍ନଟ କରିଛି। ସମୁଦ୍ର ଗର୍ଭରେ ବିପୁଳ ପରିମାଣର ଗରମ ଜଳ ଜମା ହେବା ଯୋଗୁଁ ସେଠାରେ ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି, ଯାହା ଆଗାମୀ ଦିନରେ ସମଗ୍ର ବିଶ୍ୱରେ ସାଂଘାତିକ ପାଣିପାଗ ବିପର୍ଯ୍ୟୟ ସୃଷ୍ଟି କରିବାର ଆଶଙ୍କା ବଢ଼ାଇ ଦେଇଛି। ନାସାର 'ସେଣ୍ଟିନେଲ୍-୬' ଉପଗ୍ରହ ଦ୍ୱାରା ଗତ ଜୁନ୍ ୮ ତାରିଖରେ ସଂଗୃହିତ ତଥ୍ୟ ଅନୁଯାୟୀ, କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରର ଏକ ବଡ଼ ଭାଗ ମାନଚିତ୍ରରେ ଲାଲ୍ ରଙ୍ଗର ଦେଖାଯାଉଛି। ଏହାର ଅର୍ଥ ହେଉଛି ସେହି ଅଞ୍ଚଳରେ ସମୁଦ୍ର ପତ୍ତନ ସ୍ୱାଭାବିକ ଠାରୁ ବହୁତ ଉପରକୁ ଉଠିଯାଇଛି। ସାଧାରଣତଃ ସମୁଦ୍ରର ଗଭୀରରେ ଥିବା ଜଳ ଅତ୍ୟଧିକ ଗରମ ହେଲେ ତାହା ପ୍ରସାରିତ ହୋଇଥାଏ ଏବଂ ଜଳସ୍ତର ବୃଦ୍ଧି ପାଇଥାଏ। ପାଣିପାଗ ବିଜ୍ଞାନୀଙ୍କ ଅନୁସାରେ, ବର୍ତ୍ତମାନର ଏହି ସ୍ଥିତି ୧୯୯୭ ମସିହାରେ ଦେଖାଦେଇଥିବା ବିଶ୍ୱର ସବୁଠାରୁ ଭୟଙ୍କର ଏଲ୍ ନିନୋ ସହ ସମାନ, ଯାହାକୁ 'ଗଡ୍‌ଜିଲା ଏଲ୍ ନିନୋ' ବୋଲି କୁହାଯାଏ। ସେହି ବର୍ଷ ଏହି ପ୍ରଭାବ ଯୋଗୁଁ ବିଭିନ୍ନ ମହାଦେଶରେ ପ୍ରଳୟଙ୍କରୀ ବନ୍ୟା, ଭୟାବହ ମରୁଡ଼ି, ଫସଲ ହାନି ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଦେଖାଦେଇଥିଲା।

**ଭୟଙ୍କର 'ଗଡ୍‌ଜିଲା ଏଲ୍ ନିନୋ' ବନ୍ୟା, ବାତ୍ୟା, ମରୁଡ଼ି ଆଶଙ୍କା**

ପ୍ରଶାନ୍ତ ମହାସାଗରରେ ପ୍ରବାହିତ ନିୟମିତ ପବନ ଦୁର୍ବଳ ହେବା କିମ୍ବା ଓଲଟା ଦିଗରେ ବହିବା ଯୋଗୁଁ ଏହି ସ୍ଥିତି ଉପୁଜିଥାଏ। ପବନର ଦିଗ ବଦଳିବା ଦ୍ୱାରା ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆ ନିକଟରେ ଥିବା ଗରମ ଜଳ ଧୀରେ ଧୀରେ ଆମେରିକା ମହାଦେଶ ଆଡ଼କୁ ଗତି କରିଥାଏ। ଏହାକୁ ସମୁଦ୍ର ଭିତରର 'କେଲଭିନ୍ ତରଙ୍ଗ' କୁହାଯାଏ। ଏହି ପ୍ରକ୍ରିୟା ଦକ୍ଷିଣ ଆମେରିକା ଉପକୂଳରେ ସମୁଦ୍ର ତଳୁ ଆସୁଥିବା ଥଣ୍ଡା ଜଳକୁ ଅଟକାଇ ଦେଇଥାଏ, ଯାହାଫଳରେ ସମୁଦ୍ରର ତାପମାତ୍ରା ସ୍ୱାଭାବିକ ଠାରୁ ବହୁତ ବଢ଼ିଯାଏ। ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳୀୟ ସଂସ୍ଥା ପକ୍ଷରୁ ଜୁନ୍ ୧୧ ତାରିଖରେ ଆନୁଷ୍ଠାନିକ ଭାବେ 'ଏଲ୍ ନିନୋ' ସକ୍ରିୟ ହୋଇଥିବା ଘୋଷଣା କରାଯାଇଛି। ଯେତେବେଳେ ବି ଏଲ୍ ନିନୋ ଶକ୍ତିଶାଳୀ ହୁଏ, ସେତେବେଳେ ଆମେରିକାର କେତେକ ଅଞ୍ଚଳରେ ଅତ୍ୟଧିକ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଏବଂ ଏସିଆ ମହାଦେଶର ଅନେକ ଭାଗରେ ଭୟଙ୍କର ମରୁଡ଼ି ଦେଖାଦେଇଥାଏ।

## ଉତ୍ତରାଖଣ୍ଡ ଶିଖ୍ ଗୁରୁଦ୍ୱାରରେ ସଶସ୍ତ୍ର ନିହଙ୍ଗଙ୍କ ଉତ୍ପାତ; ସେନା ମୁତୟନ

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି): ଉତ୍ତରାଖଣ୍ଡର ନାଗରାସୁ ସ୍ଥିତ ଏକ ଗୁରୁଦ୍ୱାରରେ ପ୍ରଶାସନ ଏବଂ ସଶସ୍ତ୍ର ନିହଙ୍ଗ ଶିଖମାନଙ୍କ ମଧ୍ୟରେ ଚାଲିଥିବା ବିବାଦ ଆଜି ତୃତୀୟ ଦିନରେ ପହଞ୍ଚିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସୋମବାର ଦିନ ସେନା ବାହିନୀ ଘଟଣାସ୍ଥଳରେ ପହଞ୍ଚିଛି। ଏହା ସହିତ ସୁରକ୍ଷା ପାଇଁ ଆରକ୍ଷୀ ବାହିନୀ (ପୁଲିସ୍) ଏବଂ ଭାରତ-ତିବ୍ବତ ସୀମା ପୁଲିସ୍ (ଆଇଟିବିପି) କୁ ମଧ୍ୟ ମୁତୟନ କରାଯାଇଛି। ଜୁନ୍ ୨୦ ତାରିଖରୁ ପ୍ରାୟ ୮ ଜଣ ଧାରୁଆ ଅସ୍ତ୍ରଶସ୍ତ୍ର ସହ ସଶସ୍ତ୍ର ନିହଙ୍ଗ ଶିଖ୍ ଗୁରୁଦ୍ୱାରର ତୃତୀୟ ମହଲାରେ ନିଜକୁ ଆବଦ୍ଧ କରି ରଖିଛନ୍ତି। ସେମାନେ ଜଣେ ଶ୍ରଦ୍ଧାଳୁ ଏବଂ ଜଣେ ସେବାଦାରଙ୍କୁ ବନ୍ଧକ ରଖିଥିବା ଜଣାପଡ଼ିଛି। ଗତ ଜୁନ୍ ୧୬ ତାରିଖରେ ଚାମୋଲିରେ ଗାଡ଼ି ରଖିବା (ପାର୍କିଂ) ବିବାଦକୁ ନେଇ ସ୍ଥାନୀୟଲୋକଙ୍କ ସହ ହୋଇଥିବା ସଂଘର୍ଷ ମାମଲାରେ ଗିରଫ ହୋଇଥିବା ନିଜ ସମ୍ପ୍ରଦାୟର ୪ ଜଣ ସଦସ୍ୟଙ୍କ ମୁକ୍ତି ଦାବିରେ ସେମାନେ ଏଭଳି କରିଛନ୍ତି। ଗୁରୁଦ୍ୱାର ପରିଚାଳନା କମିଟି ଅନୁସାରେ, ଏହି ନିହଙ୍ଗମାନେ ଆନ୍ଦୋଳନ ପାଇଁ ଆସିବାକୁ ଥିବା ସେମାନଙ୍କ ସମର୍ଥକଙ୍କ ପାଇଁ ୫୦ ରୁ ୬୦ଟି କୋଠରୀ ମାଗିଥିଲେ। ଗୁରୁଦ୍ୱାର କର୍ତ୍ତୃପକ୍ଷ ଏଥିରେ ଅସମର୍ଥ ପ୍ରକାଶ କରିବାରୁ ସେମାନେ ଉଗ୍ର ରୂପ ଧାରଣ କରିଥିଲେ। ବର୍ତ୍ତମାନ ପ୍ରଶାସନ ଓ ପୁଲିସ୍ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଚଳାଇଛନ୍ତି ଏବଂ ଜଣେ ନିହଙ୍ଗ ଆଲୋଚନା ପାଇଁ ଆଗକୁ ଆସିଛନ୍ତି। ଜୁନ୍ ୧୬ର ସଂଘର୍ଷରେ ୪ ଜଣ ସ୍ଥାନୀୟ ବାସିନ୍ଦା ଆହତ ହୋଇଥିଲେ, ଯାହା ପରେ ପଞ୍ଜାବର ମୋହାଲି ନିବାସୀ ୪ ଜଣ ନିହଙ୍ଗଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ ବନ୍ଧକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଏବଂ ସ୍ଥିତିକୁ ଶାନ୍ତ ପଡ଼ିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯାଉଛି।

ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ‘ଶୂନ୍ୟ ମୃତ୍ୟୁହାର’ ଆମର ସଙ୍କଳ୍ପ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୨।୬(ସମିସ): ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଏକ ସମ୍ପୂର୍ଣ୍ଣ ‘ଫୁଲ୍ ପ୍ରୁଫ୍’ ବ୍ୟବସ୍ଥା ବିକଶିତ କରିଛି। ଓଡ଼ିଶାର ସଫଳ ‘ଜିରୋ କାଜୁଆଲ୍ଟି’ (ଶୂନ୍ୟ ମୃତ୍ୟୁହାର) ନୀତି ଆଜି ବିଶ୍ୱବ୍ୟାପୀ ଆଦୃତ ହୋଇଛି। ନିକଟରେ ପୁରୀଠାରେ ଅନୁଷ୍ଠିତ ବ୍ରିକ୍ସ ବିପର୍ଯ୍ୟୟ ବିପଦ

- ଏଲ୍ ନିନୋ ମୁକାବିଲା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ
- କଣ୍ଟିନ୍‌ଜେନ୍ସି ପ୍ଲାନ୍ ପ୍ରସ୍ତୁତ ପାଇଁ କୃଷି ବିଭାଗକୁ ନିର୍ଦ୍ଦେଶ
- ପ୍ରତି ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ପାଇଁ ୬ ଲକ୍ଷ ଟଙ୍କା

ହ୍ରାସ କାର୍ଯ୍ୟଗୋଷ୍ଠୀର ବୈଷୟିକ ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟ ରାଜ୍ୟର ଏହି ଦୀର୍ଘକାଳୀନ ବିପର୍ଯ୍ୟୟ ପ୍ରଶମନ ଓ ନିରାକରଣ ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ରାଜ୍ୟରେ ଆଗାମୀ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଓ ପ୍ରାକ୍-ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଥିବା ୯୧୧ଟି ବହୁମୁଖୀ ଆଶ୍ରୟସ୍ଥଳୀର ବାର୍ଷିକ ରକ୍ଷଣାବେକ୍ଷଣ ପାଇଁ ଆଶ୍ରୟସ୍ଥଳୀ ପିଛା ୬ ଲକ୍ଷ ଟଙ୍କା ଲେଖାଏଁ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି, ଯେଉଁଠାରେ ପାନୀୟ ଜଳ, ଆଲୋକ ଓ ରନ୍ଧାଖାଦ୍ୟର ବ୍ୟବସ୍ଥା ପ୍ରାକ୍-ପ୍ରସ୍ତୁତି ସମୟରେ ହିଁ ସୁନିଶ୍ଚିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ଚଳିତ ବର୍ଷ



‘ଏଲ୍ ନିନୋ’ ପ୍ରଭାବ ଯୋଗୁଁ କମ୍ ବୃଷ୍ଟିପାତ ହେବାର ଆଶଙ୍କା ଥିବାରୁ ଖରିଫ ଫସଲ ଯେପରି ପ୍ରଭାବିତ ନ ହେବ, ସେଥିପାଇଁ କୃଷି, ଜଳସେଚନ ଓ ଅନ୍ୟ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗକୁ ସ୍ୱତନ୍ତ୍ର କଣ୍ଟିଜେନ୍ସି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ରାଜ୍ୟସ୍ତରୀୟ ମନିଟରିଂ ମେକାନିଜିମ୍ ଜରିଆରେ ବୃଷ୍ଟିପାତ, ଜଳସ୍ତର, କ୍ରପ-ପ୍ଲାନିଙ୍ଗ୍ ଏବଂ ସାର ଓ ବିହନ ଯୋଗାଣର ନିୟମିତ ତଦାରଖ କରାଯାଉଛି। ଚଳିତ ବର୍ଷ ମଧ୍ୟପ୍ରାଚ୍ୟରେ ଅଶାନ୍ତ ପରିବେଶ ଯୋଗୁଁ ବିଶ୍ୱବ୍ୟାପୀ ସାର ସଙ୍କଟ ଦେଖାଦେଇପାରେ, ତେଣୁ ୟୁରିଆ ଓ କମ୍ପ୍ଲେକ୍ସ ସାର ଯୋଗାଣ ଉପରେ ତୀକ୍ଷଣ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ପର୍ଯ୍ୟାପ୍ତ ‘ନାନୋ ୟୁରିଆ’ ମହଜୁଦ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି।

ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦର୍ଶାଇଥିଲେ ଯେ ଓଡ଼ିଶା କିଭଳି ବିଗତ ଦିନରେ ପ୍ରାକୃତିକ ସଂକଟଗୁଡ଼ିକର ସଫଳତାର ସହ ମୁକାବିଲା କରି ସାରା ବିଶ୍ୱରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି। ବିଶେଷ କରି ସରକାରଙ୍କ ସୁଚିନ୍ତିତ ପ୍ରାକ୍-ପ୍ରସ୍ତୁତି ଏବଂ ସମୟୋଚିତ ଉଦ୍ଧାର କାର୍ଯ୍ୟ ଯୋଗୁଁ ରାଜ୍ୟ ‘ଜିରୋ କାଜୁଆଲ୍ଟି’ ବା ଶୂନ୍ୟ ମୃତ୍ୟୁହାର ନୀତିକୁ ସଫଳତାର ସହ ପାଳନ କରିବାରେ ସମର୍ଥ ହୋଇଛି। ଏହି ଅବସରରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ, ବିଧାୟକ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରି ରାଜ୍ୟର ସ୍ୱାସ୍ଥ୍ୟମିତ୍ରମାନଙ୍କର ଏକ ପ୍ରତିନିଧିମଣ୍ଡଳୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି

ସକ୍ରିୟ ହେବ ମୌସୁମୀ

# ୪୮ ଘଣ୍ଟାରେ ସାରା ଓଡ଼ିଶାକୁ ଛୁଇଁବ

ଭୁବନେଶ୍ୱର,୨୨।୬(ସମିସ): ରାଜ୍ୟରେ ମୌସୁମୀ ସକ୍ରିୟ ହେବାକୁ ପାଗ ଅନୁକୂଳ ହେଉଛି। ମୌସୁମୀ ନିମ୍ନଚାପ ରେଖା ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ରାଜ୍ୟରେ ମୌସୁମୀ ସକ୍ରିୟ ହେବାର ସମ୍ଭାବନା ରହିଛି। ଏହି କ୍ରମରେ ସୋମବାର ରାଜ୍ୟର କେତେକ ଜିଲ୍ଲାକୁ ମୌସୁମୀ ଅଗ୍ରସର ହୋଇଥିବା ବେଳେ ସକାଳୁ ବିଭିନ୍ନ ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ମୌସୁମୀ ସକ୍ରିୟ ହେଉଥିବା ଯୋଗୁଁ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ସାରା ଓଡ଼ିଶାକୁ ମୌସୁମୀ ଛୁଇଁଯିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଅନ୍ୟପଟେ ମୌସୁମୀ ବାୟୁ ଅଗ୍ରସର ହେବା ସହ ଆସନ୍ତା ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି। ଆସନ୍ତା ୩ ଦିନ ପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ବର୍ଷା ଜନିତ ଚେତାବନୀ ଜାରି କରିଛି। ମଙ୍ଗଳବାର ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ବେଳେ ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ଗଜପତି ଜିଲ୍ଲାରେ ଭାରି ବର୍ଷା ହେବା ସହ ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଭାରି ବର୍ଷା ହେବାକୁ ଥିବା ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ଆଲର୍ଟ ଜାରି କରିଛି। ବାକି ସବୁ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

ମୌସୁମୀ ସକ୍ରିୟ ହେବା ଦ୍ୱାରା ସୋମବାର ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ଓ ମେଘୁଆ ପାଗ ଲାଗି ରହିଛି। ଭୁବନେଶ୍ୱରରେ ଦିନ ତମାମ କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ହୋଇଛି। ଏହା ସହିତ ଗତ ୩୬ ଘଣ୍ଟାରେ ସୋନପୁରରେ ସର୍ବାଧିକ ୭୧.୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସୁନ୍ଦରଗଡ଼ରେ ୪୨ ମିମି, କୋରାପୁଟ ୨୯, ଛତ୍ରପୁର ୧୭ ଓ ଚାନ୍ଦବାଲିରେ ୧୬ ମିମି ବର୍ଷା ରେକର୍ଡ କରାଯାଇଛି।

# ପୁଲିସ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣେ ମୃତ

ପୁରୀ,୨୨।୬(ସମିସ): ପୁରୀ-କୋଣାର୍କ ଜାତୀୟ ରାଜପଥରେ ଶନିବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଛି। ପୁଲିସ ଏସ୍କର୍ଟ ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି। ଶନିବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ବାଲିଗୁଆଳି ଛକ ନିକଟରେ ଏଭଳି ଅଘଟଣ ଦେଖିବାକୁ ମିଳିଛି। ମୃତକ ହେଉଛନ୍ତି ସଦର ଥାନା ଅନ୍ତର୍ଗତ ଗଇଣ୍ଡଳ ଗାଁର କୁନା



ବେହେରା (୨୪)। ସେହିପରି ଗୁରୁତର ହୋଇଥିବା ବ୍ୟକ୍ତି ହେଉଛନ୍ତି ଛଇତନା ଇତିଭୂଆଁ ଗାଁର ସୁଜିତ୍ ସାହୁ।

ମଳିଥିବା ସୂଚନା ଅନୁଯାୟୀ, ଉଭୟେ ସନ୍ଧ୍ୟାରେ ବାଇକ୍ ଯୋଗେ ପୁରୀରୁ ଗାଁ ଅଭିମୁଖେ ଯାଉଥିଲେ। ଏହି ସମୟରେ ଏକ ଷଣ୍ଢ ଗାଡ଼ି ଆଗକୁ ଚାଲି ଆସିଥିଲା। ଫଳରେ ଭାରସାମ୍ୟ ହରାଇବାବେଳେ ପଛ ପଟୁ ଆସୁଥିବା ପୁଲିସ ଏସ୍କର୍ଟ ଗାଡ଼ି ଧକ୍କା ଦେଇ ଉଭୟଙ୍କୁ ଘୋଷାଡ଼ି ନେଇଥିଲା। ପୁଲିସ ତୁରନ୍ତ ଉଭୟଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ହେଲେ ଡାକ୍ତର କୁନାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ସୁଜିତ୍‌ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣା ଖବର ପାଇ ପୁଲିସ ଫୋର୍ସ ସହ ବିଭିନ୍ନ ଥାନାର ଅଧିକାରୀ, ସିଟି ଡିଏସ୍‌ପି ଓ ସଦର ଏସ୍‌ଡିପିଓ ହସ୍ପିଟାଲରେ ପହଞ୍ଚିଛନ୍ତି। ମୃତ ଶରୀରକୁ ବ୍ୟବଚ୍ଛେଦ ନିମନ୍ତେ ରଖାଯାଇଛି। ସେହିପରି କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡ଼ାଇବା ନିମନ୍ତେ ମେଡିକାଲ ପରିସରରେ ପୁଲିସ ମୁତୟନ ରହିଛନ୍ତି। ସମ୍ପର୍କୀୟ ପହଞ୍ଚିବା ପରେ ମେଡିକାଲରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ତେବେ ଘଟଣା ସମ୍ପର୍କରେ ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି କି,

## ମେଡିକାଲରେ ଉତ୍ତେଜନା

ସନ୍ଧ୍ୟା ପ୍ରାୟ ୭ଟା ୩୦ ସମୟରେ ଏସ୍କର୍ଟ ଗାଡ଼ି ଜେଲ୍ ଅଭିମୁଖେ ଯାଉଥିବାବେଳେ ଆଗରେ ଯାଉଥିବା ଏକ ବାଇକ୍‌ରେ ଦୁଇଜଣ ବ୍ୟକ୍ତି ଥିଲେ। ସେହି ସମୟରେ ବାଇକ୍‌ଟି ଏକ ଷଣ୍ଢ ସହ ଧକ୍କା ହୋଇ ଉଭୟେ ଗାଡ଼ି ସହ ରାସ୍ତା ମଝିରେ ହଠାତ୍ ପଡ଼ିଯାଇଥିଲେ। ପଛରୁ ଯାଉଥିବା ପୁଲିସ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣା ଦେଖି ଏସ୍କର୍ଟ ଟିମ୍ ତୁରନ୍ତ ଉଦ୍ଧାର କରି ଉଭୟଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର କୁନାଙ୍କୁ ମୃତ ଘୋଷଣା କରିଥିଲେ। ଆହତ ସୁଜିତ୍‌ଙ୍କୁ ଭୁବନେଶ୍ୱର ଏବଂ ସେଠାରୁ ଏସ୍‌ସିବି ସ୍ଥାନାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ଗୃହ ଆଗରେ ମୃତକଙ୍କ ମାଆ ଓ ପରିବାର ଲୋକେ ପ୍ରତିବାଦ କରୁଛନ୍ତି। ପରିସ୍ଥିତି ଶାନ୍ତ କରିବା ପାଇଁ ପୁଲିସ ଫୋର୍ସ ସହ ବିଭିନ୍ନ ଥାନାର ଅଧିକାରୀମାନେ ମେଡିକାଲରେ ମୁତୟନ ଅଛନ୍ତି।

ରାଜ୍ୟସଭା ନିର୍ବାଚନରେ ବିଧାୟକଙ୍କ କ୍ରସ ଭୋଟିଂ ପ୍ରସଙ୍ଗ

# ଗଣତନ୍ତ୍ରକୁ ହତ୍ୟା କରିଛନ୍ତି ବାଚସ୍ପତି: ବିଜେଡି

ଭୁବନେଶ୍ୱର,୨୨।୬(ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ କରିଥିବା ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ଆବେଦନ ଖାରଜ କରି ବାଚସ୍ପତି ନିଜ ପଦବୀର ଗରିମା କ୍ଷୁଣ୍ଣ କରିବା ସହ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି। ଏହା ୫୨ତମ ସମ୍ବିଧାନ ସଂଶୋଧନ ଓ ସମ୍ବିଧାନର ୧୦ମ ପରିଚ୍ଛେଦର ସମ୍ପୂର୍ଣ୍ଣ ପରିପନ୍ଥୀ। ବାଚସ୍ପତି ଦଳୀୟ ମନୋଭାବ ରଖି ଏହି ନିଷ୍ପତ୍ତି ନେଇଛନ୍ତି ଓ ନିଲମ୍ବିତ ବିଧାୟକମାନେ ବିଜେପିକୁ ଭୋଟ୍ ଦେଇଥିବାରୁ ବାଚସ୍ପତି ସଭ୍ୟପଦ ରଦ୍ଦ ଆବେଦନ ଖାରଜ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବାଚସ୍ପତି ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ତାଙ୍କ ଦଳୀୟ ନେତାଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଭିନ୍ନ ଆଳ ଦେଖାଇ ବାଚସ୍ପତି ବିଜୁ ଜନତା ଦଳର ଆବେଦନକୁ ଖାରଜ କରିଛନ୍ତି। ଗୋଟିଏ ଦଳର ଟିକେଟରେ ନିର୍ବାଚିତ ହୋଇ ଅନ୍ୟ ଦଳକୁ ଭୋଟ୍ ଦେବା ଦଳବିରୋଧୀ କାର୍ଯ୍ୟ। ଏମିତି ଏକ ଘଟଣାରେ ସିମଳା ବିଧାନସଭାରେ ଯେଉଁ ଆଧାରରେ ବିଧାୟକମାନଙ୍କୁ ନିଲମ୍ବିତ କରାଯାଇଥିଲା, ସେହି ଆଧାରରେ ଏଠାରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଉଚିତ୍। ଅଲଗା ଅଲଗା କାରଣ ଦର୍ଶାଇ କ୍ରସ୍ ଭୋଟିଂ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ କରିବା ପରିବର୍ତ୍ତେ ତାଙ୍କ ସପକ୍ଷରେ ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ। ବାଚସ୍ପତି ଆମ ସହ ଆଲୋଚନା କରି ତାଙ୍କ ନିଷ୍ପତ୍ତିକୁ ପରିବର୍ତ୍ତନ କରିବେ ବୋଲି ଆମେ ଆଶା କରୁଛୁ ବୋଲି ପ୍ରମିଳା କହିଛନ୍ତି।

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ



ସଂସଦୀୟ ଗଣତନ୍ତ୍ରରେ ରାଜନୈତିକ ଉତ୍ତରଦାୟିତ୍ୱ ଓ ଜନମତକୁ ସମ୍ମାନ ସର୍ବାଗ୍ରେ। ବିଜେପି ସରକାର ସମୟରେ ଏହାର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବାର ଜରୁରୀ ଆବଶ୍ୟକତା ଅଛି। ରାଜ୍ୟସଭା ନିର୍ବାଚନରେ ବିଜୁ ଜନତା ଦଳର ୮ ଜଣ ବିଧାୟକ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ବିଜେପି ଦଳକୁ ଭୋଟ୍ ଦେଇଥିଲେ। ୫୨ତମ ସମ୍ବିଧାନ ସଂଶୋଧନ ଅନୁଯାୟୀ ବାଚସ୍ପତି ବିଜୁ ଜନତା ଦଳ ଉଠାଇଥିବା ପ୍ରଶ୍ନର ସଠିକ ନିର୍ଣ୍ଣୟ ନେଇନାହାନ୍ତି। ସମ୍ବିଧାନର ୧୦ମ ପରିଚ୍ଛେଦ ଅନୁଯାୟୀ ଜଣେ ବିଧାୟକ ଯେଉଁ ଦଳରୁ ନିର୍ବାଚିତ ହୋଇଥାଏ, ସେହି ଦଳର ନିଷ୍ପତ୍ତି ବିରୋଧରେ ଆଚରଣ ଓ ଉଚ୍ଚାରଣ କରିବା ଦଳର ସଦସ୍ୟତା ପରିତ୍ୟାଗ କରିବା ସହ ସମାନ। ସଦସ୍ୟଙ୍କ କାର୍ଯ୍ୟକଳାପ, ସାର୍ବଜନୀନ ବକ୍ତବ୍ୟ ଓ ଦଳ ବିରୋଧୀ କାର୍ଯ୍ୟ ମାଧ୍ୟମରେ ଏହା ପ୍ରମାଣିତ। ବିଜେଡି ଆବେଦନର ମୂଳ ପ୍ରସଙ୍ଗ ଥିଲା ଯେ ଏହି ୮ ଜଣ ବିଧାୟକ

- ବାଚସ୍ପତିଙ୍କ ନିଷ୍ପତ୍ତି ସମ୍ବିଧାନର ୧୦ମ ଅନୁଚ୍ଛେଦର ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ
- ଦଳୀୟ ମନୋଭାବ ରଖି ବାଚସ୍ପତି ନିଜ ପଦମର୍ଯ୍ୟାଦା କ୍ଷୁଣ୍ଣ କରିଛନ୍ତି
- ବିଜେପିକୁ ଭୋଟ୍ ଦେଇଥିବାରୁ ସଭ୍ୟପଦ ରଦ୍ଦ ଆବେଦନ ଖାରଜ

ନିଜ ଆଚରଣ ଦ୍ୱାରା ଦଳର ସଦସ୍ୟତା ସ୍ୱଇଚ୍ଛାରେ ପରିତ୍ୟାଗ କରିଛନ୍ତି। ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ, କେବଳ ଔପଚାରିକ ଭାବରେ ଦଳ ଛାଡ଼ିବା ନୁହେଁ, ଦଳବିରୋଧୀ ଆଚରଣ ମଧ୍ୟ ସଦସ୍ୟତା ପରିତ୍ୟାଗ ଭାବେ ବିବେଚନା କରାଯିବ। କିନ୍ତୁ ବାଚସ୍ପତି ଏହାକୁ ଅଣଦେଖା କରି ମୂଳ ପ୍ରଶ୍ନର ନିଷ୍ପତ୍ତି ନ ନେଇ ପ୍ରକ୍ରିୟାଗତ ତ୍ରୁଟି କମା, ଫୁଲଷ୍ଟପ ଭଳି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ ସମ୍ବିଧାନ ଓ ଆଇନର ନିଶ୍ଚୟ ବିଜୟ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

■ ମହିଳାଙ୍କୁ ପ୍ରେମ ନିବେଦନ ଓ ଦୁଷ୍କର୍ମ ଘଟଣା

# ଶରଣକୁଳ ଆଇଆଇସି ସୁଜିତ୍ ଦାଶ ନିଲମ୍ବିତ

ନୟାଗଡ଼/କଟକ,୨୨।୬(ସମିସ): ଜଣେ ମହିଳାଙ୍କୁ ପ୍ରେମ ନିବେଦନ ପରେ କ୍ୱାର୍ଟର୍ସ ଓ ଭଡ଼ାଘରକୁ ଡାକି ତାଙ୍କ ଦୁଷ୍କର୍ମ ଅଭିଯୋଗରେ ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଧିକାରୀ ସୁଜିତ କୁମାର ଦାଶଙ୍କୁ ପୁଲିସ ମହାନିର୍ଦ୍ଦେଶକ ନିଲମ୍ବନ କରିଛନ୍ତି। ସେପଟେ ସୁଜିତ ଉଚ୍ଚ ନ୍ୟାୟାଳୟରେ ଜାମିନ ଆବେଦନ କରିଛନ୍ତି। କ୍ରାଇମବ୍ରାଞ୍ଚ ଶିଶୁ ଓ ମହିଳା ଅପରାଧ ଶାଖା ପକ୍ଷରୁ ଏହି ମାମଲାର ତଦନ୍ତ ଜାରି ରହିଛି। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ୪ ଜଣିଆ ଟିମ୍ ଘଟଣାର

## ଉଚ୍ଚ ନ୍ୟାୟାଳୟରେ ଜାମିନ ଆବେଦନ

ତଦନ୍ତ ଆରମ୍ଭ କରିଛନ୍ତି। ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ସହ ଓଡ଼ଗାଁ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଯାଇଛି। ମହିଳାଙ୍କୁ ଇନ୍ସପେକ୍ଟର ସୁଜିତ୍ ଦାଶ ଶରଣକୁଳ ଥାନା ବାଉଁଶିଆସ୍ଥିତ ଭଡ଼ାଘରେ ଡିସେମ୍ବର ମାସ ମହୋତ୍ସବ ସମୟରେ ଦୁଷ୍କର୍ମ କରିଥିବା ସୂଚନା ମିଳିଛି। ସେହି ଅନୁସାରେ ଭଡ଼ା ଘରକୁ ସିଲ୍ କରିଦିଆଯାଇଛି। ସୋମବାର ତଦନ୍ତ ଟିମ୍ ମହିଳାଙ୍କ ସହ ଆଲୋଚନା କରିଛନ୍ତି। ତଦନ୍ତ ପ୍ରକ୍ରିୟାର ସ୍ୱଚ୍ଛତା ଓ ନିରପେକ୍ଷତାକୁ ଦୃଷ୍ଟିରେ ରଖି ଇନ୍ସପେକ୍ଟର ସୁଜିତ ଦାସଙ୍କୁ ଶରଣକୁଳ ଥାନାରୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ଜିଲ୍ଲା ମୁଖ୍ୟାଳୟରେ ସେ ଯୋଗଦେବା ପରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟି ନେଇଥିଲେ। ଗତ ଶୁକ୍ରବାର ସେ ଛୁଟି ନେଇଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ମଧ୍ୟ ଦେଇଥିଲେ। ତେବେ କ୍ରାଇମବ୍ରାଞ୍ଚ ନୟାଗଡ଼ରେ ପହଞ୍ଚି ତଦନ୍ତକୁ ଜୋରଦାର କରିବା ପରେ ସୁଜିତ୍‌ଙ୍କ ଫୋନ୍ ଆଉ ଲାଗୁ ନାହିଁ। ମୋବାଇଲ୍ ସୁଇଚ୍‌ଅଫ୍ କରି ସେ ଫେରାର ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଛୁଟି ପରେ ପୁନଃ ଯୋଗଦାନ ସୁଯୋଗ ଦେଇ ନ ଥିଲେ କର୍ତ୍ତୃପକ୍ଷ

# ବାରାକ୍‌ରେ କନେଷ୍ଟବଲଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର ୨୨।୬ (ସମିସ): ବାଲିଅନ୍ତା ସୌମ୍ୟରଞ୍ଜନ ହତ୍ୟା ଘଟଣା ମନରୁ ନ ଯାଉଣୁ ପୁଣି ଜଣେ କନେଷ୍ଟବଲଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ପୁଲିସ ବାରାକରେ ଆଇଆରବି କନେଷ୍ଟବଲଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ମୃତକ କନେଷ୍ଟବଳ ହେଉଛନ୍ତି ଖୋର୍ଦ୍ଧା ସ୍ଥିତ ଷଷ୍ଠ ଆଇଆରବିର ସିପାହୀ ଦୟାନିଧି ଡୁଡୁକା। ଛୁଟି ପରେ କାର୍ଯ୍ୟରେ ଯୋଗଦାନକୁ

## ଡିଜି ଓ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ

କର୍ତ୍ତୃପକ୍ଷ ଗ୍ରହଣ କରିନଥିବାରୁ ମାନସିକ ଚାପରେ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ ଡିଜି ଓ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଦୟାନିଧି ଡୁଡୁକା ୧୩ ବର୍ଷ ପୂର୍ବେ ଷଷ୍ଠ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ (ଷଷ୍ଠ ଆଇଆରବି)ରେ ସିପାହୀ ଭାବେ ଯୋଗ ଦେଇଥିଲେ। ଗତମାସରେ ଦୟାନିଧି ବ୍ୟକ୍ତିଗତ କାର୍ଯ୍ୟ ପାଇଁ କିଛିଦିନ ପାଇଁ ଛୁଟିରେ ଯାଇ ପୁଣି ଫେରି ଆସିଥିଲେ। ଛୁଟି ଅବଧି ଶେଷ ପରେ ସେ ପୁନଃ ଯୋଗଦାନ ପାଇଁ ଜଏନିଂ ଲେଟର ଦେଇଥିଲେ। ମାତ୍ର ଷଷ୍ଠ ଆଇଆରବି ବାଟାଲିୟନ କର୍ତ୍ତୃପକ୍ଷ ତାଙ୍କ ସାର୍ଟିଫିକେଟକୁ ଗ୍ରହଣ କରିନଥିଲେ। ଫଳରେ ସେ କାର୍ଯ୍ୟରେ ଯୋଗ ଦେଇ ପାରିନଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟରେ ଯୋଗଦେବାକୁ ପୁଣିଥରେ ସାର୍ଟିଫିକେଟ ଦାଖଲ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। କାର୍ଯ୍ୟରେ ଯୋଗଦାନ ପାଇଁ ତାଙ୍କର ଅନୁରୋଧପତ୍ର କର୍ତ୍ତୃପକ୍ଷ ଗ୍ରହଣ ନ କରିବାରୁ ସେ ବାଟାଲିଆନ ବାରାକ୍‌ରେ ରହୁଥିଲେ। ମାତ୍ର ଗତ ୪ ତାରିଖ ପୂର୍ବାହ୍ନ ସମୟରେ ବାଟାଲିୟନର ବାରାକରେ ଦୟାନିଧିଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ପୁଲିସ ବାରାକରୁ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଦୟାନିଧିଙ୍କ ଯୋଗଦାନକୁ କର୍ତ୍ତୃପକ୍ଷ ଗ୍ରହଣ ନ କରିବାରୁ ସେ ମାନସିକ ଚାପରେ ରହୁଥିଲେ ଓ ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କ ମୃତ୍ୟୁ ଘଟିଛି ବୋଲି ପୁଲିସ ଡିଜି ଓ ମାନବାଧିକାର କମିସନଙ୍କ ନିକଟରେ ଅଭିଯୋଗ ହୋଇଛି। ଡିଜି ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ପୁଲିସ ବିଭାଗର ତଳିଆ କର୍ମଚାରୀଙ୍କ ଉପରେ ବଡ଼ବଡ଼ିଆଙ୍କ ଅତ୍ୟାଚାର ବଢୁଥିବା ଏହି କଥାରୁ ପୁଣିଥରେ ସ୍ପଷ୍ଟ ହୋଇଛି। ମୃତକ ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ମାନସିକ ଅତ୍ୟାଚାର ଦେଉଥିବା ଅଭିଯୋଗ ଆସିବା ପରେ ଆଇପିଏସ୍ ଦୟାଲ ଗଙ୍ଗୱାରଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିବା ଘଟଣାରୁ ବଡ଼ବଡ଼ିଆ ଅଧିକାରୀମାନେ କିଛି ଶିଖି ନଥିବା ପରି ମନେ ହେଉଛି।

ବ୍ୟାଙ୍କକୁ ଜିତୁ ମୁଣ୍ଡା କଙ୍କାଳ ବୋହିନେବା ଘଟଣା

# ଘଟଣାର ପୁନରାବୃତ୍ତି ନ ହେବାକୁ ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୬(ସମିସ): କେନ୍ଦୁଝରରେ ଜିତୁ ମୁଣ୍ଡା ଟଙ୍କା ପାଇବା ପାଇଁ ଭଉଣୀର ଶବକୁ ବ୍ୟାଙ୍କକୁ ବୋହି ନେବା ଘଟଣାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର କ୍ଷୋଭ ପ୍ରକାଶ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖି ପଦକ୍ଷେପ ଲାଗି ଅନୁରୋଧ କରିଥିଲେ। ବିଶେଷକରି ଦୂରଦୂରାନ୍ତର ଆଦିବାସୀ ଅଞ୍ଚଳରେ ଏକ ମାନବୀୟ ବ୍ୟାଙ୍କିଙ୍ଗ ପ୍ରଶାସନ ବ୍ୟବସ୍ଥା ଗଢ଼ିବା ନବୀନ ଚିଠିରେ ଉଲ୍ଲେଖ କରିଥିଲେ।

## ନବୀନ ପଟ୍ଟନାୟକଙ୍କୁ ଜଣାଇଲେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ

ଏକମାସ ପରେ ନବୀନଙ୍କ ଚିଠିର ଉତ୍ତର ରଖି କେନ୍ଦ୍ର ଅର୍ଥରାଷ୍ଟ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ବ୍ୟାଙ୍କକୁ ଆସୁଥିବା ଗ୍ରାହକଙ୍କ ପ୍ରତି କର୍ମଚାରୀମାନେ ଯେମିତି ସହାନୁଭୂତିଶୀଳ ହେବେ ଓ ସମସ୍ତ ଗ୍ରାହକଙ୍କୁ ସ୍ୱଚ୍ଛ ସେବା ପ୍ରଦାନ କରିବେ, ସେ ନେଇ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ(ଓଜିବି)ର ବୋର୍ଡର ଏକ ଅନୁମୋଦିତ ନିର୍ଦ୍ଦେଶନାମା ଏହାର କ୍ଷେତ୍ରସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଦାନ କରାଯାଇଛି। ନାଗରିକ-କେନ୍ଦ୍ରିକ ବ୍ୟାଙ୍କିଙ୍ଗ ସେବାକୁ ସୁଦୃଢ଼ କରିବା ଓ ଦେଶର ୨୮ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ(ଆରଆରବି)ରେ ଏହିଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ, ଆର୍ଥିକ ସେବା ବିଭାଗ ଦ୍ୱାରା ଗତ ମେ ୨୯ ତାରିଖରେ ସମସ୍ତ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କକୁ ଏକ ପରାମର୍ଶ ଜାରି କରାଯାଇଛି ବୋଲି ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ଚିଠିରେ ଶ୍ରୀ ଚୌଧୁରୀ ଲେଖିଛନ୍ତି ଯେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି) ସହ ଏହି ବିଷୟରେ ଯାଞ୍ଚ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ସୂଚନା ଅନୁସାରେ ମୃତ ଜମାକାରୀଙ୍କ ଆକାଉଣ୍ଟରେ କୌଣସି ନୋମିନି (ମନୋନୀତ ବ୍ୟକ୍ତି) ନଥିଲେ। ତେଣୁ ଦାବି ସମାଧାନ ପାଇଁ ମୃତ୍ୟୁ ପ୍ରମାଣପତ୍ର/ଆଇନଗତ ଉତ୍ତରାଧିକାରୀଙ୍କ ବିବରଣୀ ସହିତ ନିର୍ଦ୍ଧାରିତ କାଗଜପତ୍ର ଦାଖଲ କରିବା ଆବଶ୍ୟକ ଥିଲା। ସ୍ଥାନୀୟ ପ୍ରଶାସନର ହସ୍ତକ୍ଷେପ ପରେ ଆବଶ୍ୟକୀୟ କାଗଜପତ୍ର ପ୍ରଦାନ କରାଯାଇଥିଲା ଏବଂ ୧୯,୪୦୨/- ଟଙ୍କାର ଦାବି ରାଶି ପରବର୍ତ୍ତୀ ସମୟରେ ଜିତୁ ମୁଣ୍ଡା ଏବଂ ଦୁଇ ଜଣ ଆଇନଗତ ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ତଥାପି ଏହି ଘଟଣାକୁ ଅର୍ଥ ସେବା ବିଭାଗ ଗମ୍ଭୀରତାର ସହ ଗ୍ରହଣ କରିଛି। ବ୍ୟାଙ୍କିଙ୍ଗ କାର୍ଯ୍ୟରେ ନିର୍ଦ୍ଧାରିତ ପ୍ରଣାଳୀର କଠୋର ଅନୁପାଳନ ଆବଶ୍ୟକ ଥିଲେ ହେଁ ଏ କ୍ଷେତ୍ରରେ ସମ୍ବେଦନଶୀଳତା, ସହାନୁଭୂତି ଏବଂ ପ୍ରଭାବଶାଳୀ ଯୋଗାଯୋଗ ରହିବା ଆବଶ୍ୟକ ବୋଲି ମନେ କରୁଛି। ପ୍ରଥମ ପଦକ୍ଷେପ ସ୍ୱରୂପ ମାଲିପୋଷୀ ଶାଖାର ଶାଖା ପରିଚାଳକଙ୍କୁ ନିଲମ୍ବନ କରାଯାଇଛି। କ୍ଷେତ୍ର କର୍ମଚାରୀଙ୍କୁ ଗ୍ରାହକଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ଓଜିବି ପରାମର୍ଶ ଦେଇଛି ବୋଲି ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ପାରିବାରିକ କଳହର କରୁଣ ପରିଣତି

# ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ସ୍ତ୍ରୀ ମୃତ

ଖଲ୍ଲିକୋଟ,୨୨।୬(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ମଥୁରା ଗାଁରେ ଅଘଟଣ। ପାରିବାରିକ କଳହରୁ ଅତିଷ୍ଠ ହୋଇ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଲେ ସ୍ତ୍ରୀ। ବଞ୍ଚାଇବାକୁ ଯାଇ ସେହି ନିଆଁରେ ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି ସ୍ୱାମୀ। ହେଲେ ନିଆଁ ରେ ପୋଡି ହୋଇ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଆହତ ହୋଇଥିବା ସ୍ୱାମୀଙ୍କୁ ଖଲ୍ଲିକୋଟ ମେଡିକାଲ, ପରେ ବ୍ରହ୍ମପୁର ଏବଂ ତାପରେ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର ହୋଇଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ଏବେ ଏକ ନୂଆ ମୋଡ଼ ଆସିଛି, ଯେଉଁଠି ଝିଅ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ , ମଥୁରା ପ୍ରଧାନ ସାହିର ଯୋଗେନ୍ଦ୍ର ପ୍ରଧାନଙ୍କ ପୁଅ ରମେଶ ପ୍ରଧାନ ସହିତ ରମ୍ଭା ଥାନା ଅନ୍ତର୍ଗତ ଜଟିଆଖୋଲ ଗ୍ରାମର ଅନିତା ପ୍ରଧାନଙ୍କ ମଧ୍ୟରେ ଗତ ଅଢେଇ ବର୍ଷ ତଳେ ବିବାହ ହୋଇଥିଲା। ଉଭୟଙ୍କର ବର୍ତ୍ତମାନ ଏକ ବର୍ଷ ବୟସର ଗୋଟିଏ ଝିଅ ରହିଛି। ତେବେ ବିବାହ ଦିନଠାରୁ ହିଁ ଉଭୟଙ୍କ ଦାମ୍ପତ୍ୟ ଜୀବନରେ ପ୍ରତିଦିନ କଳହ ଲାଗି ରହୁଥିଲା। ତେବେ ଗତକାଲି ବିଳମ୍ବିତ ରାତିରେ ଏହି କଳହ

## ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର

ଉଗ୍ରରୂପ ଧାରଣ କରିଥିଲା। ପାରିବାରିକ କଳହରେ ଅତିଷ୍ଠ ହୋଇ ସ୍ତ୍ରୀ ଅନିତା ପ୍ରଧାନ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ବେଳେ ସ୍ୱାମୀ ରମେଶ ପ୍ରଧାନ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୋଡ଼ି ହୋଇଯାଇ ଗୁରୁତର ଭାବେ ଆହତ ହୋଇଥିଲେ। ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ଗୁରୁତର ଅବସ୍ଥା ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ଥିବାରୁ ଦୁହିଁଙ୍କୁ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରା ଯାଇଥିଲା। କିନ୍ତୁ



ଚିକିତ୍ସା ଚାଲିଥିବା ସମୟରେ ସକାଳୁ ସ୍ତ୍ରୀ ଅନିତା ପ୍ରଧାନଙ୍କ ମୃତ୍ୟୁ ଘଟିଛି। ସ୍ୱାମୀ ରମେଶ ପ୍ରଧାନଙ୍କ ଶରୀରର ୫୦ ପ୍ରତିଶତରୁ ଅଧିକ ପୋଡି ଯାଇଥିବାରୁ ତାଙ୍କୁ ବ୍ରହ୍ମପୁରରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅପରପକ୍ଷେ ନିଜ ଦେହରେ ନିଜେ ନିଆଁ ଲଗାଇଥିବା ଘଟଣାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି ମୃତ ଅନିତାଙ୍କ ପରିବାର ଲୋକେ। ଝିଅ ଘର ଲୋକେ ଅନିତାଙ୍କୁ ହତ୍ୟା କରା ଯାଇଥିବା ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପରିବାର ପକ୍ଷରୁ ମୃତ ଅନିତାଙ୍କ ମାଆ ଭାନୁ ପ୍ରଧାନ ଖଲ୍ଲିକୋଟ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ପ୍ରୋବେସନାରୀ ଅଫିସରମାନଙ୍କ ନିଯୁକ୍ତି

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ପ୍ରୋବେସନାରୀ ଅଫିସର ଭାବରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନଗୁଡ଼ିକ ଆମନ୍ତ୍ରଣ କରାଯାଉଛି

ଖାଲି ପଦବୀ ସଂଖ୍ୟା: 1500

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା ଇତ୍ୟାଦି), ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଅନଲାଇନ୍ ଆବେଦନ ଦାଖଲ ଓ ଆବେଦନ ଫିସ୍ ର ଅନଲାଇନ୍ ଦେୟ ପାଇଁ ଲିଙ୍କ୍, ବ୍ୟାଙ୍କର ୱେବସାଇଟ https://sbi.bank.in/careers/current-openings ରେ ବିଜ୍ଞାପନ ନମ୍ବର CRPD/PO/2026-27/09 ଅଧୀନରେ ଉପଲବ୍ଧ । ପ୍ରାର୍ଥୀମାନେ ଆବେଦନ କରିବା ଏବଂ ଫିସ୍ ପଠାଇବା ପୂର୍ବରୁ ସେମାନଙ୍କର ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହୋଇ ସବିଶେଷ ବିଜ୍ଞାପନକୁ ଭଲ ଭାବେ ପଢ଼ିବା ପାଇଁ ପରାମର୍ଶ ଦିଆଯାଉଛି ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 18.06.2026 ରୁ 08.07.2026 ପର୍ଯ୍ୟନ୍ତ ।

ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" ଉପରୋକ୍ତ ବ୍ୟାଙ୍କର ଅଫିସିଆଲ୍ ୱେବସାଇଟରେ ଉପଲବ୍ଧ ।

ସ୍ଥାନ: ମୁମ୍ବାଇ
ତାରିଖ: 18.06.2026
ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

# ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମତାନ୍ତର; ମଧ୍ୟାହ୍ନଭୋଜନ ବନ୍ଦ

କଣିହାଁ,୨୨।୬(ସମିସ):




କଣିହାଁ ପିଏମ୍‌ଶ୍ରୀ ପବିତ୍ରମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ ଆବଶ୍ୟକ ସାମଗ୍ରୀ ଉପଲବ୍ଧ ଥିବା ସତ୍ତ୍ୱେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ମତାନ୍ତର ଯୋଗୁଁ ରୋଷେଇ ବନ୍ଦ ରହିଥିବାରୁ ଶତାଧିକ ଛାତ୍ରଛାତ୍ରୀ ଉପାସରେ ରହିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅମିତା ଦେହୁରୀ ଏବଂ ଅନ୍ୟ କିଛି ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ମତଭେଦର ପ୍ରଭାବ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଉପରେ ପଡ଼ିଥିବା ଅଭିଭାବକ ମହଲରେ ଅଭିଯୋଗ ଉଠିଛି। ଫଳରେ ଦିନସାରା ଛାତ୍ରଛାତ୍ରୀମାନେ ଭୋଜନ ନ ପାଇ ହଇରାଣ ହୋଇଥିଲେ।

ଏ ସମ୍ପର୍କରେ କଣିହାଁ ବିଇଓ ପ୍ରିୟରଞ୍ଜନ ପ୍ରଧାନଙ୍କ ପ୍ରତିକ୍ରିୟା ନେବାକୁ ସେ ଘଟଣା ସମ୍ପର୍କରେ ଅବଗତ ଥିବା କହିଛନ୍ତି। ବିଦ୍ୟାଳୟରେ ରୋଷେଇ ସାମଗ୍ରୀ ଉପଲବ୍ଧ ଥିଲେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ ମଧ୍ୟାହ୍ନଭୋଜନ ବନ୍ଦ ଥିବା ସେ ସ୍ୱୀକାର କରିଛନ୍ତି। ଏ ନେଇ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିବା ସୂଚନା ଦେଇଛନ୍ତି। ଅନ୍ୟପଟେ, ବିଦ୍ୟାଳୟର ଅଭିଭାବକ କମିଟି ସଭାପତି ଅଭିନ୍ନ ପ୍ରଧାନ ବିଇଓଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ତୁରନ୍ତ କୌଣସି ସମାଧାନ ହୋଇ ନ ଥିଲା। ପରେ ଛାତ୍ରଛାତ୍ରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସେମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇଛି। ଘଟଣାକୁ ନେଇ କଣିହାଁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ବିଦ୍ୟାଳୟରେ ଶୃଙ୍ଖଳା ନ ଫେରିଲେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ମତ ପ୍ରକାଶ ପାଇଛି।


# ଜନଶୁଣାଣିରେ ଅଭିଯୋଗ ମାଳମାଳ, ଫଳ ଶୂନ !

ତାଳଚେର,୨୨।୬(ସମିସ): ତାଳଚେର ଏକ ଶିଳ୍ପ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ଲୋକଙ୍କ ସମସ୍ୟା ଲାଗି ରହିଛି। ଏଥିପାଇଁ ବିଭିନ୍ନ ସମୟରେ ସ୍ଥାନୀୟ ପ୍ରଶାସନ ବା ଜିଲ୍ଲା ପ୍ରଶାସନକୁ ଅଧିବାସୀମାନେ ବିଭିନ୍ନ ଦାବି ଓ ସମସ୍ୟା ନେଇ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ଲୋକଙ୍କ ଅଭିଯୋଗ ତଥା ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ କୌଣସି ସରକାରୀ ବିଭାଗ ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ରାଜକିଶୋର ସାହୁ। ସାହୁଙ୍କ ଦ୍ୱାରା ଦୀର୍ଘ ୨ ବର୍ଷ ହେବ ବିଭିନ୍ନ ସମୟରେ ଦାବି ତଥା ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଏନେଇ ସୋମବାର ତାଳଚେରଠାରେ ଆୟୋଜିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ପୁନର୍ବାର ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା-ତାଳଚେର ଶିଳ୍ପାଞ୍ଚଳରେ ଶ୍ରମିକମାନଙ୍କର ପୁଲିସ୍ ଭେରିଫିକେସନ୍ ପାଇଁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ପୁଲିସ୍ କୌଣସି ପଦକ୍ଷେପ ନେଉନାହିଁ। ପବିତ୍ର ମୋହନ ମେଡିକାଲ୍‌ଠାରୁ ବଲଣ୍ଡା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରୁ କୋଇଲା ଗୁଣ୍ଡ ଉଠାଇ ଝାଡୁ ମାରିବା ସହ ପାଣି



ସିଞ୍ଚନ କରିବା। ଏହାକୁ ଜିଲ୍ଲା ପ୍ରଶାସନ ତରଫରୁ ଏମ୍‌ସିଏଲ୍ ଜଗନ୍ନାଥ ଏରିଆକୁ ଚିଠି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ହୋଇନାହିଁ। ପାନୀୟ ଜଳ ସମସ୍ୟା ନେଇ ବାରମ୍ବାର ଜଣାଇବା ସତ୍ତ୍ୱେ ଏହାକୁ ଗୁରୁତ୍ୱ ଦିଆଯାଇ ନାହିଁ। ଏମ୍.ସି.ଏଲ୍, ପକ୍ଷରୁ ଅପ୍ରେଲ୍ ୧ରୁ ପାଣି ଦେବା ପାଇଁ ଚିଠି ହୋଇଥିଲା କିନ୍ତୁ ଜୁନ୍ ୧୨ରୁ କାର୍ଯ୍ୟାଦେଶ ଦିଆଗଲା। ଘଣ୍ଟପଡ଼ା ପଞ୍ଚାୟତର ପବିତ୍ର ମୋହନ ମେଡିକାଲ୍ ଯିବା ରାସ୍ତାରେ (ଅନନ୍ତ ମାର୍କେଟ୍) ଓଭରବ୍ରିଜ୍ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନକୁ ଚିଠି ଦିଆଯାଇଥିଲେ ମଧ୍ୟ ଆପଣଙ୍କ ଆଦେଶ ଅନୁସାରେ ବର୍ତ୍ତମାନ ପର୍ଯ୍ୟନ୍ତ ଟି.ଏଫ୍.ଏଲ୍. ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତାଳଚେରରୁ ହିଙ୍ଗୁଳା ପର୍ଯ୍ୟନ୍ତ ରାସ୍ତାରେ ଥିବା କଂସେଇ ଖାନା (ମାଂସ ଦୋକାନ) ଗୁଡ଼ିକ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଗତ ୨୦୨୫ରୁ ଜଣାଇବା ପରେ ତହସିଲାର ଏହାକୁ ଗୁରୁତ୍ୱ ଦେଇ ନାହାନ୍ତି। ଏହାକୁ ଗୁରୁତ୍ୱର ସହ ବିଚାର କରି ସମାଧାନ କରିବାକୁ ସାହୁ ଅନୁରୋଧ କରିଛନ୍ତି।

## ଚନ୍ଦନ ବୋଡ଼ା ସାପ ଉଦ୍ଧାର



ଅନୁଗୋଳ,୨୨।୬(ସମିସ): ଅନୁଗୋଳ ଜିଲ୍ଲା ତୁରଙ୍ଗ ଗ୍ରାମରୁ ୩ ଫୁଟ ଲମ୍ବର ଏକ ଚନ୍ଦନ ବୋଡ଼ା ସାପ ଉଦ୍ଧାର ହୋଇଛି। ତୁରଙ୍ଗ ଗ୍ରାମର ଅଭୟ ଦାସଙ୍କ ପରିବାର ଲୋକେ ସନ୍ଧ୍ୟା ୭ଟା ବେଳେ ଘର ବାରଣ୍ଡାରେ ସାପକୁ ଦେଖି ତୁରନ୍ତ ସାପ ଉଦ୍ଧାରକାରୀ ପିଣ୍ଟୁ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ବେହେରା ତାଙ୍କ ସହଯୋଗୀଙ୍କ ସହ ପହଞ୍ଚି ସାପକୁ ଉଦ୍ଧାର କରି ପ୍ରାକୃତିକ ଆବାସସ୍ଥଳୀରେ ଛାଡ଼ିଛନ୍ତି। ପୂର୍ବରୁ ଅନୁଗୋଳ ସହର ସମେତ ଆଖପାଖ ଅଞ୍ଚଳରେ ଚନ୍ଦନବୋଡ଼ା ସାପ ଦେଖାଯାଉ ନ ଥିଲେ। କିନ୍ତୁ ଗତ ୪/୫ ମାସ ଭିତରେ ତୁରଙ୍ଗ, କୁରୁଡୋଲ ଏବଂ କାଣ୍ଡସର ଅଞ୍ଚଳରୁ ବାରମ୍ବାର ଚନ୍ଦନବୋଡ଼ା ଉଦ୍ଧାର ହେଉଛି। ପ୍ରକୃତି ପ୍ରେମୀଙ୍କ ପାଇଁ ଏହା ଖୁସି ଖବର ହୋଇଥିବା ବେଳେ ଏଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ସର୍ପ ଉଦ୍ଧାରକାରୀ ପିଣ୍ଟୁ ନିବେଦନ କରିଛନ୍ତି।

## ହଣ୍ଡପା ପଞ୍ଚାୟତରେ ଜନଶୁଣାଣି




କିଶୋରନଗର,୨୨।୬(ସମିସ): କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡ଼ିଓ ସଶୁଭକାନ୍ତ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାର ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ପ୍ରଧାନ, ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ ବିଏସଏସଓ ଝସକେତନ ସାହୁ, ବିପିସି (ଓଏଲଏମ୍) ସୁଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟସାଇ ସେବା ସମିତି ପକ୍ଷରୁ ଗ୍ରାମସେବା

ଅନୁଗୋଳ,୨୨।୬(ସମିସ): ଶ୍ରୀ ସତ୍ୟ ସାଇ ସେବା ସମିତି, ଅନୁଗୋଳ ତରଫରୁ ଏକ ସମ୍ମିଳିତ ଗ୍ରାମ ସେବା ବଣ୍ଡରପାଳ ବ୍ଲକ ବେଣାଗାଡ଼ିଆ ଗ୍ରାମରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ



ଡା. ଦେବାଶିଷ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରାଣୀଧନ ନିରୀକ୍ଷକ ନିରଞ୍ଜନ ନାୟକ ଓ ସହଯୋଗୀଙ୍କ ସହାୟତାରେ ପ୍ରାଣୀ ଚିକିତ୍ସା ଶିବିର ହୋଇଥିଲା। ଗ୍ରାମର ୯୫ ଗୃହପାଳିତ ପ୍ରାଣୀଧନଙ୍କ ଚିକିତ୍ସା କରାଯିବା ସହ ଔଷଧ ବିତରଣ କରାଯାଇଥିଲା। ଗ୍ରାମର ଉତ୍ସାହୀ ଯୁବକ ଓ ସତ୍ୟସାଇ ସଂଗଠନର ସେବାଦଳଙ୍କ ମିଳିତ ସହଯୋଗରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଗର୍ଭବତୀ ମହିଳାଙ୍କ ପାଇଁ ସାଇ ପ୍ରେମଧାରା ଓ ଯୁବ ଭଉଣୀମାନଙ୍କ ପାଇଁ ସାଇ ଜାଗୃତି କାର୍ଯ୍ୟକ୍ରମ ଭଉଣୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଶ୍ରୀ ସତ୍ୟ ସାଇ ସେବା ସଂଗଠନର ଜିଲ୍ଲା ସଭାପତି ମନୋଜ କୁମାର ପଣ୍ଡା, ଅନୁଗୋଳ ସମିତିର ଆବାହକ ସଞ୍ଜୟ କୁମାର ସାହୁ, ବେଣାଗାଡିଆ ଗ୍ରାମର ସଂପାଦକ ସୌରଭ ବେହେରା ତଥା ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ତାଳଚେରର ସ୍ୱାଗତ ସିଂହଙ୍କୁ ଅନ୍ତର୍ଜାତୀୟ ସମ୍ମାନ



ବିକ୍ରମପୁର,୨୨।୬(ସମିସ): ତାଳଚେର ବାଘୁଆବୋଲ ଗ୍ରାମର ସ୍ୱର୍ଗତ ଇଞ୍ଜିନିୟର ସୁଶାନ୍ତ କୁମାର ସିଂହ ଓ ଆଇନଜୀବୀ ମୀରା ସିଂହଙ୍କ ପୁଅ ଯୁବ ପ୍ରତିଭା ସ୍ୱାଗତ ସିଂହ ଥାଇଲାଣ୍ଡର ପଟାୟାଠାରେ ଆୟୋଜିତ ଅନ୍ତର୍ଜାତୀୟ ଇନୋଭେଟିଭ ଫ୍ୟୁଚରିଷ୍ଟିକ ସମିଟ୍ ଆଣ୍ଡ ଆୱାର୍ଡସ-୨୦୨୬ରେ ସମ୍ମାନଜନକ 'ଗ୍ଲୋବାଲ ଏକ୍ସିଲେନ୍ସ ଇନ୍ ଡିଜିଟାଲ ଆଣ୍ଡ ମ୍ୟାନପାୱାର ସଲ୍ୟୁସନ୍ସ ଆୱାର୍ଡ' ଲାଭ କରିଛନ୍ତି। ଜୁନ ୨୧ରେ ଆୟୋଜିତ ଏହି ସମାରୋହରେ ଥାଇଲାଣ୍ଡର ସ୍ୱାସ୍ଥ୍ୟମନ୍ତ୍ରୀ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମ୍ମିଳନୀରେ ବିଶ୍ୱର ୫୫ରୁ ଅଧିକ ଦେଶର ପ୍ରତିନିଧି, ଶିଳ୍ପପତି, ଶିକ୍ଷାବିତ୍, ଗବେଷକ ଓ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଡିଜିଟାଲ ଇନୋଭେସନ ଓ ମ୍ୟାନପାୱାର ସଲ୍ୟୁସନ କ୍ଷେତ୍ରରେ ତାଙ୍କ ଉଲ୍ଲେଖନୀୟ ଅବଦାନ, ନେତୃତ୍ୱ, କାର୍ଯ୍ୟଦକ୍ଷତା ଓ ନିଷ୍ଠାକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି।

ସିଂହ ଦେଉଳବେଡ଼ା ପିସି ହାଇସ୍କୁଲରୁ ସ୍କୁଲ ଶିକ୍ଷା ସମାପ୍ତ କରିଥିବା ବେଳେ ଢେଙ୍କାନାଳ ସିନର୍ଜି ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ବିଟେକ୍ ଡିଗ୍ରୀ ହାସଲ କରିଛନ୍ତି। ଛାତ୍ର ଜୀବନରୁ ହିଁ ସେ ନୂତନ ଚିନ୍ତାଧାରା, ପ୍ରଯୁକ୍ତି ଓ ସାମାଜିକ ଦାୟିତ୍ୱବୋଧ ପ୍ରତି ଆଗ୍ରହୀ ଥିଲେ। ନିଜ ପରିଶ୍ରମ, ଅଧ୍ୟବସାୟ ଓ ଦୂରଦୃଷ୍ଟି ବଳରେ ସେ ଆଜି ଅନ୍ତର୍ଜାତୀୟ ସ୍ତରରେ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହି ସମ୍ମାନ ତାଙ୍କ ବ୍ୟକ୍ତିଗତ କୃତିତ୍ୱ ନୁହେଁ, ବରଂ ତାଳଚେର ଓ ଓଡ଼ିଶା ପାଇଁ ମଧ୍ୟ ଗୌରବର ବିଷୟ।

### ଉଠାଜଳସେଚନ ପ୍ରକଳ୍ପ ପମ୍ପହାଉସ କାମ ନିମ୍ନମାନର

## ଅଧପନ୍ତରିଆ କାମ କରି ଠିକାଦାର ପଳାଇଲେ

କିଶୋରନଗର,୨୨।୬(ସମିସ): ରାଜ୍ୟ ସରକାର ଚାଷୀଙ୍କ ଜମିକୁ ଜଳସେଚନର ସୁବିଧା ପାଇଁ ବିଭିନ୍ନ ନଈ ନିକଟରେ ଉଠାଜଳସେଚନ ପଏଣ୍ଟ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି କ୍ରମରେ କିଶୋରନଗର ବ୍ଲକ ରଣିଆକଟା ପଞ୍ଚାୟତ କସ୍ତୁରୀବାହାଲ ଗ୍ରାମରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କସ୍ତୁରୀବାହାଲ-୩ ଓ କସ୍ତୁରୀବାହାଲ-୪ ପାଇଁ ୨ଟି ଉଠାଜଳସେଚନ ପଏଣ୍ଟ ନିର୍ମାଣ କରାଯାଇଛି। ହେଲେ ପାଇପ ବିଛା କାମ ଅଧପନ୍ତରିଆ ହୋଇଥିବା ବେଳେ ୩ ନମ୍ବର ପମ୍ପ ହାଉସ ଘରକାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ୪ ନମ୍ବର ପଏଣ୍ଟର ପମ୍ପ ହାଉସ ଘର ଫାଉଣ୍ଡେସନ କାମ ମଧ୍ୟ ସାମଗ୍ରୀ ଭାଗ ଠିକ୍‌ରେ ନ କରିବା ସହ ନିୟମ ଆଧାରରେ ଛଡ଼ ନ ଲଗାଇ ନିମ୍ନମାନର କରି ଅଧାରେ ଛାଡ଼ି ଠିକାଦାର




ପଳାଇଥିବା ଅଭିଯୋଗ ହେଉଛି। ଆଗକୁ ଚାଷ କାମ ପାଖେଇ ଆସୁଥିବା ବେଳେ ଯୁଦ୍ଧକାଳୀନ ଭିତ୍ତିରେ କାମ ନ ହେବା ଦୁର୍ଭାଗ୍ୟଜନକ ବୋଲି ପାଣିପଞ୍ଚାୟତ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଏହି ୨ ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକାରୀ ହେଲେ ୧୦ ଏକର ଚାଷଜମି ଜଳସେଚିତ ହୋଇପାରିବ। ତୁରନ୍ତ ଉଚ୍ଚ ମାନର କାମ କରି ଚାଷୀଙ୍କୁ ପାଣି ଯୋଗାଇ ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବରାଜ ସେଠୀଙ୍କୁ ପଚାରିବାରୁ ସେ ତଦାରଖ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

## ହାତୀ ଆକ୍ରମଣରେ ଅସ୍ଥାୟୀ ୱାଚର ମୃତ, ଜଣେ ଗୁରୁତର

ଅନୁଗୋଳ/ଜଗନ୍ନାଥପୁର,୨୨।୬(ସମିସ): ସାତକୋଶିଆ ଅଭୟାରଣ୍ୟର ପମ୍ପାସର ରେଞ୍ଜ ଜଗନ୍ନାଥପୁରଠାରେ ଦନ୍ତାହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଉଭୟ ଜଗନ୍ନାଥପୁର ଗ୍ରାମର ହୋଇଥିବା ବେଳେ ଜଙ୍ଗଲ ବିଭାଗରେ ଅସ୍ଥାୟୀ ୱାଚର ଭାବେ କାମ କରୁଥିଲେ। ସୋମବାର ଅପରାହ୍ନରେ ବନ ବିଭାଗର ଏକ ଟିମ୍ ପାଖ ଜଙ୍ଗଲରେ ଫୁଟ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ଦନ୍ତାହାତୀ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ଜଗନ୍ନାଥପୁରର ବିଶ୍ୱରଞ୍ଜନ ସାହୁଙ୍କ ମୃତ୍ୟୁ ହୋଇଥିବା ବେଳେ ଦୟାନିଧି ଦେହୁରୀ ଗୁରୁତର ଆହତ ହୋଇଛନ୍ତି। ବନ ବିଭାଗ କର୍ମଚାରୀ ଦୟାନିଧିଙ୍କୁ ଡାକ୍ତରଖାନା ଭର୍ତ୍ତି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଶବ ବ୍ୟବଚ୍ଛେଦ ହୋଇପାରିନାହିଁ। ପ୍ରକାଶ ଥାଉକି ବନ ବିଭାଗ ଅସ୍ଥାୟୀ ୱାଚରମାନଙ୍କୁ ନିୟୋଜିତ କରି କର୍ମଚାରୀ ଓ ଅଧିକାରୀ ଖାଲି ରାସ୍ତାରେ ବୁଲୁଛନ୍ତି। ୱାଚରମାନଙ୍କୁ ଉପଯୁକ୍ତ ତାଲିମ ନ ଦେଇ ବନ ବିଭାଗ ସରକାରୀ ଏସ୍‌ଓପି ପାଳନ ନ କରି କାମ କରାଉଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ତାଳଚେର ସହରର ବିକାଶ ପାଇଁ ଅଣ୍ଟା ଭିଡ଼ିଲେ ନଗରପାଳ

ତାଳଚେର,୨୨।୬(ସମିସ): ତାଳଚେର ଏକ ପୁରାତନ ସହର। ରାଜାରାଜୁଡ଼ା ଅମଳରୁ ଏହି ସହରର ମର୍ଯ୍ୟାଦା ରହିଛି। ୧୯୫୨ରୁ ତାଳଚେର ପୌରପରିଷଦ ଗଠନ ହୋଇଥିବା ବେଳେ ସହରର ଆଖିଦୃଶିଆ ବିକାଶ ହୋଇପାରିନାହିଁ। ସେହି ପୁରାଣା ଢାଞ୍ଚାରେ ସୀମିତ ରହିଛି ତାଳଚେର ବିକାଶ। ତେବେ ତାଳଚେର ନଗରପାଳ ପବିତ୍ର ଭୂତିଆ ଏହାକୁ ଦୃଷ୍ଟି ଦେଇ ତାଳଚେର ସହର କିପରି ବିକାଶ ହୋଇପାରିବ ସେଥିପାଇଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଅନୁରୋଧ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଭୂତିଆଙ୍କୁ ତାଳଚେର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାହା ଆଜି ଗୋଟିଏ ପରେ ଗୋଟିଏ ପୂରଣ ହେବାରେ ଲାଗିଛି। ଜରାଜୀର୍ଣ୍ଣ ହୋଇ ପଡ଼ି ରହିଥିବା ପାଷ୍ଟଗେଟ୍ ତୋରଣ, ଘୋଡ଼ାଶାଳ ତୋରଣକୁ ସୁସଜ୍ଜିତ କରାଯାଇଥିବା ବେଳେ ବିଭିନ୍ନ ରଙ୍ଗର ଆଲୋକମାଳାରେ ଏବେ ୨ଟି ମୁଖଶାଳା ଅଞ୍ଚଳର ସୌନ୍ଦର୍ଯ୍ୟ ବଢ଼ାଇଛି। ସେହିଭଳି ତାଳଚେର ପୌରପରିଷଦରେ ବିଭିନ୍ନ ସ୍ଥାନରେ ଲାଇଟ୍, ପରିତ୍ୟକ୍ତ ହୋଇ ରହିଥିବା ଜଗନ୍ନାଥ ପାର୍କ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ ହୋଇଥିବା ବେଳେ ଆଗକୁ ଚିତ୍ରକୂଟ ପୋଖରୀ କାର୍ଯ୍ୟ ଓ ପ୍ରଭୁ ଗଜାନନଙ୍କ ମୂର୍ତ୍ତି ନିର୍ମାଣ ସହ ଆଲୋକମାଳାରେ ସଜାଇବା ନେଇ ଯୋଜନା ରହିଥିବା ପୌରାଧ୍ୟକ୍ଷ ଭୂତିଆ ପ୍ରକାଶ କରିଛନ୍ତି।



ତାଳଚେରର ବହୁ ପୁରାତନ ଐତିହ୍ୟ ରାଜବାଟୀକୁ କିପରି ସୁନ୍ଦର କରାଯିବ ତାକୁ ନେଇ ସେ ବିଚାର କରୁଥିବା କହିଛନ୍ତି। ସୂଚନାଯୋଗ୍ୟ, ତାଳଚେର ଉନ୍ନତି ପାଇଁ ଡିଏମ ଫଣ୍ଡରେ ପର୍ଯ୍ୟାପ୍ତ ଅର୍ଥ ଗଚ୍ଛିତ ଥିଲେ ମଧ୍ୟ ରାଜନୈତିକ କନ୍ଦଳରୁ କୌଣସି କାର୍ଯ୍ୟ ହୋଇପାରୁ ନ ଥିଲା।

## ଜିନ୍ଦଲ ଷ୍ଟିଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ଅନୁଗୋଳ,୨୨।୬(ସମିସ): ଜିନ୍ଦଲ ଷ୍ଟିଲର ଅନୁଗୋଳ କାରଖାନାରେ ୧୨ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସଞ୍ଜୁକ୍ତ ଅନୁଗୋଳ ମୁଖ୍ୟ ପିକେ ବିଜୁ ନାୟର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଆଇରନ୍ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ହୃଦୟେଶ୍ୱର ଝା, ଏଚ୍‌ଆର୍ ମୁଖ୍ୟ ସୁଭାଷ ଚନ୍ଦ୍ର ଏବଂ ବିଶେଷ ଅତିଥି ଭାବେ ସମ୍ବଲପୁର ଯୋଗ ବିଦ୍ୟାପୀଠର ସୁଶୀଳା ପ୍ରହ୍ଲାଦ ଫରମାନିଆ ଉପସ୍ଥିତ ଥିଲେ। ଯୋଗଗୁରୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ନେତୃତ୍ୱରେ ଯୋଗ ଅଧିବେଶନ ପରିଚାଳିତ ହୋଇଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀ ନିୟମିତ ଯୋଗାଭ୍ୟାସ କରିବା ଏବଂ ଏହାକୁ ଦୈନନ୍ଦିନ ଜୀବନର ଏକ ଅଂଶ ଭାବେ ଗ୍ରହଣ ପାଇଁ ଶପଥପାଠ କରାଇଥିଲେ। ସେହିପରି ସ୍ୱାମୀ ସତ୍ୟବିନ୍ଦୁ ସରସ୍ୱତୀଙ୍କ ନେତୃତ୍ୱରେ ଓପି ଜିନ୍ଦଲ ସ୍କୁଲ, ଶ୍ରମବୀର ପ୍ୟାଲେସ୍ ଏବଂ ଅନ୍ୟ ସ୍ଥାନରେ ମଧ୍ୟ ଯୋଗ ଦିବସ ପାଳନ ଓ ଯୋଗ ଅଧିବେଶନ ଆୟୋଜନ କରାଯାଇଥିଲା।

## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୨୨।୬(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୬ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୨ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୭ ହଜାର ୫୦୦ ଟଙ୍କା ଓ ୪ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ




ଅନୁଗୋଳ,୨୨।୬(ସମିସ): ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ତାଳଚେର ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସମୁଦାୟ ୬୬ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୨ଟି ବ୍ୟକ୍ତିଗତ ଓ ୧୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୫ ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଏଏସ୍ ପ୍ରୋବେସନର ଅଭି ଜୈନ୍, ଅତିରିକ୍ତ ଏସ୍‌ପି ସମୀର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ, ତାଳଚେର ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ, ତାଳଚେର ତହସିଲଦାର ଆଲଫା ଜେନା, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିନୋଦ କୁମାର ଦଲାଇ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ମହାତ୍ମା ଗାନ୍ଧୀଙ୍କୁ ଅପମାନ, ବିଜେଡିର ନିନ୍ଦା

ପାଲଲହଡ଼ା,୨୨।୬(ସମିସ):

ଅନୁଗୋଳ ଜିଲ୍ଲା ପାଲଲହଡ଼ା ସଦର ମହକୁମାଠାରୁ ୫ କିମି ଦୂର ପେଣ୍ଡେରାବସାଠାରେ ଥିବା ଗାନ୍ଧୀ ମନ୍ଦିରକୁ ରେଳପଥ ନିର୍ମାଣ ପାଇଁ ଉଚ୍ଛେଦ ଏବଂ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଦ୍ୱାରା ଅସମ୍ମାନକୁ ପାଲଲହଡ଼ା ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ ପାଲଙ୍କ ଅଭିଯୋଗ ଅନୁସାରେ ଦୀର୍ଘବର୍ଷ ପୂର୍ବରୁ ଜାତୀୟ ରାଜପଥ ୧୪୯ ପେଣ୍ଡରାବସା ଗାଁ ଛକରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ମନ୍ଦିର ନିର୍ମାଣ କରାଯାଇ ବାପୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ତେବେ ଏହି ମନ୍ଦିର ଏବଂ ପ୍ରତିମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଗଣମାଧ୍ୟମ ଏବଂ ସ୍ଥାନୀୟ ଲୋକ ଅଭିଯୋଗ କରିବା ପରେ ତତ୍କାଳୀନ ବିଜେଡି ସରକାର ସମୟରେ ତତ୍କାଳୀନ ବିଧାୟକ ମହେଶ ସାହୁଙ୍କ ପ୍ରଚେଷ୍ଟାରେ ନୂତନ ମନ୍ଦିର ନିର୍ମାଣ କରାଯାଇ ପ୍ରତିମୂର୍ତ୍ତିକୁ ସମ୍ମାନ ଏବଂ ମର୍ଯ୍ୟାଦାର ସହ ସ୍ଥାପନ କରାଯାଇଥିଲା। ପ୍ରତ୍ୟେକ ଜାତୀୟ ଦିବସ ପାଳନ ଅବସରରେ ରାଜନୈତିକ ଏବଂ ସାମାଜିକ ବ୍ୟକ୍ତିବିଶେଷ ସେଠାରେ ମାଲ୍ୟାର୍ପଣ କରିଥାନ୍ତି। କିନ୍ତୁ



ପରିତାପର ବିଷୟ, ବର୍ତ୍ତମାନ ତାଳଚେର-ବିମଳାଗଡ଼ ରେଳପଥ ନିର୍ମାଣ କରୁଥିବା ଠିକାସଂସ୍ଥା ସ୍ଥାନୀୟ ପ୍ରଶାସନ ସହଯୋଗରେ ବେପରୁଆ ଭାବେ ଉକ୍ତ ଗାନ୍ଧୀ ମନ୍ଦିରକୁ ଭାଙ୍ଗି ଏକ ଟିଣ ଚାଦରରେ ନିର୍ମାଣ କରାଯାଇଥିବା ଆଶ୍ରୟସ୍ଥଳୀରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଅତି ଦୟନୀୟ ଭାବେ ସ୍ଥାପନ କରାଯାଇଛି। ଏହା ଗାନ୍ଧିଜୀଙ୍କ ପ୍ରତି ଘୋର ଅପମାନ। ଠିକାସଂସ୍ଥା ଆଗାମୀ ଏକ ମାସ ମଧ୍ୟରେ ପ୍ରତିମୂର୍ତ୍ତିକୁ ପୂର୍ବଭଳି ମନ୍ଦିର ନିର୍ମାଣ କରି ସ୍ଥାପନ ନ କଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ପୂର୍ବତନ ବିଧାୟକ ପାଲ ଚେତାବନୀ ଦେଇଛନ୍ତି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୨୦ଟି ଅଭିଯୋଗର ତ୍ୱରିତ ସମାଧାନ

ପଟ୍ଟାମୁଣ୍ଡାଇ,୨୨।୬(ସମିସ)





ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଏସପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବିଡିଓ ଶୀତଳ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ୮୯ଟି ଅଭିଯୋଗର ବିଚାର କରି ୨୦ଟି ଅଭିଯୋଗର ତ୍ୱରିତ ସମାଧାନ କରିଛନ୍ତି।

ଆଜି ଶିବିରରେ ୮୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ, ଯୁବନେତା ପ୍ରଭାତ ମଲିକ ପ୍ରମୁଖ ପଟ୍ଟାମୁଣ୍ଡାଇ ସହରରେ ୧୦୦ କୋଟି ଟଙ୍କା ଜମି ଦୁର୍ନୀତି ତଦନ୍ତ, ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲରେ ନିଯୁକ୍ତ ବିଶେଷଜ୍ଞ ଡାକ୍ତରଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲ ଡେପୁଟେସନ ବାତିଲ, ଅର୍ଥ ମଞ୍ଜୁର ହୋଇଥିବା ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ, ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନ ନିର୍ମାଣ ଓ ସଫେଇ, ଅଚଳ ହୋଇଥିବା ଇକୋ ଟଏଲେଟକୁ କାର୍ଯ୍ୟକ୍ଷମ କରିବା, ପୂର୍ତ୍ତ ବିଭାଗର ପୁରାତନ କାର୍ଯ୍ୟାଳୟକୁ ଡାକବଙ୍ଗଳା ନିର୍ମାଣ କରିବା, ପୂର୍ବରୁ କରାଯାଇଥିବା ଅଭିଯୋଗର ତୁରନ୍ତ ସମାଧାନ ଆଦି ଦାବି ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଯୁବନେତା ସଂଗ୍ରାମ ସ୍ୱାଇଁ, ବଲୁରିଆ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ ପ୍ରମୁଖ ସେମାନଙ୍କ ପଞ୍ଚାୟତର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ପଟ୍ଟାମୁଣ୍ଡାଇ ଶୁଖୁଆ ବସ୍ତି ବାସିନ୍ଦା ଜିଲ୍ଲାପାଳଙ୍କୁ ଭେଟି ସରକାରୀ ଜାଗାର ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ଦାବି କରିଥିଲେ। ପେଟ୍ରୋଲ ପମ୍ପରେ ପେଟ୍ରୋଲ ମିଳୁନଥିବାରୁ ଚାଷୀ ପମ୍ପ ଧରି ବ୍ଲକ ପରିସରକୁ ଆସି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହି ଜନଶୁଣାଣି ଶିବିରରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ନମିତା ପଟ୍ଟନାୟକ, ଜିଲ୍ଲା କୃଷି ଅଧିକାରୀ ଦେବଦାସ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ପଟ୍ଟାମୁଣ୍ଡାଇ ସହକାରୀ ଯନ୍ତ୍ରୀ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ସବଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସାଧିକାରୀ ଡା ନିରାକାର ପରିଡା ପ୍ରମୁଖ ଯୋଗ ଦେଇଥିଲେ।

● ବାଲିପାଟଣା ରାସ୍ତାରେ ଆଣ୍ଠୁଏ ପାଣି

## ଆରଡ଼ି ଅଫିସ ସମ୍ମୁଖରେ ଅଞ୍ଚଳବାସୀଙ୍କ ଧାରଣା



ପଟ୍ଟାମୁଣ୍ଡାଇ,୨୨।୬(ସମିସ): ପଟ୍ଟାମୁଣ୍ଡାଇ ଆରଡି ସବଡିଭିଜନ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଢଳେଇ ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ଉପଯୁକ୍ତ ତଦାରଖ ଅଭାବରୁ ଏହି ରାସ୍ତାଟି ନିମ୍ନମାନ କାମ କରାଯାଇ ଉଚ୍ଚତା କମ କରାଯାଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ ସ୍ଥାନୀୟ ଜନସାଧାରଣ ଯାତାୟାତରେ ଅସୁବିଧା ଭୋଗ କରୁଛନ୍ତି। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଏ ନେଇ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି ଫଳ ହୋଇନାହିଁ। ଉକ୍ତ ରାସ୍ତା ପୁନଃନିର୍ମାଣ ଦାବିରେ ବାଲିପାଟଣା ଗ୍ରାମର ପପୁ ରାଉଳ, ନନ୍ଦକିଶୋର ନାୟକ, ସୁନାକର ବେହେରା, ଭରତ ବେହେରା, ଶ୍ରୀଧର ସାହୁ ପ୍ରମୁଖ ଆଜି ପଟ୍ଟାମୁଣ୍ଡାଇ ଆରଡି ସବଡିଭିଜନ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।

## ଫିଟ୍ ଅଫ୍ ଫାୟାର ଡ୍ୟାନ୍ସ ଏକାଡେମୀରେ ଯୋଗ ଦିବସ



ପଟ୍ଟାମୁଣ୍ଡାଇ, ୨୨।୬(ସମିସ): ଯୋଗ ମାଧ୍ୟମରେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ପଟ୍ଟାମୁଣ୍ଡାଇ ବ୍ଲକର ଫିଟ୍ ଅଫ ଫାୟାର ଡ୍ୟାନ୍ସ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଯୋଗ ଦିବସ ପାଳନ ଅବସରରେ ଅତିଥିମାନେ ପ୍ରକାଶ କରିଛନ୍ତି। ସଭାପତି କୃଷ୍ଣ ବିହାରି ତ୍ରିପାଠୀ, ସମ୍ପାଦକ ପ୍ରଦ୍ୟୁମ୍ନ ଗିରି, ଗୁରୁ ପ୍ରଶାନ୍ତ ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ଛାତ୍ରଛାତ୍ରୀ ବିଭିନ୍ନ ଯୋଗାସନ, ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ହରିହରାନନ୍ଦ ଧାନ ମନ୍ଦିରର କ୍ରିୟା ଯୋଗ ସାଧକ ଗୁରୁ ବାବା ଧାନନିଷ୍ଠାନନ୍ଦ ସ୍ୱାମିଜୀ ଆସି ପିଲାଙ୍କୁ ମାନବ ସମାଜ ଓ ଯୋଗର ବିଶେଷତ୍ୱ ଉପରେ କହିଥିଲେ। ଅନୁଷ୍ଠାନ କର୍ମକର୍ତ୍ତା ପ୍ରକାଶ ବେହେରା, ବିଜୟ ରାୟ, ଶିବସୁନ୍ଦର ପରିଡ଼ା ଓ ଅଭିଭାବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ



ପଟ୍ଟାମୁଣ୍ଡାଇ,୨୨।୬(ସମିସ): ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଆଗରେ ଶାସନ ପଞ୍ଚାୟତର ଲୋକେ ଆମରଣ ଅନଶନରେ ବସିଛନ୍ତି। ଅନଶନକାରୀ ୧୬ନଂ କେନାଲ ରାସ୍ତା ମୋରମ ପାଇଁ ଆସିଥିବା ଅର୍ଥ ଆଦୌ ବିନିଯୋଗ ନ ହୋଇ ମିଥ୍ୟା ବିଲ କରି ଅର୍ଥ ହଡପ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଆମରଣ ଅନଶନ କରାଯାଇଛି। ପ୍ରଶାନ୍ତ ମହାନ୍ତି, ଧ୍ରୁବ ପାଣ୍ଡବ, ରମାକାନ୍ତ ଦାଶ ଓ ଅର୍ଜୁନ ସାହୁ ପ୍ରମୁଖ ଆମରଣ ଅନଶନରେ ବସିଛନ୍ତି।

● ପାଣିଘେରରେ ୨୦ ପରିବାର

## ପାଣି ନିଷ୍କାସନ ପାଇଁ ତହସିଲ ଅଫିସ ଆଗରେ ଧାରଣା

ରାଜକନିକା,୨୨।୬(ସମିସ): ବର୍ଷା ଆରମ୍ଭରୁ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି। ପିଲା ଛୁଆ ସ୍କୁଲକୁ ଯାଇ ପାରୁନାହାନ୍ତି। ପିଇବା ପାଣି ସଂଗ୍ରହ ପାଇଁ ଯାଇ ହେଉନାହିଁ। ଘରେ ପାଣି ପଶିବାକୁ ବସିଲାଣି। ପାଣିନାଳ ଜବରଦଖଲ କରି ମାଟି ପକାଇ ପୋତିବା ଭଳି ଘଟଣାର ତଦନ୍ତ କରି ଏହାକୁ ହଟାଇବାକୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ହେବାରୁ ଏବେ ଗାଁ ଦାଣ୍ଡରେ ଆଣ୍ଠୁଏ ପାଣି। ବାଧ୍ୟ ହୋଇ କନିକା ତହସିଲଦାରଙ୍କ ଅଫିସ ଆଗରେ ପିଲାଛୁଆ ଧରି ୨୦ ପରିବାର ଧାରଣା ଦେଲେ। ଅଫିସ ଅଚଳ ହେବାରୁ ତହସିଲଦାର ଚେତିଲେ। ଲୋକଙ୍କ ସହ ଆଲୋଚନା କଲେ। ମାତ୍ର ଲୋକଙ୍କ ଏକା ଜିଦ ଜବରଦଖଲ ହଟାଇ ଗାଁ ଦାଣ୍ଡରୁ ପାଣି ନିଷ୍କାସନ କଲେ ଯାଇ ଆମେ ଉଠିବୁ। ଗଜରାଜପୁର ଗ୍ରାମର ୨୦ ପରିବାରର ଜିଦ୍ ପାଇଁ ତହସିଲଦାର ହଟହଟା ହୋଇଛନ୍ତି। ବାଧ୍ୟ ହୋଇ ତହସିଲଦାର ଗଜରାଜପୁର ଗାଁକୁ ଯାଇଥିଲେ। ପାଣି ନିଷ୍କାସନ ସମସ୍ୟା ଦେଖିବା ପରେ ରାଜକନିକା ବିଡିଓଙ୍କୁ ଜଣାଇଛନ୍ତି। ଆସନ୍ତାକାଲି ଏହି ଅବରୋଧ ହଟାଇ ଲୋକଙ୍କୁ ଜଳବନ୍ଦୀରୁ ମୁକ୍ତ କରାଯିବ ବୋଲି ସୂଚନା ମିଳିଛି।

## କେନ୍ଦ୍ରାପଡ଼ା ଆର୍‌ଏମ୍‌ସି ନିର୍ବାଚନ କରାଯିବା ଦାବି

ଡେରାବିଶ, ୨୨।୬(ସମିସ): ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାସ୍ଥ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତ୍ତା ହାଇକୋର୍ଟଙ୍କ ରହିତାଦେଶ ଉଠିବା ପରେ କେନ୍ଦ୍ରାପଡ଼ା ଆରଏମ୍‌ସି ନିର୍ବାଚନ କରାଯିବାକୁ ଦାବି କରିଛନ୍ତି। ସଂଘ କର୍ମକର୍ତ୍ତା ଓ ସଭ୍ୟସଭ୍ୟାଙ୍କ ଦସ୍ତଖତ ସମ୍ବଳିତ ୮ ଦଫା ଦାବି ସମ୍ବଳିତ ଦାବିପତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମେତ ରାଜସ୍ୱ ସଚିବଙ୍କୁ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି। ୨୦୨୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ଆରଏମ୍‌ସି ନିର୍ବାଚନ କରାଇବା ନିମନ୍ତେ ନୋଟିଫିକେସନ୍ କରାଯାଇଥିଲା। ତଦାନୁସାରେ କେନ୍ଦ୍ରାପଡ଼ା ଆରଏମ୍‌ସି ନିର୍ବାଚନ କରାଯିବା ପାଇଁ ବିଜ୍ଞାପନ ମଧ୍ୟ ହୋଇଥିଲା। ଜଣେ ଟ୍ରେଡର୍ସ ହାଇକୋର୍ଟରୁ ଷ୍ଟେ ଅର୍ଡର ଆଣିବାରୁ ନିର୍ବାଚନ ସାମୟିକ ଭାବେ ବନ୍ଦ ରହିଥିଲା। ହାଇକୋର୍ଟ ଇତିମଧ୍ୟରେ ସ୍ଥଗିତାଦେଶ ଉଠାଇ ଦେଇଛନ୍ତି। ଏହା ଉଠିଲା ପରେ ଆରଏମ୍‌ସି ନିବାଚନ କରା ନ ଯିବାର ରହସ୍ୟ କ'ଣ ବୋଲି ସଂଘର କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି। ପୁରୁଣା ବୋଡର୍ କାର୍ଯ୍ୟକାଳ ସରିବା ପରେ ସେହି ବୋର୍ଡକୁ ନ ଭାଙ୍ଗି କାର୍ଯ୍ୟକ୍ଷମ ରଖିବା ଆରଏମ୍‌ସି ଆଇନର ଅନ୍ତର୍ଭୁକ୍ତ କି ବୋଲି ସଂଘର କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି। ଜିଲ୍ଲାପାଳ ସଂଘୀୟ କର୍ମକର୍ତ୍ତା ଓ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ଡକାଇ ଆରଏମ୍‌ସି ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯିବା ସହିତ ତ୍ୱରିତ ନିର୍ବାଚନ ପାଇଁ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଦାବି ପୂରଣ ନ ହେଲେ ଆରଏମ୍‌ସି ପରିସରରେ ଆମରଣ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବୃଦ୍ଧ ନିଖୋଜ ଅଭିଯୋଗ



ଡେରାବିଶ,୨୨।୬(ସମିସ): ଏଣ୍ଡର ପଞ୍ଚାୟତ ପଟିଶମାଣିଆ ଗ୍ରାମର ଜଣେ ବୃଦ୍ଧ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପଟିଶମାଣିଆ ଗ୍ରାମର ଅନିରୁଦ୍ଧ ସାହୁ ନିଖୋଜ ଥିବା ନେଇ ତାଙ୍କ ଭାଇ ଅଭିରାମ ସାହୁ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୧୨ ତାରିଖ ସକାଳ ୧୦ଟାରୁ ଅନିରୁଦ୍ଧ ନିଖୋଜ ଥିବା ଦର୍ଶାଇଛନ୍ତି। ଅନିରୁଦ୍ଧ ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବାବେଳେ ଏ ନେଇ ପରିବାର ଆଶଙ୍କାରେ ରହିଛନ୍ତି। ଡେରାବିଶ ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ୍ ଘଟଣାର ତଦନ୍ତ କରୁଛି।

## ବ୍ଲକ୍‌ସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ରାଜନଗର,୨୨।୬(ସମିସ): ରାଜ୍ୟ ସରକାରଙ୍କ ସଫଳତାର ଦୁଇବର୍ଷ ପୂର୍ତ୍ତି ଅବସରରେ ରାଜନଗରରେ ବ୍ଲକସ୍ତରୀୟ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଡିଓ ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ଯୀଶୁକ୍ରିଷ୍ଟା ଦାସ, ଉପାଧକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡକ୍ଟର ରଶ୍ମିରଞ୍ଜନ ମହାନ୍ତି, ସିଡିପିଓ ରୁପାଲୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟଙ୍କ ସମେତ ଯୋଗାଣ ଅଧିକାରୀ, କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ପ୍ରଭାତ ମାଝୀ, ମନୋଜ ବେହେରା, ବିରଞ୍ଚି ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଏ ଅବସରରେ ୧୦ ଜଣ ଅନ୍ନପୂର୍ଣ୍ଣା ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ଓ କୋଡିଏ ଜଣ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା।

## ବଜ୍ରପାତରେ ଦୁଇ ମଇଁଷି ମୃତ



ରାଜନଗର,୨୨।୬(ସମିସ): ଈଶ୍ୱରପୁର ପଞ୍ଚାୟତ ଦିଘି ଗ୍ରାମରେ ବଜ୍ରପାତରେ ଦୁଇଟି ମଇଁଷିର ମୃତ୍ୟୁ ଘଟିଛି। ଆଜି ସକାଳୁ ବର୍ଷା ସହିତ ବ୍ରଜପାତ ହୋଇଥିଲା। ଦିଘି ଗ୍ରାମର ପ୍ରାଣକୃଷ୍ଣ ଦାସ ଓ ତାଙ୍କ ପୁତ୍ର ମଇଁଷି ଚରାଉଥିଲେ। ସେ ସମୟରେ ବ୍ରଜପାତ ହେବାରୁ ପୁଅ ଅର୍ଜୁନ ଦାସ ଅଚେତ ହୋଇ ପଡ଼ିଯାଇଥିଲେ। ପ୍ରାଣକୃଷ୍ଣ ଦୂରରେ ଥିଲେ। ପ୍ରାଣକୃଷ୍ଣ ବି ତଳେ ପଡ଼ିଗଲେ। ପ୍ରାଣକୃଷ୍ଣ ଉଠି ଦେଖିଲା ବେଳକୁ ପୁଅର ଚେତା ନାହିଁ ଓ କିଛି ଦୂରରେ ତାଙ୍କର ମଇଁଷି ଦୁଇଟି ତଳେ ପଡ଼ିଥିବା ଦେଖିଥିଲେ। ସେ ଯାଇ ଦେଖିଲା ବେଳକୁ ଦୁଇଟି ମଇଁଷି ମରି ପଡିଛନ୍ତି। ମୃତ ମଇଁଷିର ମୂଲ୍ୟ ୭୦ ହଜାରରୁ ଅଧିକ ହେବ।

## ଲଣ୍ଡା ପଡ଼ିଆ ଆଶ୍ରମରେ ହେବ ଜଗନ୍ନାଥଙ୍କ ନୂଆ ବିଗ୍ରହ

ପଞ୍ଚୁପାଣ୍ଡବ,୨୨।୬(ସମିସ): ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମରେ ଥିବା ଲଣ୍ଡା ପଡ଼ିଆ ଆଶ୍ରମରେ ଜଗନ୍ନାଥଙ୍କ ନୂଆ ବିଗ୍ରହ ନିର୍ମାଣ କରାଯିବ। ବାବା ଦୟାନିଧି ଦାସଙ୍କୁ ସ୍ୱର୍ଗତ ବାବା ସନାତନ ଦାସଙ୍କ ସ୍ୱପ୍ନାଦେଶ ଅନୁସାରେ ଦାରୁ ଚିହ୍ନଟ କରାଯାଇଥିଲା।



ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ପ୍ରକାଶ ନାୟକଙ୍କ ଘର ପରିସରରେ ଥିବା ଦାରୁ ଚିହ୍ନଟ କରାଯାଇ ଦାରୁ ଛେଦନ କରାଯାଇଛି। ବାବା ଦୟାନିଧି ଦାସଙ୍କ ତତ୍ତ୍ୱାବଧାନରେ ରବିବାର ଯଜ୍ଞ କରାଯାଇ ଶତାଧିକ ଭକ୍ତ ଯୋଗଦେଇ ନାମ ସଙ୍କୀର୍ତ୍ତନ ଶୋଭାଯାତ୍ରା କରି ଲଣ୍ଡା ପଡ଼ିଆ ଆଶ୍ରମକୁ ଦାରୁ ବ୍ରହ୍ମ ପହଞ୍ଚାଇଥିଲେ। ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରଘୁଦେଇପୁର ଗ୍ରାମରେ ବଳଭଦ୍ର ଓ ନୋଳ ସାହିରେ ସୁଭଦ୍ରାଙ୍କ ଦାରୁ ଚିହ୍ନଟ କରାଯାଇଥିବା ବାବା ଦୟାନିଧି ଦାସ କହିଛନ୍ତି। ଏହି ଦାରୁ ଆସନ୍ତା ରବିବାର ଦିନ ଦାରୁ ଛେଦନ କରାଯିବ।

## ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ



ରାଜନଗର,୨୨।୬(ସମିସ): ରାଜନଗର ସଦର ମହକୁମା ହଂସୁଆ ନଦୀ ତଟବର୍ତ୍ତୀ ଶ୍ରୀଶ୍ରୀ ରାଘବେଶ୍ୱର ଶିବ ମନ୍ଦିର ପରିସରରେ ରାଘବେଶ୍ୱର ଯାତ୍ରା କମିଟି ପକ୍ଷରୁ ନବନିର୍ମିତ ହନୁମାନଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଶଙ୍କର୍ଷଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣ୍ଡିତ ପ୍ରମୋଦ ପାଣି, ରବିନାରାୟଣ ମିଶ୍ର, ରଜନୀ ଦେବତା, ହରପ୍ରସାଦ ଷଡ଼ଙ୍ଗୀ, ଅଭୟ ମିଶ୍ର ପ୍ରମୁଖଙ୍କ ବେଦମନ୍ତ୍ର ଦ୍ୱାରା ଏହି ଦେବ କାର୍ଯ୍ୟକ୍ରମ ସମାପନ ହୋଇଛି। ଯଜ୍ଞରେ ଅନିରୁଦ୍ଧ ପରିଡା, ଅନ୍ନପୂର୍ଣ୍ଣା ପରିଡା କର୍ତ୍ତା ଥିଲେ । ରାଘବେଶ୍ୱର ଯାତ୍ରା କମିଟିର ମହେଶ୍ୱର ସେଠୀ, ପବିତ୍ର ସେଠୀ, ସତ୍ୟବାନ ସେଠୀ, ବିଭୁତି ନାୟକ, ସୁଶୀଲ ସେଠ, ରମେଶ ଦାସ, ବ୍ରଜ ମିଶ୍ର, ଦିଲ୍ଲୀପ ଲେଙ୍କା, ବିକାଶ ସେଠୀ, ଅଜୟ ସାହୁ, ସୁରେନ୍ଦ୍ର ସାହୁ ରବୀନ୍ଦ୍ର ପ୍ରଧାନ ରଶ୍ମି ପ୍ରଧାନ, ଏସଡିପିଓ ସୁକାନ୍ତ ପାତ୍ର, ଆଇଆଇସି ନରେଶ କୁମାର ସାହୁ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ସମିତି ସଭ୍ୟା ସୁମିତ୍ରା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

ମାର୍ଶାଘାଇ,୨୨।୬(ସମିସ): ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, କେନ୍ଦ୍ରାପଡ଼ା ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ ଓ ମାର୍ଶାଘାଇ ବ୍ଲକ୍ ପ୍ରଶାସନର ମିଳିତ ସହଭାଗିତାରେ ବ୍ଲକ ସମ୍ମିଳନୀ କକ୍ଷରେ ମଣ୍ଡଳସ୍ତରୀୟ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ମଧୁସ୍ମିତା ସାମଲ, ବିଡିଓ ତୃପ୍ତି ମହାନ୍ତି, ବିଜେପି ଯୁବମୋର୍ଚ୍ଚା ନେତା ଦିବ୍ୟଜ୍ୟୋତି ଜେନା, ସିଡିପିଓ ଶୈଳବାଳା ଚାଷୀ, ଦକ୍ଷତା ବିକାଶ ନିଯୋଜନ ଅଧିକାରୀ ଜିତେନ୍ଦ୍ର ସେଠୀ, ଶିଳ୍ପ ପର୍ଯ୍ୟବେକ୍ଷକ ଶୁଭଶ୍ରୀ ଜେନା, ସହକାରୀ ଶିଳ୍ପ ଅଧିକାରୀ ଶିବପ୍ରସାଦ ଦାସ, ଛତାସ୍ଥ ପଲିଟେକ୍ନିକ ଅଧାପକ ସୁନୀଲ ସେଠୀ, ଜିଲ୍ଲା ଶିଳ୍ପକେନ୍ଦ୍ରର ଏମ୍‌ଏସ ଏମ୍‌ଇ ଅଧିକାରୀ ତ୍ରିଲୋଚନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଦକ୍ଷତା ବିକାଶ ଯୋଜନା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ, ଯୁବକ/ଯୁବତୀଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧାପକ ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅବିନାଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଯୁବ ଉଦ୍ୟୋଗୀ ଜ୍ଞାନରଞ୍ଜନ ସୂତାର, ଅମରଜିତ୍ ମହାନ୍ତି, ରଜନୀକାନ୍ତ ଦାସ, କ୍ଷୀରୋଦ ଦାସ, ସୁଧାଂଶୁ ନାୟକ, ମାର୍ଶାଘାଇ ମହାବିଦ୍ୟାଳୟ +୨ ଟପ୍ପର ସୁବ୍ରତ ସ୍ୱାଇଁ, +୩ ଟପ୍ପର ଅଭିଲିପ୍ସା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଆଳି ସମବାୟ ବ୍ୟାଙ୍କ ଆଗରେ ଚାଷୀଙ୍କ ଧାରଣା



ଆଳି,୨୨।୬(ସମିସ): ନିଆଳସ୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଆଳି ବ୍ଲକ୍‌ର ବିଭିନ୍ନ କୃଷି ସେବା ସମବାୟ ସମିତିରେ ବିଭିନ୍ନ ପ୍ରକାରର ଦୁର୍ନୀତି ସହିତ ଋଣ ପ୍ରଦାନରେ ପାତରଅନ୍ତର ପ୍ରତିବାଦରେ ଆଜି ଚାଷୀଙ୍କ ପକ୍ଷରୁ ବ୍ୟାଙ୍କ୍ ସମ୍ମୁଖରେ ଧାରଣା ଦିଆଯିବା ସହ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ବ୍ୟାଙ୍କର ପରିଚାଳକ ଋଣ ଦେଣନେଣରେ ପ୍ରିୟାପ୍ରୀତି ତୋଷଣ କରୁଛନ୍ତି। ଫଳରେ ବ୍ୟାଙ୍କ ଓ ସମବାୟ ସମିତି ଅଧୀନରେ ଶତାଧିକ ଚାଷୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ବ୍ୟାଙ୍କକୁ ଟଙ୍କା ଆସୁ ନ ଥିବା ଆଳରେ ମଞ୍ଜୁରୀ ଋଣ ଅର୍ଥ, ଜମା ଟଙ୍କା ଚାଷୀଙ୍କୁ ଦିଆ ନ ଯିବା, ଇନସ୍ୟୁରାନ୍ସ ଟଙ୍କା ହଡପ ଓ ଚାଷୀଙ୍କ ନାମରେ ଦ୍ୱିତୀୟ ଆକାଉଣ୍ଟ ଖୋଲି ଟଙ୍କା ହଡପ ଆଦି ଘଟଣାକୁ ଚାଷୀଙ୍କ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଅନ୍ୟପକ୍ଷରେ ନବଗଠିତ ସମବାୟ ସମିତି ଉପରେ ନ୍ୟାୟାଳୟଙ୍କ ରହିତାଦେଶ ସତ୍ତ୍ୱେ ସେଠାକୁ ଋଣ ଆଦାନ ପ୍ରଦାନ ସହ ଅର୍ଥ ପ୍ରଦାନ କରାଯାଉଛି। କିଛିଦିନ ତଳେ ନୂତନ ଭାବେ ଗଢି ଉଠିଥିବା ଜୁଆଣିଆ ସମବାୟ ସମିତିର ସଦସ୍ୟ ଗୋବିନ୍ଦପୁର ସମିତିରୁ ୧୩୨ ହିତାଧିକାରୀଙ୍କ ନାମରେ ଋଣଅର୍ଥ ମଞ୍ଜୁର କରାଯାଇ ପୁନଃ ଚାଷୀଙ୍କ ଅଜାଣତରେ ତାଙ୍କ ଖାତାରୁ ଟଙ୍କା ଉଠାଣ ନେଇ ଆଳି ଥାନାରେ ପରିଚାଳକଙ୍କ ନାମରେ ଏତଲା ଦିଆଯାଇଥିଲା। ଆଳି ସମବାୟ ବ୍ୟାଙ୍କ ଅଧୀନରେ ବେନାମୀ ଋଣ କାରବାର, ପିସି ଆଦାୟ, ବ୍ୟାଙ୍କରେ ଦଲାଲ ରାଜ ବନ୍ଦ କରିବା, ଜୁଆଣିଆ ଓ ପେତପଡା ସମବାୟ ସମିତି ସ୍ୱତନ୍ତ୍ର ଅଡିଟ ଓ ଋଣ ଟଙ୍କା ଉଠାଣ ନେଇ ଅଭିଯୋଗ କରିଛନ୍ତି। ଏସବୁ ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଚାଷୀଙ୍କୁ ସମବାୟ ସେବା ସୂଚାରୁରୂପେ ଯୋଗାଇ ଦେବାକୁ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ଗୋବିନ୍ଦପୁର ସମବାୟ ସମିତି ସଭାପତି ଧନରଞ୍ଜନ ବୋଷଙ୍କ ସହ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଳି ତହସିଲଦାର ସୁମନ ଘୋଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦେମାଳ ସମବାୟ ସମିତି ସଭାପତି ରବୀନ୍ଦ୍ର ଲେଙ୍କା, ଦେସାହି ସମବାୟ ସମିତିର ପୁରୁଷୋତ୍ତମ ପଲାଇ, ପତ୍ରପୁର ସମବାୟ ସମିତି ସଭାପତି ସୁବ୍ରତ ବେହୁରା, ଫସିଧା ସରପଞ୍ଚ ଦୀପକ ଭୂୟାଁ, ଭୂଇଁପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ପାତ୍ର, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକଙ୍କ ସହ ଶତାଧିକ ଚାଷୀ ଧାରଣାରେ ସାମିଲ ଥିଲେ। ଏ ନେଇ କଟକ ସମବାୟ ସମିତି ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅନନ୍ତ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଦୁଇ ସମବାୟ ସମିତିର କେଶ ଉଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବା ଯୋଗୁଁ ଋଣ ନେଣ ଦେଣ ସହ କୌଣସି ପଦକ୍ଷେପ ଗ୍ରହଣ କରି ହେଉନାହିଁ। ଏଥିସହିତ ଗଣଧାରଣାରେ ହୋଇଥିବା ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଯଦି ଏଭଳି କିଛି ଘଟିଥାଏ ତେବେ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

● ଜାତୀୟ ରାଜପଥ ଠିକାଦାରଙ୍କ ମନମୁଖି କାର୍ଯ୍ୟ

## କେନାଲ ମୁହଁ ବନ୍ଦ, ହୋଇପାରୁନି ପାଣି ନିଷ୍କାସନ

ଡେରାବିଶ/ପଞ୍ଚୁପାଣ୍ଡବ, ୨୨।୬(ସମିସ): ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁପାଣ୍ଡବ ଛକ ନିକଟରେ ଚଣ୍ଡିଖୋଲ-ପାରାଦୀପ ୯୫ନଂ ଜାତୀୟ ରାଜପଥକୁ ଅତିକ୍ରମ କରିଥିବା କେନ୍ଦ୍ରାପଡ଼ା କେନାଲ୍ ୮ନଂ ଶାଖା କେନାଲ୍ ନିର୍ମାଣରେ ମନମାନୀ ଯୋଗୁଁ ଏବେ ଏହାର ତଳମୁଣ୍ଡରେ ଥିବା ୨ଟି ଜିଲ୍ଲାର ୪ ପଞ୍ଚାୟତର ଶହଶହ ହେକ୍ଟର ଚାଷଜମିରେ ଚଳିତ ଖରିଫ ଋତୁରେ ଫସଲ ହାନୀ ଆଶଙ୍କା ଦେଖାଦେଇଛି।



**ଶହ ଶହ ହେକ୍ଟର ଜମିରେ ଫସଲ ହାନୀ ଆଶଙ୍କା।**

କେନ୍ଦ୍ରାପଡ଼ା କେନାଲ୍‌ରୁ କଟକ ଜିଲ୍ଲାର କେନ୍ଦୁପାଟଣା ନିକଟରୁ ବାହାରି ଥିବା ୮ନଂ କେନାଲ୍ ନିଶ୍ଚିନ୍ତକୋଇଲି ବ୍ଲକ୍ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍‌ର ସଦାନନ୍ଦପୁର ଯାଏ ଯାଇଛି। ଏହି କେନାଲଟି ପଞ୍ଚୁପାଣ୍ଡବ ନିକଟରେ ଜାତୀୟ ରାଜପଥକୁ ଅତିକ୍ରମ କରିଛି। ତେବେ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମାନୀ କାର୍ଯ୍ୟ ଯୋଗୁଁ ଜାତୀୟ ରାଜପଥ ତଳେ ଯାଇଥିବା କେନାଲର ତଳ ମୁଣ୍ଡକୁ ପାଣି ଯିବାରେ ସମସ୍ୟା ଦେଖାଦେଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଠିକାଦାର ଶୁଣୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଠିକାଦର କେନାଲର ଡିଜାଇନ୍‌ରେ ଭୁଲ୍ କରିଥିବା ଯୋଗୁଁ ଏବେ ଏହା ପୋତି ହୋଇଯିବା ଭଳି ଅବସ୍ଥା ଉପୁଜିଛି। ଫଳରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ୍ ଏଣ୍ଡର ପଞ୍ଚାୟତର ଡେରାଡିହ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର କେଉଟକଣ୍ଡିଆ, ବେଣୀପୁର ପଞ୍ଚାୟତର ସାଦନନ୍ଦପୁର ଓ ଯାଜପୁର ଜିଲ୍ଲା ଭରତପୁର ପଞ୍ଚାୟତର ପାରିପଲେଇ ଓ ପଣସୁଧା ଗ୍ରାମର ଶହ ଶହ ହେକ୍ଟର ଚାଷଜମିକୁ କେନାଲ୍ ଜଳ ପ୍ଳାବିତ ହୋଇପାରିବନାହିଁ। ଏବେ ହଜାର ହଜାର ଚାଷୀ ଫସଲ ହାନୀ ଆଶଙ୍କାରେ ଆତଙ୍କିତ ହୋଇ ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। କୌଣସି ସୁଫଳ ନ ମିଳିବାରୁ ସ୍ଥାନୀୟ ଚାଷୀ ପାଟକୁରା ବିଧାୟକଙ୍କୁ ସମସ୍ୟାର ସମାଧାନ ନିମନ୍ତେ ଅନୁରୋଧ କରିଥିଲେ। ଆଜି ପାଟକୁରା ବିଧାୟକ ଘଟଣାସ୍ଥଳରେ ପହଞ୍ଚି ତ୍ରୁଟିପୂର୍ଣ୍ଣ କେନାଲ୍ ନିର୍ମାଣ ଦେଖିବା ସହ ଏହାର ସମାଧାନ ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

## ଜାତୀୟ ପାୱାରଲିଫ୍ଟିଂରେ ପ୍ରଥମ ହୋଇଥିବା ବ୍ରହ୍ମାଂଶୁଙ୍କୁ ସମ୍ବର୍ଦ୍ଧନା

ଡେରାବିଶ, ୨୨।୬(ସମିସ): ଜାତୀୟ ପାୱାରଲିଫ୍ଟିଂରେ ପ୍ରଥମ ସ୍ଥାନ ହାସଲ କରିଥିବା ଦୁମୁକାହାଟ ଗ୍ରାମର ବ୍ରହ୍ମାଂଶୁ ମହାରଣାଙ୍କୁ ତାଙ୍କ ବାସଭବନରେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ବ୍ରହ୍ମାଂଶୁଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଫୋନ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ଉତ୍ତରପ୍ରଦେଶର ମଥୁରାଠାରେ ଆୟୋଜିତ ପ୍ରତିଯୋଗିତାରେ ବ୍ରହ୍ମାଂଶୁ ୭୭ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶ୍ରୀ ପରିଡ଼ା ଆଜି ବ୍ରହ୍ମାଶୁଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ବ୍ରହ୍ମାଂଶୁଙ୍କ କୋଚ୍ ବିଭୂତିଭୂଷଣ ବେହେରାଙ୍କୁ ମଧ୍ୟ ଶ୍ରୀ ପରିଡ଼ା ପ୍ରଶଂସା କରିଛନ୍ତି। ଶ୍ରୀ ପରିଡ଼ାଙ୍କ ସହିତ ବିଶ୍ୱମୋନ ଦାସ, ସଂଜୟ ସାହୁ, ପ୍ରଶାନ୍ତ ସାଠୁଆ, ସରୋଜ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ।



**ମହାକାଳପଡା ରାମଚଣ୍ଡି ବିଜୟାନନ୍ଦ ବିଦ୍ୟାଳୟରେ ଅନିୟମିତତା ଅଭିଯୋଗ**

# ପ୍ରଧାନଶିକ୍ଷକଙ୍କ ବିରୋଧରେ ଅଭିଭାବକଙ୍କ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦ୍ରାପଡ଼ା/ମହାକାଳପଡ଼ା, ୨୨।୬(ସମିସ)

ମହାକାଳପଡ଼ାସ୍ଥ ରାମଚଣ୍ଡି ବିଜୟାନନ୍ଦ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନିୟମିତତା ହେଉଥିବା ଅଭିଯୋଗ ଆଣି ଅଭିଭାବକ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଧାନଶିକ୍ଷକଙ୍କ ବିରୋଧରେ ବିଭିନ୍ନ ଗୁରୁତର ଅଭିଯୋଗ ଆଣି ଘଟଣାର ନିରପେକ୍ଷ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଭାବକ ପ୍ରଦାନ କରିଥିବା ଦାବିପତ୍ରରେ ୮ଟି ମୁଖ୍ୟ ଅଭିଯୋଗ ରହିଛି। ନାମାଙ୍କନ ଫି ବାବଦରେ ଅଧିକ ଅର୍ଥ ଆଦାୟ କରି ରସିଦରେ କମ୍ ଟଙ୍କା ଦର୍ଶାଇବା, ଜାଲ୍ ବିଲ ମାଧ୍ୟମରେ ସରକାରୀ ଅର୍ଥ ଆତ୍ମସାତ କରିବା ଓ ବିଦ୍ୟାଳୟ ନାମରେ ମିଥ୍ୟା ସାମଗ୍ରୀ କ୍ରୟ ଦେଖାଇ ଅର୍ଥ ଉଠାଇବା ଭଳି ଅଭିଯୋଗ ରହିଛି। ଏଥିସହ ବିଦ୍ୟାଳୟ କୋଷରୁ ବ୍ୟକ୍ତିଗତ ଖର୍ଚ୍ଚ କରାଯାଉଥିବା, କେତେକ ଶିକ୍ଷକ ନିୟମିତ ଉପସ୍ଥିତ ନ ରହି ମଧ୍ୟ ସମ୍ପୂର୍ଣ୍ଣ ଦରମା ନେଉଥିବା, ଗେଷ୍ଟ ଟିଚର ନିଯୁକ୍ତିରେ ଅନିୟମିତତା ଓ ଆର୍ଥିକ କାରବାରରେ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିଛି। ଅଭିଭାବକମାନେ ଆହୁରି ଦର୍ଶାଇଛନ୍ତି ଯେ, ବିଦ୍ୟାଳୟର ଶୌଚାଳୟ ଓ ପାନୀୟଜଳ ବ୍ୟବସ୍ଥା ଅଚଳ ହୋଇପଡିଥିବାରୁ ଛାତ୍ରଛାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସେହିପରି ମଧ୍ୟାହ୍ନଭୋଜନ ପାଇଁ ଆସିଥିବା ଚାଉଳରେ ବ୍ୟାପକ ଅନିୟମିତତା ଓ ହେରଫେର ହୋଇଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ପୁରୀ ଶିକ୍ଷାମୂଳକ କାର୍ଯ୍ୟକ୍ରମ ନାମରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କଠାରୁ ୩୦୦ ଟଙ୍କା ଲେଖାଏଁ ଆଦାୟ କରାଯାଇଥିଲେ ମଧ୍ୟ ପ୍ରକୃତରେ ମାତ୍ର ୧୦୦ ଟଙ୍କା ଖର୍ଚ୍ଚ କରାଯାଇଥିବା ଅଭିଯୋଗ ଉଠିଛି। ଏସବୁ ଅଭିଯୋଗ ସମ୍ପର୍କରେ ପୂର୍ବରୁ ବାରମ୍ବାର ଶିକ୍ଷା ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେବା ସହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ଦାବିପତ୍ରରେ ଅମିତାଭ ଚୌଧୁରୀ, ବାବୁଲା ମଣ୍ଡଳ, ସୁଧୀର ମଣ୍ଡଳ, ଅଭିଷେକ ମଣ୍ଡଳ, ନିରଞ୍ଜନ ବେହେରା, ସୋମନାଥ କୁମାର, ଶକ୍ତି ମଣ୍ଡଳ, ମନୋଜ ଦେବତାଙ୍କ ସମେତ ବହୁ ଅଭିଭାବକ ସ୍ୱାକ୍ଷର କରିଛନ୍ତି।

# ସମ୍ପାଦକୀୟ



ଉପଯୁକ୍ତ ବୌଦ୍ଧିକ ଓ ଆର୍ଥିକ ସହାୟତା ମିଳିଲେ କୃଷି କ୍ଷେତ୍ର ନିଯୁକ୍ତିଭିତ୍ତିକ ଅର୍ଥନୈତିକ ପ୍ରଗତିରେ ଉଲ୍ଲେଖନୀୟ ଯୋଗଦାନ ଦେଇପାରିବ।

-ଏମ୍ ଏସ୍ ସ୍ୱାମୀନାଥନ୍

ସକାଳ
THE SAKALA

## ଓଡ଼ିଶାରେ ଅରାଜକତା!

ବାଲିଅନ୍ତାରେ ପୁଲିସ୍ କନଷ୍ଟେବଲ୍‌ଙ୍କ ଭିଡ଼ ହିଂସାରେ ମୃତ୍ୟୁ ବିବାଦର ନିଆଁ ପ୍ରଶମିତ ହୋଇ ନଥିବା ବେଳେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଦିଲ୍ଲୀର ଜନୈକା ଗବେଷିକାଙ୍କୁ ଅସଦାଚରଣ, ବିବସ୍ତ୍ର ଉଦ୍ୟମ ଓ ଭିଡ଼ ହିଂସା ପରି ନିନ୍ଦନୀୟ ଘଟଣା ଅନ୍ତର୍ଜାତୀୟସ୍ତରରେ ଓଡ଼ିଶାକୁ ପୁଣି ଥରେ ନିନ୍ଦିତ କରିଛି। ଗତବର୍ଷ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରୁ ଆରମ୍ଭ କରି ବଲାଙ୍ଗୀରେ ଜନୈକା ଯୁବତୀଙ୍କୁ ଘରୁ ଡାକି ନେଇ ନିଆଁରେ ପୋଡ଼ି ହତ୍ୟା ଉଦ୍ୟମ, ବାରଙ୍ଗ ଥାନା ଭିତରେ ଅଭିଯୁକ୍ତଙ୍କୁ ଥାନାଧିକାରୀଙ୍କ ଅମାନୁଷିକ ଥାର୍ଡଡିଗ୍ରୀ, ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ପୁଲିସର ନିର୍ଯାତନା ଅଭିଯୋଗ ଏବଂ ସଦ୍ୟତମ କଲ୍ୟାଣସିଂହପୁର ଘଟଣାବଳୀକୁ ତର୍ଜମା କଲେ ଲାଗୁଛି ଓଡ଼ିଶାବାସୀଙ୍କ ମନରୁ ଆଇନ, ବିଚାର, ଦଣ୍ଡବିଧାନ ପ୍ରତି ବିଶ୍ୱାସ ଦୂରେଇ ଯାଇଛି।

ଏବେ ଲାଗୁଛି ସତେଯେମିତି ଶାନ୍ତିପ୍ରିୟ ରାଜ୍ୟରେ ଅରାଜକତାର ପ୍ରବେଶ ହୋଇସାରିଛି। କେଉଁଠି ପୁଲିସ ଅଭିଯୁକ୍ତଙ୍କୁ ଆକ୍ରମଣ କରୁଛି ତ କେଉଁଠି ଜନତା ଆଇନକୁ ହାତକୁ ନେଇ ରାୟ ଓ ଦଣ୍ଡବିଧାନ କରୁଛନ୍ତି। ରାସ୍ତା ଉପରେ ଗାଡ଼ି ଚଢ଼ାଇ ହତ୍ୟା କରୁଛନ୍ତି। ସରକାର ଓ ସରକାରୀ ଅଧିକାରୀଙ୍କ ମନରୁ କର୍ତ୍ତବ୍ୟବୋଧ ଓ ଦାୟିତ୍ୱବୋଧ ଉଭାନ୍ ହୋଇଯାଇଛି। ଯିଏ ଯାହା ଠିକ୍ ଭାବିଲା, ଯାହା ମନକୁ ଯାହା ଆସିଲା ସେ ତାହାକୁ କାର୍ଯ୍ୟରେ ପରିଣତ କରିଦେଉଛି। ଯାହା କିଛି ପୂର୍ବରୁ ଚାଲିଥିଲା ତାହା ଚାଲିଆସୁଛି। କିନ୍ତୁ ନୂଆ କିଛି କଲାବେଳେ ଅପରାଗତା ବାରି ହୋଇପଡୁଛି। ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରଶାସନ, ଆଇନ ଶୃଙ୍ଖଳା ଆଦି କୌଣସି କ୍ଷେତ୍ର ନାହିଁ ଯେଉଁଠାରେ ବିଭ୍ରାଟ, ତ୍ରୁଟି, ଅବ୍ୟବସ୍ଥା ପରିଲକ୍ଷିତ ହେଉନାହିଁ। ଯଦି ଏହି ଧାରା ଜାରି ରହେ ତେବେ ଓଡ଼ିଶା ଖୁବ୍‌ଶୀଘ୍ର ବିହାରର ଜଙ୍ଗଲୀରାଜ କିମ୍ବା ମଣିପୁର ହେବାକୁ ବେଶୀ ବିଳମ୍ବ ହେବ ନାହିଁ। ଯେତେବେଳେ ଜନତାଙ୍କ ମନରୁ ଆଇନ ଶୃଙ୍ଖଳାର ଭୟ ଦୂରେଇ ଯାଏ ସେତେବେଳେ ରାଜ୍ୟ କିମ୍ବା ଦେଶ ଅରାଜକତା ଦିଗକୁ ଯାଉଛି ବୋଲି ବୁଝାଯାଏ। ଓଡ଼ିଶା ପରିପ୍ରେକ୍ଷୀରେ ଏତେଶୀଘ୍ର କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ ନ ହେଲେ ମଧ୍ୟ ଅବଚେତନ ମନରେ ଏହି ଧାରଣାଟିଏ କ୍ରମଶଃ ଦୃଢ଼ୀଭୂତ ହେଉଛି।

ଏବେ ଓଡ଼ିଶାର ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି ଯେ ଶାନ୍ତିପ୍ରିୟ ଓଡ଼ିଶାରେ ହଠାତ୍ ଏ ପୈଶାଚିକ ମାନସିକତା ଜନ୍ମ ନେଲା କିପରି? ପୁଣି ଏହାର ନିରାକରଣ ହେବ କେମିତି ଏବଂ କରିବ କିଏ? କେତେକ ମହଲର ମତ ଯେ ଶାସନ ଯେତେବେଳେ ଜନସ୍ୱାର୍ଥକୁ ଉପେକ୍ଷା କରି କ୍ଷମତାକୈନ୍ଦ୍ରିକ ହୋଇଯାଏ ସେତେବେଳେ ବ୍ୟବସ୍ଥା ନିୟନ୍ତ୍ରଣ ହରାଏ। ଓଡ଼ିଶାରେ ଠିକ୍ ତାହା ହିଁ ଗତଦୁଇବର୍ଷ ଧରି ଘଟୁଛି। ଇ-କେୱାଇସି ଆଳରେ ଗତବର୍ଷ ହଜାର ହଜାର ପଡ଼ିକାର୍ଡଧାରୀ ରାସନ୍‌ରୁ ବଞ୍ଚିତ ହୋଇଥିବା ବେଳେ ଏବେ ସମାନ କାରଣରୁ ବୟୋବୃଦ୍ଧମାନେ ତିନିମାସ ହେଲାଣି ଭତ୍ତା ପାଇନାହାନ୍ତି। ପିଲାଙ୍କୁ ଅଧିକ ପଣ୍ଡିତ କରି ପକାଇବାର ଆସ୍ପର୍ଦ୍ଧାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମରେ ଯେଉଁ ଆମୂଳଚୂଳ ପରିବର୍ତ୍ତନ ଉଦ୍ୟମ ଆରମ୍ଭ ହୋଇଛି ତାହାର ବିଡ଼ମ୍ବନା ଏବେ ସାରା ଦେଶ ଦେଖୁଛି ଏବଂ ଜାତୀୟ ଗଣମାଧ୍ୟମମାନ ମୁଖର ହୋଇଛି। ଓଡ଼ିଶାକୁ ନ ଯିବା ପାଇଁ ଗତବର୍ଷ ଆମେରିକାର ବୈଦେଶିକ ବ୍ୟାପାର ବିଭାଗ ସେ ଦେଶର ନାଗରିକମାନଙ୍କୁ ଚେତାବନୀ ଦେଇଥିଲା। କଲ୍ୟାଣସିଂହପୁର ଘଟଣା ପରେ ଓଡ଼ିଶା ଯେ ପର୍ଯ୍ୟଟକଙ୍କ ପାଇଁ ଆଉ ସୁରକ୍ଷିତ ନୁହେଁ ଏହି ଧାରଣା ଅନ୍ତର୍ଜାତୀୟ ସ୍ତରରେ ଆହୁରି ଦୃଢ଼ ହେଉଛି। ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ନୂଆ ଡାକ୍ତର ନିଯୁକ୍ତି ପ୍ରକ୍ରିୟା ଘୁଞ୍ଚି ଚାଲିଛି। ପ୍ରତିଶ୍ରୁତି ସତ୍ତ୍ୱେ ୧୦ ଦଫା ଦାବି ପୂରଣ ନ ହେବାରୁ ଜୁଲାଇ ୧ ତାରିଖରୁ ଡାକ୍ତରମାନେ ପୁଣି ଥରେ ଧର୍ମଘଟ କରିବେ ବୋଲି ଚେତାବନୀ ଦେଇଛନ୍ତି। ଇତିମଧ୍ୟରେ ସ୍ୱାସ୍ଥ୍ୟମିତ୍ରମାନଙ୍କୁ ଛଟେଇ କରିଦିଆଯାଇଛି।

କୋଠାବାଡ଼ିର ରଙ୍ଗ ଓ ଯୋଜନାର ନାମ ପରିବର୍ତ୍ତନ ବ୍ୟତୀତ ଗତ ଦୁଇବର୍ଷ ଭିତରେ ସରକାରଙ୍କ ଉପଲବ୍ଧି ଓ ଓଡ଼ିଶାବାସୀଙ୍କୁ ମହତ୍‌ଦାନ ଭିତରେ କେବଳ ସୁଭଦ୍ରା ଯୋଜନାରେ ଟଙ୍କା ବଣ୍ଟନ (ଏହା ମଧ୍ୟ ଅନିୟମିତ ବୋଲି ଅଭିଯୋଗ ଆସୁଛି) ଏବଂ ମଦର ବ୍ୟାପକ ବିକ୍ରି ଓ ପ୍ରସାର ହିଁ ଦୃଷ୍ଟିକୁ ଆସୁଛି। ବିଜ୍ଞାପନର ପ୍ରସାର ଓ ଆତ୍ମପ୍ରଚାର ଜରିଆରେ ବିକାଶ କିମ୍ବା ସ୍ଥିର ଶାସନ ଆସେ ନାହିଁ। ଏଥିପାଇଁ ଲୋଡ଼ା ଜନକଲ୍ୟାଣମୁଖୀ ସମର୍ପିତ ଶାସନ। ଶାସକ କ୍ଷମତାର ମୋହଗଣ୍ଠି ମଧ୍ୟରୁ ନ ବାହାରିବା ପର୍ଯ୍ୟନ୍ତ ଲୋକାଭିମୁଖୀ ଶାସନର ମାନସିକତା ଜନ୍ମ ନେବା ଅସମ୍ଭବ। କ୍ଷମତା ହାସଲର ଉପଲବ୍ଧିର ଉତ୍ସବପାଳନରେ ସରକାର ଏତେ ଆତ୍ମବିଭୋର ଯେ ଜନତାଙ୍କ ସୁରକ୍ଷା ଚିନ୍ତା ଦୂରେ ଥାଉ, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଚୋରି ହୋଇଯାଉଛି। ଇଏ 'ଢୋଲ ଭିତରେ ମୂଷା' ରୂଢ଼ି ଭଳି। ଆହୁରି ମଧ୍ୟ ବିଡ଼ମ୍ବନା ଏୟା ଯେ କଟକ ବଡ଼ ମେଡିକାଲ୍ କଲେଜ୍‌ରେ ଲଗାତାର ଅଗ୍ନିକାଣ୍ଡ ଘଟଣା ହେଉ କିମ୍ବା ସ୍କୁଲ୍ ପାଠ୍ୟପୁସ୍ତକରେ ଅକ୍ଷମଣୀୟ ତ୍ରୁଟି, ବିଭାଗୀୟ ମନ୍ତ୍ରୀମାନେ ଉତ୍ତରଦାୟିତ୍ୱ ନେବାକୁ ନାରାଜ। ଏଥିରୁ ସରକାର କେତେ ଜନକଲ୍ୟାଣ ଉତ୍ତରଦାୟୀ ଓ ବିକାଶମୁଖୀ ତାହା ବାରି ହୋଇପଡୁଛି।

୨୦୨୪ ସେପ୍ଟେମ୍ବର ୧୯ ତାରିଖରେ ରାଜ୍ୟସରକାରଙ୍କ କ୍ଷମତାକୁ ଆସିବାର ୧୦୦ ଦିନ ପୂର୍ତ୍ତି ପାଳନର ଅବ୍ୟବହିତ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଭରତପୁର ଥାନା ଭିତରେ ଅଭିଯୋଗକାରିଣୀଙ୍କ ସହିତ ପୁଲିସର ଦୁର୍ବ୍ୟବହାର ଘଟଣା ଘଟିଥିବା ବେଳେ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନ ପ୍ରସ୍ତୁତି ବେଳେ କଲ୍ୟାଣସିଂହପୁରର ନିନ୍ଦନୀୟ ଭିଡ଼ ହିଂସା ଘଟଣା ଘଟିଛି। ଏ ଦୁଇଟି କାକତାଳିକ ହୋଇଥାପାରେ। କିନ୍ତୁ ଯେତେବେଳେ ପ୍ରତିପତ୍ତି, କ୍ଷମତାର ମୋହ ଓ ଆତ୍ମପ୍ରଚାରର ପ୍ରାବଲ୍ୟରେ ସରକାରୀ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ବିବଶ ହୋଇପଡ଼େ ସେତେବେଳେ ଜନଆକ୍ରୋଶ ଅତିକ୍ରିୟାର ରୂପ ନିଏ ଏବଂ 'ଗଙ୍ଗାଜଲ୍' ଭଳି ଚଳଚ୍ଚିତ୍ର କାହାଣୀର ଆଧାର ପାଲଟିଯାଏ। ଚଳଚ୍ଚିତ୍ରର କାହାଣୀ ଓ ବାସ୍ତବ ଜୀବନ ଭିତରେ ଆକାଶ ପାତାଳ ଫରକ୍ ଅଛି। କିନ୍ତୁ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ପରିସ୍ଥିତି ଚାପରେ ଆକାଶ-ପାତାଳର ଦୂରତ୍ୱ ହ୍ରାସ ଘଟିବାରେ ବିଳମ୍ବ ହେବ ନାହିଁ ଏବଂ ଚଳଚ୍ଚିତ୍ରର କାହାଣୀ ବାସ୍ତବତାରେ ରୂପାୟନ ହେବ ନାହିଁ।

# ବିବାଦ, ବିଦ୍ରୋହ, ବିଚ୍ଛେଦ, ବିଶ୍ୱାସଘାତ

ରଞ୍ଜିତ୍ ମହାନ୍ତି

ତୃଣମୂଳ କଂଗ୍ରେସର ୨୦ ଲୋକସଭା ସାଂସଦଙ୍କ ଆକସ୍ମିକ ବିଦ୍ରୋହ ଏବଂ ଏକ ଅଖ୍ୟାତ ଦଳରେ ଯୋଗଦାନ କରି ଏନ୍‌ଡିଏକୁ ସମର୍ଥନ ଘୋଷଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ତୃଣମୂଳ କଂଗ୍ରେସ(ଟିଏମ୍‌ସି)ରେ ମମତାଙ୍କ ଏକଛତ୍ର ନୀତି ବିରୋଧରେ ଏହା ବିଦ୍ରୋହ ବୋଲି କୁହାଯାଉଛି। କୌତୂହଳର କଥା ହେଉଛି ବିଜେପିର ଘୋର ବିରୋଧୀ ଓ କଟୁ ସମାଲୋଚକ ଭାବେ ପରିଚିତ ଅନେକ ତୃଣମୂଳ ସାଂସଦ ଏହି ବିଦ୍ରୋହର ଅଂଶୀଦାର ହୋଇ ଏନ୍‌ଡିଏକୁ ସମର୍ଥନ କରିଥିବା ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ରରେ ଉଦ୍ଧବ 'ସେନା'ର ୯ ସାଂସଦଙ୍କ ମଧ୍ୟରୁ ୬ ଜଣ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଏବଂ ସିନ୍ଦେ 'ସେନା'ରେ ସାମିଲ ହୋଇ ସେମାନେ ଏନ୍‌ଡିଏକୁ ସମର୍ଥନ ଦେବେ ବୋଲି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଏହି ସମୟରେ ଜେଏମ୍‌ଏମ୍ 'ଇଣ୍ଡି'ମେଣ୍ଟରୁ ବିଦାୟ ନେଇ କେନ୍ଦ୍ରରେ ଏନ୍‌ଡିଏକୁ ସମର୍ଥନ ଦେବ ଏବଂ ଝାଡ଼ଖଣ୍ଡରେ ଏନ୍‌ଡିଏ ସହଯୋଗରେ ହେମନ୍ତଙ୍କ ପତ୍ନୀ କଳ୍ପନା ସୋରେନ ମୁଖ୍ୟମନ୍ତ୍ରୀ ହେବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସେହିପରି ସମାଜବାଦୀ ପାର୍ଟିର କତିପୟ ସାଂସଦ ମଧ୍ୟ ବିଦ୍ରୋହୀ ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି ବୋଲି କୁହାଯାଉଛି।

ପଶ୍ଚିମବଙ୍ଗ ନିର୍ବାଚନରେ ବିଜେପିର ଅଭୂତପୂର୍ବ ବିଜୟ ପରେ ଦେଶର ବିଭିନ୍ନ ରାଜନୈତିକ ଦଳରେ ବିଦ୍ରୋହ, ବିଚ୍ଛେଦ, ବିଶ୍ୱାସଘାତ ଆଦି ଘଟଣାକ୍ରମ ସହ ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ଲୋକସଭା ଆସନ ବୃଦ୍ଧି (ସୀମା ପୁନର୍ଗଠନ) ଓ ମହିଳା ସଂରକ୍ଷଣ ସଂଶୋଧନ ବିଲ୍‌ର ପୁନଃ ଆଗତ ମଧ୍ୟରେ ପାରସ୍ପରିକ ସମ୍ପର୍କ ଥିବା ଅନେକ ରାଜନୈତିକ ସମୀକ୍ଷକ ମନେ କରୁଛନ୍ତି। ଗତ ଏପ୍ରିଲ ମାସରେ କେନ୍ଦ୍ର ସରକାର ସଂବିଧାନର ଧାରା ୮୧ ଓ ୮୨ରେ ସଂଶୋଧନ ଆଣିବା ପାଇଁ ଏକ ବିଲ୍ ଲୋକସଭାରେ ଉପସ୍ଥାପନ କରିଥିଲେ। ଏଥିରେ ଲୋକସଭା ଆସନ ସଂଖ୍ୟା ୫୫୦ରୁ ୮୫୦କୁ ବୃଦ୍ଧି କରିବା ପ୍ରସ୍ତାବ ରହିଥିଲା। ସମ୍ବିଧାନ ସଂଶୋଧନ ବିଲ୍ ହୋଇଥିବାରୁ ଏହାକୁ ପାରିତ କରିବା ପାଇଁ ଲୋକସଭାର ୫୪୩ ସଦସ୍ୟଙ୍କ ମଧ୍ୟରୁ ଅନ୍ୟୂନ ଦୁଇ-ତୃତୀୟାଂଶ ବା ୩୬୨ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ ଥିଲା। ମାତ୍ର ସବୁ କସରତ ସତ୍ତ୍ୱେ ବିଲ୍ ସପକ୍ଷରେ ଆବଶ୍ୟକ ସଂଖ୍ୟା ନ ମିଳିବାରୁ ଏହା ପାରିତ ହୋଇପାରି ନ ଥିଲା। ଏହି ବିଲ୍‌କୁ କୌଣସି ପ୍ରକାର ପାରିତ କରାଯିବ ବୋଲି ସେତେବେଳେ ବିଜେପି ଦୃଢ଼ୋକ୍ତି ପ୍ରକାଶ କରିଥିଲା। ଏନ୍‌ଡିଏ ସହଯୋଗୀ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ ଖୁବ୍ ଶୀଘ୍ର ଏହି ବିଲ୍ ଲୋକସଭାରେ ପାରିତ ହେବ ବୋଲି ମଧ୍ୟ କହିଥିଲେ। ମାତ୍ର ବିଲ୍ ପାରିତ ହେବା ପାଇଁ ସମର୍ଥନ କେଉଁଠୁ ଆସିବ, ସେ ସମ୍ପର୍କରେ ବିଜେପି ବା ଟିଡିପି ମୁହଁ ଖୋଲି ନ ଥିଲେ।

ସମ୍ପ୍ରତି ଦେଶରେ ବିଭିନ୍ନ ରାଜନୈତିକ ଦଳରେ ବିଦ୍ରୋହ ସହ ସମ୍ବିଧାନର ଧାରା ୮୧ ଓ ୮୨ର ସଂଶୋଧନର ସମ୍ପର୍କ ଅଛି କି ନାହିଁ ତାହା ଭିନ୍ନ କଥା; ମାତ୍ର ବିଭିନ୍ନ ଦଳର ସାଂସଦଙ୍କ ସମର୍ଥନ ବଳରେ ଏନ୍‌ଡିଏ ଉଭୟ ଲୋକସଭା ଓ ରାଜ୍ୟସଭାରେ ଶକ୍ତିଶାଳୀ ହେଉଥିବା ସ୍ପଷ୍ଟ। ୨୦୨୪ ଲୋକସଭା ନିର୍ବାଚନ ପରେ ଏନ୍‌ଡିଏର ସାଂସଦଙ୍କ ସଂଖ୍ୟା ଥିଲା ୨୯୨। ବର୍ତ୍ତମାନ ଟିଏମ୍‌ସିର ୨୦ ଓ ଶିବସେନା (ଉଦ୍ଧବ ଗୋଷ୍ଠୀ)ର ୬ ସାଂସଦଙ୍କ ସମର୍ଥନ ମିଳିଲେ ଏନ୍‌ଡିଏ ୩୧୮ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏହା ସତ୍ତ୍ୱେ ଏନ୍‌ଡିଏ ଦୁଇ-ତୃତୀୟାଂଶ ଅର୍ଥାତ୍ ୩୬୨ରୁ ୪୪ ସମର୍ଥନ ପଛରେ ରହିଛି। ଏହି ପରିପ୍ରେକ୍ଷୀରେ ଡିଏମ୍‌କେର ୨୨ ଓ ଜେଏମ୍‌ଏମ୍‌ର ୩ ସାଂସଦଙ୍କ ଉପରେ ଏବେ ଚାପ ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ଏପ୍ରିଲରେ ଆହୂତ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୧୨ ଜଣ ସାଂସଦ ଅନୁପସ୍ଥିତ ଥିଲେ। ତେଣୁ ଅଧିକ ସାଂସଦ ଅନୁପସ୍ଥିତ ରହିଲେ ବିଲ୍ ପାରିତ ପାଇଁ ସହଜ ହେବ ବୋଲି କୁହାଯାଉଛି।

ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ଏନ୍‌ଡିଏର ଆସନ ସଂଖ୍ୟା ବୃଦ୍ଧି ପାଇଛି। ଆମ୍ ଆଦମୀ ପାର୍ଟିର କିଛି ସଦସ୍ୟ ଶାସକ ଦଳକୁ ସମର୍ଥନ କରିବା ଏବଂ ବିଭିନ୍ନ ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ରାଜ୍ୟସଭାରେ ଏନ୍‌ଡିଏ ଆସନ ସଂଖ୍ୟାକୁ ୧୫୪ରେ ପହଞ୍ଚାଇଛି। ତଥାପି ବିଲ୍ ପାରିତ ହେବା ପାଇଁ ରାଜ୍ୟସଭାରେ ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ଓ ଓଡ଼ିଶାର ବିଜୁ ଜନତା ଦଳ ପରି ଦଳଗୁଡ଼ିକର ସମର୍ଥନ ଅପରିହାର୍ଯ୍ୟ। ଏହି ଦଳଗୁଡ଼ିକ ଇଣ୍ଡି ମେଣ୍ଟ କିମ୍ବା ଏନ୍‌ଡିଏର ସଦସ୍ୟ ନୁହନ୍ତି। ତେଣୁ ଭୋଟ ଗ୍ରହଣ ସମୟରେ ସେମାନଙ୍କ ଉପସ୍ଥିତି ଯେତିକି ନିର୍ଣ୍ଣାୟକ, ଅନୁପସ୍ଥିତି ସେତିକି ଗୁରୁତ୍ୱପୂର୍ଣ୍ଣ ମନେ ହେବ ବୋଲି କୁହାଯାଉଛି।

ସୀମା ପୁନଃନିର୍ଦ୍ଧାରଣ ଫଳରେ ଦେଶର ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ପାଇବ। ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ଲୋକସଭା ଆସନ ୮୫୦କୁ ବୃଦ୍ଧି ପାଇପାରେ। ଏହା ମାଧ୍ୟମରେ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବା ସହଜ ହେବ ବୋଲି କେନ୍ଦ୍ର ସରକାର ମନେ କରୁଛନ୍ତି। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି ଲୋକସଭା ଆସନ ବୃଦ୍ଧି ହେଲେ ସମସ୍ତ ରାଜ୍ୟକୁ ଆନୁପାତିକ ଭାବରେ ଲାଭ ମିଳିବ। ବର୍ତ୍ତମାନ ୫୪୩ ଆସନ ବିଶିଷ୍ଟ ଲୋକସଭାରେ ଯେଉଁ ରାଜ୍ୟର ଯେତିକି ପ୍ରତିଶତ ଅଂଶୀଦାରୀ ରହିଛି, ଆସନ ସଂଖ୍ୟା ୮୫୦କୁ ବୃଦ୍ଧି ପରେ ଅନୁପାତ ଅବିକଳ ତାହା ହିଁ ରହିବ। ମାତ୍ର ପ୍ରସ୍ତାବିତ ପୁନଃନିର୍ଦ୍ଧାରଣ ବିଲ୍‌ରେ ବିଭିନ୍ନ ରାଜ୍ୟରେ ଆସନଗୁଡ଼ିକୁ ସମାନ ଅନୁପାତରେ ବଢ଼ାଇବାର କୌଣସି ସ୍ପଷ୍ଟ ଆଇନଗତ ଗ୍ୟାରେଣ୍ଟି ନାହିଁ ବୋଲି ବିରୋଧୀ ସନ୍ଦେହ କରୁଛନ୍ତି। ବିରୋଧୀଙ୍କ ଏହି ସନ୍ଦେହ ଦୂର କରିବାରେ ସରକାର ଏଯାଏଁ ସଫଳ ହୋଇ ନାହାନ୍ତି। ସମ୍ବିଧାନର ଧାରା ୮୧(୨)(ଏ) ଅନୁଯାୟୀ ଆସନ ବଣ୍ଟନ ଜନସଂଖ୍ୟା ଆଧାରରେ ହୋଇଥାଏ। ତେଣୁ ୨୦୧୧ ଜନଗଣନାକୁ ଆଧାର କରି ସୀମା ନିର୍ଦ୍ଧାରଣ ହେଲେ ହେଲେ ଅଧିକ ଜନସଂଖ୍ୟା ଥିବା ଉତ୍ତରଭାରତର ହିନ୍ଦୀଭାଷୀ ରାଜ୍ୟଗୁଡ଼ିକ ଅଧିକ ଆସନ ପାଇବେ। କିଛି ଦଶନ୍ଧି ଧରି ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେବେ ଏବଂ ଲୋକସଭାରେ ସେମାନଙ୍କର ପ୍ରଭାବ ହ୍ରାସ ଓ ଜାତୀୟ ନୀତି ନିର୍ଦ୍ଧାରଣରେ ଏହି ରାଜ୍ୟଗୁଡ଼ିକର ଭୂମିକା ଦୁର୍ବଳ ହେବ ବୋଲି ବିରୋଧୀ ଆଶଙ୍କା କରୁଛନ୍ତି।

ରାଜନୈତିକ ବିଶ୍ଳେଷକମାନଙ୍କ ମତରେ, ନୂଆ ବ୍ୟବସ୍ଥା ଉତ୍ତର ପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଦିଲ୍ଲୀ ଭଳି ହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକୁ ସର୍ବାଧିକ ଲାଭ ଦେଇପାରେ। ଏହି ଅଞ୍ଚଳଗୁଡ଼ିକୁ ବିଜେପିର ପାରମ୍ପରିକ ଦୁର୍ଗ ଭାବେ ବିବେଚନା କରାଯାଏ। ଏଠାରେ ଯଦି ଦଳ ୨୦୧୯ ଲୋକସଭା ନିର୍ବାଚନ ଭଳି ପ୍ରଦର୍ଶନ ପୁଣି ଦୋହରାଏ, ତେବେ ବୃଦ୍ଧି ପାଇଥିବା ଆସନ ସଂଖ୍ୟାରେ ହିନ୍ଦୀ ଭାଷୀ ରାଜ୍ୟଗୁଡ଼ିକରୁ ହିଁ ବହୁ ସଂଖ୍ୟକ ଆସନ ଜିତି ବିଜେପି ଏକାକୀ ବହୁମତ ହାସଲ କରିପାରିବ। ଏପରିକି ୨୦୨୪ ଭଳି ଦୁର୍ବଳ ପ୍ରଦର୍ଶନ ହେଲେ ମଧ୍ୟ ହିନ୍ଦୀଭାଷୀ ଅଞ୍ଚଳରେ ବିଜେପିର ଆସନ ସଂଖ୍ୟା ଉଲ୍ଲେଖନୀୟ ଭାବେ ବଢ଼ିପାରେ। ତେଣୁ ଏହି ପରିସ୍ଥିତିରେ ସୀମାନିର୍ଦ୍ଧାରଣ ବିଲ୍ କେବଳ ଏକ ପ୍ରଶାସନିକ ପ୍ରକ୍ରିୟା ନୁହେଁ; ବରଂ ଦେଶର ଭବିଷ୍ୟତ ରାଜନୈତିକ ସନ୍ତୁଳନ ଓ ଶକ୍ତିର ସମୀକରଣକୁ ବଦଳାଇଦେବାର କ୍ଷମତା ରଖୁଥିବା ଏକ ବଡ଼ ପ୍ରସଙ୍ଗ ଭାବେ ଉଭା ହୋଇଛି। ଯେଉଁଥିପାଇଁ ଏନ୍‌ଡିଏ ସରକାର ଆସନ୍ତା ମୌସୁମୀ ଅଧିବେଶନରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ପୁଣିଥରେ ଆଣିପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

ଭୁବନେଶ୍ୱର, ମୋ: ୯୮୬୧୦୬୨୫୦୦


# ଅଖଣ୍ଡ ଭାରତ, ଜାତୀୟ ଏକତା ଓ ରାଷ୍ଟ୍ରନିର୍ମାଣର ବିଶ୍ୱକର୍ମା

ମନମୋହନ ସାମଲ

ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତର ସ୍ୱାଧୀନତା ପରବର୍ତ୍ତୀ ରାଜନୈତିକ ଇତିହାସରେ ତଥା ଭାରତୀୟ ରାଜନୀତି, ଶିକ୍ଷା ଓ ଜାତୀୟତାବାଦୀ ଚିନ୍ତାଧାରାର ଏକ ଉଜ୍ଜ୍ୱଳ ନକ୍ଷତ୍ର। କେବଳ ଜଣେ ରାଜନେତା ନୁହନ୍ତି, ବରଂ ଜଣେ ଶିକ୍ଷାବିତ୍, ଦୂରଦର୍ଶୀ ରାଷ୍ଟ୍ରଚିନ୍ତକ, ସଂଗଠକ ଏବଂ ଦୂରଦର୍ଶୀ ରାଷ୍ଟ୍ରନାୟକ ଭାବେ ଭାରତୀୟ ଇତିହାସରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି। ଭାରତର ଏକତା, ଅଖଣ୍ଡତା ଓ ସାଂସ୍କୃତିକ ଜାତୀୟତାରେ ତାଙ୍କର ଅବଦାନ ଅତୁଳନୀୟ। ସ୍ୱାଧୀନ ଭାରତର ବିକଳ୍ପ ରାଜନୈତିକ ଚିନ୍ତାଧାରାର ମୂଳଦୁଆ ପକାଇବାରେ ତାଙ୍କର ଭୂମିକା ଐତିହାସିକ। ସ୍ୱାଧୀନତା ପରେ ଭାରତ ଯେତେବେଳେ ବିଭାଜନର କ୍ଷତ, ଶରଣାର୍ଥୀ ସମସ୍ୟା, ସୀମା ସଙ୍କଟ ଏବଂ ଜାତୀୟ ଏକତାର ଆହ୍ୱାନର ସମ୍ମୁଖୀନ ହେଉଥିଲା ସେତେବେଳେ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏକ ଶକ୍ତିଶାଳୀ ଜାତୀୟ ବିକଳ୍ପ ରାଜନୈତିକ ଧାରାର ଆବଶ୍ୟକତା ଅନୁଭବ କରିଥିଲେ। ସେହି ଚିନ୍ତାଧାରାରୁ ୧୯୫୧ ମସିହାରେ ଭାରତୀୟ ଜନସଂଘର ଉତ୍ପତ୍ତି ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାରତୀୟ ଜନତା ପାର୍ଟି ରୂପେ ବିକଶିତ ହୋଇ ବିଶ୍ୱର ସର୍ବବୃହତ୍ ରାଜନୈତିକ ଶକ୍ତିର ମହାଦ୍ରୁମରେ ପରିଣତ ହୋଇଛି। ୨୩ ଜୁନ ହେଉଛି ସେହି ମହାନ ଜନନାୟକ ତଥା ଭାରତୀୟ ଜାତୀୟତାବାଦର ଅଗ୍ରଦୂତଙ୍କ ପୁଣ୍ୟତିଥି ତଥା ବଳିଦାନ ଦିବସ!

ପଣ୍ଡିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ ୧୯୦୧ ମସିହା ଜୁଲାଇ ୬ ତାରିଖରେ କୋଲକାତାରେ ହୋଇଥିଲା। ୧୯୨୧ରେ ଇଂରାଜୀରେ ପ୍ରଥମ ଶ୍ରେଣୀ ସହ ସ୍ନାତକ ପାସ କରିବା ପରେ ୧୯୨୩ରେ ବଙ୍ଗୀୟ ଭାଷାରେ ଏମ୍‌ଏ ପାସ୍ କଲେ। ଏହାପରେ ୧୯୨୪ରେ ବିଏଲ୍ ଡିଗ୍ରୀ ହାସଲ କରି ୧୯୨୬ରେ ଇଂଲଣ୍ଡରୁ ବାରିଷ୍ଟର ହୋଇ ଫେରିଲେ। ୧୯୩୪ରେ ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ହେଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଭାଷା ଓ ସଂସ୍କୃତିକୁ ସେ ବିଶେଷ ପ୍ରୋତ୍ସାହନ ଦେଇଥିଲେ। ରବୀନ୍ଦ୍ରନାଥ ଠାକୁରଙ୍କୁ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ବଙ୍ଗଳାରେ ଦୀକ୍ଷାନ୍ତ ଭାଷଣ ଦେବାକୁ ଆମନ୍ତ୍ରଣ କରିବା ତାଙ୍କର ଐତିହାସିକ ପଦକ୍ଷେପ ଥିଲା। ତାଙ୍କ ନେତୃତ୍ୱରେ ବିଶ୍ୱବିଦ୍ୟାଳୟରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା।

ଶ୍ୟାମା ପ୍ରସାଦ ମୁଖାର୍ଜୀ ୧୯୨୯ ମସିହାରେ ବଙ୍ଗୀୟ ବିଧାନ ପରିଷଦକୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ କଂଗ୍ରେସର ନୀତି ସହ ମତଭେଦ ହେତୁ ଇସ୍ତଫା ଦେଇଥିଲେ। ୧୯୪୧-୧୯୪୨ରେ ସେ ବଙ୍ଗଳାର ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୧୯୪୩ ବଙ୍ଗ ଦୁର୍ଭିକ୍ଷ ସମୟରେ ସେ ବ୍ରିଟିଶ ସରକାରଙ୍କ ଉଦାସୀନତା ବିରୋଧରେ ସ୍ୱର ଉଠାଇ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେ ସର୍ବଦା ଜନସାଧାରଣଙ୍କ ସମସ୍ୟା ଓ ରାଷ୍ଟ୍ରୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିଲେ। ଦେଶ ବିଭାଜନ ପୂର୍ବରୁ ସେ ବଙ୍ଗର ହିନ୍ଦୁ ବସବାସୀ ଅଞ୍ଚଳଗୁଡ଼ିକୁ ଭାରତରେ ରଖିବା ପାଇଁ ଦୃଢ଼ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଉଦ୍ୟମ ଫଳରେ ପଶ୍ଚିମବଙ୍ଗ ଭାରତର ଅଂଶ ଭାବେ ରହିପାରିଥିଲା। ଏହା ହିଁ ତାଙ୍କ ଜୀବନର ସବୁଠାରୁ ବଡ଼ ରାଜନୈତିକ ଅବଦାନ। ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରିମଣ୍ଡଳରେ ସେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ନିମନ୍ତ୍ରଣରେ ଶିଳ୍ପ ଓ ଯୋଗାଣମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଦେଶର ଔଦ୍ୟୋଗିକ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ଚିତ୍ତରଞ୍ଜନ ଲୋକୋମୋଟିଭ୍, ସିନ୍ଦ୍ରି ସାର କାରଖାନା ଓ ହିନ୍ଦୁସ୍ତାନ ଏୟାରକ୍ରାଫ୍ଟ ଭଳି ସଂସ୍ଥାର ମୂଳଦୁଆ ପଡ଼ିଥିଲା। ପୂର୍ବ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ଓ କେନ୍ଦ୍ର ସରକାରଙ୍କ ନୀତିକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ପଣ୍ଡିତ ନେହେରୁ ଓ ଲିଆକତ ଅଲ୍ଲୀଙ୍କ ଦେଶ ବିରୋଧୀ ନୀତି ଯୋଗୁଁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।



ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀ

ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବିଚାରଧାରା ସର୍ବଦା ଦେଶପ୍ରେମ, ସାହସ ଓ ଆଦର୍ଶବାଦ ଉପରେ ପର୍ଯ୍ୟବସିତ ଥିଲା। ସେ ସର୍ବଦା ରାଷ୍ଟ୍ରହିତକୁ ବ୍ୟକ୍ତିଗତ ସ୍ୱାର୍ଥ ଉପରେ ସ୍ଥାନ ଦେଇଥିଲେ। ଶିକ୍ଷା, ରାଜନୀତି ଓ ଜାତୀୟ ଏକତା କ୍ଷେତ୍ରରେ ତାଙ୍କ ଅବଦାନ ଆଜି ମଧ୍ୟ ପ୍ରେରଣାଦାୟକ। ଭାରତୀୟ ଲୋକତନ୍ତ୍ରରେ ବିକଳ୍ପ ରାଜନୀତିର ମୂଳଦୁଆ ପକାଇବା, ଜାତୀୟ ଏକତା ପାଇଁ ସଂଘର୍ଷ କରିବା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବା ଯୋଗୁଁ ସେ ସଦାସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କର ବିଚାରଧାରାଗୁଡ଼ିକ ହେଉଛି 'ରାଷ୍ଟ୍ର ସର୍ବୋପରି', 'ସାଂସ୍କୃତିକ ରାଷ୍ଟ୍ରବାଦ', 'ଶିକ୍ଷାର ଗୁରୁତ୍ୱ', 'ନୀତି ପାଇଁ ଇସ୍ତଫା'। ୧୯୫୧ ମସିହା ଅକ୍ଟୋବର ୨୧ରେ ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନସଂଘ ପ୍ରତିଷ୍ଠା କରିଥିଲେ। ଏହା ଥିଲା ସ୍ୱାଧୀନ ଭାରତରେ ଏକ ଶକ୍ତିଶାଳୀ ଜାତୀୟତାବାଦୀ ରାଜନୈତିକ ଆନ୍ଦୋଳନର ଆରମ୍ଭ। ଏହାର ମୂଳ ଉଦ୍ଦେଶ୍ୟ ଥିଲା ଏକ ସଶକ୍ତ, ଏକତାବଦ୍ଧ ଓ ସାଂସ୍କୃତିକ ଭାରତ ଗଠନ। ସେ ସର୍ବଦା ବିଶ୍ୱାସ କରୁଥିଲେ ଯେ ଭାରତର ସାଂସ୍କୃତିକ ପରମ୍ପରା, ଜାତୀୟ ଏକତା ଏବଂ ଦେଶପ୍ରେମ ହେଉଛି ରାଷ୍ଟ୍ର ଗଠନର ମୂଳ ଆଧାର। ଦଳର ମୂଳ ଆଦର୍ଶ ଥିଲା ଭାରତୀୟ ସଂସ୍କୃତି ଆଧାରିତ ଜାତୀୟତାବାଦ, ଅଖଣ୍ଡ ଭାରତ, ସାଂସ୍କୃତିକ ଏକତା, ଲୋକତନ୍ତ୍ର ଓ ଜାତୀୟ ସ୍ୱାଭିମାନ। ଜନସଂଘ ବିଶ୍ୱାସ କରୁଥିଲା ଯେ ଭାରତ କେବଳ ଏକ ଭୌଗୋଳିକ ସୀମାରେଖା ନୁହେଁ, ବରଂ ଏହା ହଜାର ବର୍ଷର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଐତିହାସିକ ଐକ୍ୟର ପ୍ରତୀକ। ତେଣୁ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା କରିବା ଦଳର ସର୍ବୋଚ୍ଚ ପ୍ରାଥମିକତା ଥିଲା। ଜନସଂଘର ସବୁଠାରୁ ବଡ଼ ଆନ୍ଦୋଳନ ଥିଲା ଜାମ୍ମୁ-କାଶ୍ମୀରର ସମ୍ପୂର୍ଣ୍ଣ ଏକୀକରଣ। ତାଙ୍କର ପ୍ରସିଦ୍ଧ ସ୍ଲୋଗାନ ଥିଲା 'ଏକ ଦେଶରେ ଦୁଇ ବିଧାନ, ଦୁଇ ପ୍ରଧାନ ଓ ଦୁଇ ନିଶାନ ଚାଲିବ ନାହିଁ। ୧୯୫୩ ମେ ୧୧ରେ ବିନା ପରମିଟରେ କାଶ୍ମୀର ପ୍ରବେଶ କରିବାରୁ ତାଙ୍କୁ ଗିରଫ କରାଗଲା। ଶ୍ରୀନଗରରେ ତାଙ୍କୁ ବନ୍ଦୀ କରି ରଖାଗଲା। କାରାବାସ ସମୟରେ ୨୩ ଜୁନ୍ ୧୯୫୩ ରେ ସନ୍ଦେହଜନକ ପରିସ୍ଥିତିରେ ବନ୍ଦୀ ଅବସ୍ଥାରେ ତାଙ୍କର ଦେହାନ୍ତ ହେଲା। ତାଙ୍କ ବଳିଦାନ ପରେ ପରମିଟ୍ ବ୍ୟବସ୍ଥା ଉଚ୍ଛେଦ ହେଲା ଏବଂ କାଶ୍ମୀର ସମ୍ପୂର୍ଣ୍ଣ ଭାବେ ଭାରତ ସହ ସଂଯୁକ୍ତ ହେବା ପ୍ରକ୍ରିୟା ଆରମ୍ଭ ହେଲା। ତାଙ୍କର ଏହି ବଳିଦାନ ଜନସଂଘର ଜାତୀୟ ଏକତା ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ କରିଥିଲା ସତ, କିନ୍ତୁ ଆଜି ମଧ୍ୟ ତାଙ୍କର ମୃତ୍ୟୁ ଭାରତୀୟ ରାଜନୀତିର ଏକ ଆଲୋଚିତ ଅଧ୍ୟାୟ ଭାବେ ରହିଛି।

ଆଜି ଭାରତୀୟ ଜନତା ପାର୍ଟି ନିଜକୁ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଚିନ୍ତାଧାରାର ଉତ୍ତରାଧିକାରୀ ଭାବେ ଉପସ୍ଥାପନ କରେ। ଭାରତୀୟ ଜନସଂଘର ସ୍ଥାପନାରୁ ଆରମ୍ଭ କରି ଭାରତୀୟ ଜନତା ପାର୍ଟିର ବିକାଶ ପର୍ଯ୍ୟନ୍ତ ଯାତ୍ରା ଭାରତୀୟ ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ତାଙ୍କ ଆଦର୍ଶ ଆମକୁ ଶିଖାଏ ଯେ ଜାତୀୟ ସ୍ୱାର୍ଥ, ଦୃଢ଼ ସଙ୍କଳ୍ପ ଓ ନିଷ୍ଠା ମାଧ୍ୟମରେ ଜଣେ ବ୍ୟକ୍ତି ଇତିହାସର ଗତିପଥକୁ ପରିବର୍ତ୍ତନ କରିପାରେ। ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ତିରୋଧାନ ଦିବସ ୨୩ ଜୁନ୍‌କୁ ଦେଶବାସୀ 'ବଳିଦାନ ଦିବସ' ଭାବେ ପାଳନ କରୁଛନ୍ତି।

ରାଜ୍ୟସଭା ସାଂସଦ, ରାଜ୍ୟ ବିଜେପି ସଭାପତି, ଓଡ଼ିଶା

# ଜାଗତିକ ଉଷ୍ଣତା ଓ ଧାନରେ ଆର୍ସେନିକ ବୃଦ୍ଧି

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଜାଗତିକ ଉଷ୍ଣତା ବୃଦ୍ଧି ଏବେ ବିଶ୍ୱ ସମ୍ମୁଖରେ ଉଭା ହୋଇଛି ସବୁଠାରୁ ଜଟିଳ ତଥା ଘାତକ ସମସ୍ୟା ରୂପ ଧରି। ଏହାର ସମାଧାନ ଲାଗି ପ୍ୟାରିସ୍ ରାଜିନାମା ୨୦୧୫ରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ୨୦୫୦ ମସିହା ସୁଦ୍ଧା ବିଶ୍ୱରେ ସବୁଜଗୃହ ବାଷ୍ପ ନିର୍ଗମନକୁ ଶୂନ ସ୍ତରକୁ ଆଣିବା ଏବଂ ଜାଗତିକ ଉଷ୍ଣତାକୁ ପ୍ରାକ୍ ଶିଳ୍ପବିପ୍ଳବ କାଳ (୧୮୫୦-୧୯୦୦ ମସିହା) ତୁଳନାରେ ୧.୫ ଡିଗ୍ରୀ ସେଲ୍‌ସିୟସ୍ ଅଧିକ ହେବାକୁ ନ ଦେବା। ତେବେ 'ୱାର୍ଲ୍ଡ ମେଟେରୋଲୋଜିକାଲ୍ ଅର୍ଗାନାଇଜେସନ୍'ର ଆକଳନ ଅନୁସାରେ ଏହା ଏବେ ସେ ସୀମା ଅତିକ୍ରମ କରିବାକୁ ବସିଲାଣି ଏବଂ ଚଳିତ ଶତାବ୍ଦୀର ଶେଷ ପୂର୍ବରୁ ତାହା ୨ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହୋଇଯିବାର ଆଶଙ୍କା ରହିଛି। ପରିବେଶ ଓ ପରିସଂସ୍ଥା ଉପରେ ଏହାର ପ୍ରଭାବ ଏବେ ଅନୁଭୂତ ହେବାକୁ ଲାଗିଲାଣି ଧ୍ୱଂସକାରୀ ବନ୍ୟା, ମରୁଡ଼ି, ବାତ୍ୟା, ସମୁଦ୍ରର ଜଳସ୍ତର ବୃଦ୍ଧି ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ମାଧ୍ୟମରେ। ଏହାବ୍ୟତୀତ ଆଉ କେତେକ ଘଟୁଛି ଆମର ଅଜାଣତରେ। ଜାଗତିକ ଉଷ୍ଣତା ବୃଦ୍ଧି ଧାନରେ ବିଷାକ୍ତ ଆର୍ସେନିକର ମାତ୍ରା ବୃଦ୍ଧି ଘଟାଇବା ଏହାର ଏକ ଉଦାହରଣ।

ଧାନ ପୃଥିବୀର ଅର୍ଦ୍ଧାଧିକ ଲୋକଙ୍କୁ ଖାଦ୍ୟ ଯୋଗାଇ ଥାଏ। ବିଶେଷକରି, ଚାଇନା, ଭାରତ, ଜାପାନ ତଥା ଅନ୍ୟାନ୍ୟ ବହୁ ଏସୀୟ ଏବଂ ଆଫ୍ରିକୀୟ ଦେଶର ଏହା ହେଉଛି ମୁଖ୍ୟ ଖାଦ୍ୟ। ଏସବୁ ଦେଶମାନଙ୍କରେ ପ୍ରାୟ ୭୦୦୦ରୁ ଅଧିକ କିସମର ଧାନ ଚାଷ କରାଯାଏ। ବର୍ତ୍ତମାନ ଏଥିରେ ମାତ୍ରାଧିକ ଭାବେ ଆର୍ସେନିକ ଥିବାର ଦେଖାଯାଉଛି। ଏହି ବିଷାକ୍ତ ପଦାର୍ଥଟି କର୍କଟ ରୋଗ ସୃଷ୍ଟିକାରୀ ଏବଂ ଜିନ୍ସକୁ ମଧ୍ୟ ପ୍ରଭାବିତ କରେ। ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏହାର ବ୍ୟାପକ ପ୍ରଭାବ ରହିଛି। ଖାଦ୍ୟ, ଜଳ, ମୃତ୍ତିକା ଓ ବାୟୁରେ ଆର୍ସେନିକ ଉଭୟ ଅଜୈବ ତଥା ଜୈବ ରସାୟନ ରୂପେ ଥାଏ। ତେବେ ତନ୍ମଧ୍ୟରୁ ପ୍ରଥମଟି ଅଧିକ ବିଷାକ୍ତ। ମୁଖ୍ୟତଃ ଜଳ, ସଂକ୍ରମିତ ମୃତ୍ତିକାରେ ବଢୁଥିବା ଖାଦ୍ୟଶସ୍ୟ, ଫଳ ଓ ପନିପରିବା ଏବଂ କ୍ଷୀର, ମାଛ, ମାଂସ ଆଦିରେ ଆର୍ସେନିକ୍ ଉପାଦାନ ରହୁଥିବା ବେଳେ ଧାନରେ ଏହା ଅଧିକ ଥାଏ। କାରଣ ଅନ୍ୟାନ୍ୟ ଶସ୍ୟ ତୁଳନାରେ ସଂକ୍ରମିତ ମୃତ୍ତିକା ଓ ଜଳରୁ ତାହା ଶୋଷଣ କରିବାର ସାମର୍ଥ୍ୟ ଧାନର ଅନ୍ୟାନ୍ୟ ଶସ୍ୟ ତୁଳନାରେ ଅଧିକ।

ଆମେରିକା 'ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ' କିଛି ବର୍ଷ ତଳେ (୨୦୧୪-୧୫) ଚାଉଳରୁ ପ୍ରସ୍ତୁତ ୬୫୬ ଟି ଖାଦ୍ୟରେ ବିପଜ୍ଜନକ ପରିମାଣରେ ଅଜୈବ ଆର୍ସେନିକର ସନ୍ଧାନ ପାଇଥିଲା। ବିଶେଷକରି, ଅକାଣ୍ଡିଆ ଚାଉଳରେ ଏହା ଥିଲା ଅଧିକ। ତପ୍ରେ ସ୍ୱାସ୍ଥ୍ୟ ପ୍ରତି ଥିବା ବିପତ୍ତିର ଆକଳନ କରାଯାଇଥିଲା। ତାହିଁରୁ ଜଣାପଡ଼ିଲା ଯେ କାଣ୍ଡିଆ ଓ ଅକାଣ୍ଡିଆ ଚାଉଳରେ ଯଥାକ୍ରମେ ନିୟୁତ ଭାଗରୁ ୯୨ ଭାଗ ଏବଂ ୧୫୪ ଭାଗ ଆର୍ସେନିକ୍ ରହିଛି। ତେଣୁ ଗବେଷକମାନେ ଉପସଂହାରରେ ଉପନୀତ ହୋଇଥିଲେ ଯେ ଦିନକୁ ଯଦି ଅକାଣ୍ଡିଆ ଚାଉଳର ଭାତ ଖାଇବା ଥରକରୁ ଦୁଇଥରକୁ ବୃଦ୍ଧି କରାଯାଏ ତେବେ କର୍କଟ ରୋଗର ଆଶଙ୍କା ୧୪୮.୬% ବୃଦ୍ଧି ପାଇବ। ପୁନଶ୍ଚ ହୃଦ୍‌ରୋଗ, ମଧୁମେହ, ଉଚ୍ଚରକ୍ତଚାପ ଓ ପୃଥୁଳତା ଆଦି ମଧ୍ୟ ବଢ଼ିବାର ଆଶଙ୍କା ରହିଛି।

ନିକଟରେ ଲାନସେଟ ପ୍ଲାନୋଟାରୀ ହେଲ୍ଥ (୧୬, ଅପ୍ରେଲ, ୨୦୨୫)ରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ଲେୱିସ୍ ଜିସ୍କା ଏବଂ ଆମେରିକା ଓ ଚାଇନାରେ ଥିବା ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ପ୍ରକାଶିତ ଏକ ଗବେଷଣାପତ୍ରରେ ସୂଚୀତ କରିଛନ୍ତି ଯେ ଜାଗତିକ ଉଷ୍ଣତା ଏବଂ ଅଙ୍ଗାରକାମ୍ଳର ସ୍ତର ଅଧିକ ହେବା ଧାନରେ ଆର୍ସେନିକର ମାତ୍ରାବୃଦ୍ଧି ଘଟାଇଚାଲିବ, ଯାହାକି ୨୦୨୫୦ ମସିହା ବେଳକୁ ବିଶ୍ୱରେ ୧୦ ନିୟୁତ ଅଧିକ କର୍କଟ ରୋଗୀ ସୃଷ୍ଟି କରିବାର ଆଶଙ୍କା ରହିଛି। ସେମାନେ ଦୀର୍ଘ ୧୦ ବର୍ଷ ଧରି ୨୮ ଟି କିସମର ଧାନ ଉପରେ ଅଧ୍ୟୟନ କରି ତହିଁରେ ଆର୍ସେନିକର ସ୍ତର ବୃଦ୍ଧି ଏବଂ ସେଥିସହିତ ସଂପୃକ୍ତ ସ୍ୱାସ୍ଥ୍ୟ ସମସ୍ୟା କିଛି ଏସୀୟ ଦେଶମାନଙ୍କରେ ଆକଳନ କରିଥିଲେ। ଫଳରେ ପ୍ରାକ୍ ଶିଳ୍ପବିପ୍ଳବ କାଳ ତୁଳନାରେ ୨ ଡିଗ୍ରୀ ସେଲସିୟସ ତାପମାତ୍ରା ବୃଦ୍ଧିର ପ୍ରଭାବ ଏହାକୁ ଗୁରୁତର କରିପାରେ ବୋଲି ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ। ତେଣୁ ଏହାର ପ୍ରତିକାର ଲାଗି ଜାଗତିକ ଉଷ୍ଣତା ଏବଂ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ଏକାନ୍ତ ପ୍ରୟୋଜନ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପରିମଳ ଓ ସବୁଜିମା ପାଇଁ ରାଜ୍ୟର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

ଭୁବନେଶ୍ୱର,୨୨।୬(ସମିସ): ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସ୍‌ଏଚ୍‌ଭିଆର୍) ୨୦୨୫-୨୬ ପୁରସ୍କାର ପାଇଁ ରାଜ୍ୟର ୧୦ଟି ବିଦ୍ୟାଳୟ ମନୋନୀତ ହୋଇଛନ୍ତି। ଓଡ଼ିଶାରୁ ମୋଟ୍ ୨୦ଟି ବିଦ୍ୟାଳୟ ଏହି ମୂଲ୍ୟାଙ୍କନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ତନ୍ମଧ୍ୟରୁ ୧୦ଟି ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ ହୋଇଛନ୍ତି। ତନ୍ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଖଇରବେଣୀ ଆଶ୍ରମ ବିଦ୍ୟାଳୟ, ନୟାଗଡ଼ର ହାତିଆଶିଳା ପ୍ରାଥମିକ ବିଦ୍ୟାଳୟ, ଜଗତସିଂହପୁରର ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟ, କେନ୍ଦ୍ରାପଡ଼ାର ବୀଣାପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେନ୍ଦୁଝରର ଫୁଲକାହାନଲେଇ ନୋଡାଲ ହାଇସ୍କୁଲ, ଖୋର୍ଦ୍ଧାର ଚନ୍ଦ୍ରଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟ, ସୋନପୁରର ସାଗରପାଲି ଜି.ଏମ୍. ହାଇସ୍କୁଲ, ଗଜପତିର ମହେନ୍ଦ୍ର ତନୟା ଆଶ୍ରମ ବିଦ୍ୟାଳୟ, ସମ୍ବଲପୁରର ବି.ଏମ୍. ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କନ୍ଧମାଳର ରାବଣାଜୁ ପ୍ରାଥମିକ ବିଦ୍ୟାଳୟ ଏହି ପୁରସ୍କାର ପାଇଁ ଚୟନ ହୋଇଛନ୍ତି। ମୁଖ୍ୟତଃ ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନ, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରାଯାଇଛି। ସୂଚନାଯୋଗ୍ୟ, ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୧୯୧ ସ୍କୁଲକୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ପୁରସ୍କାର ସହିତ ସ୍ୱୀକୃତି ପ୍ରମାଣପତ୍ର ଏବଂ ତିନି ଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୨୬ ବର୍ଷର ଇତିହାସରେ...

ପ୍ରମୁଖ ଜଳାଶୟଗୁଡ଼ିକରେ ବର୍ତ୍ତମାନ ୨୮.୩ ପ୍ରତିଶତ ଜଳ ଗଚ୍ଛିତ ଅଛି, ଯାହା ଗତ ୧୦ ବର୍ଷର ହାରାହାରି ଜଳସ୍ତର ଠାରୁ ୧୬ ପ୍ରତିଶତ ଅଧିକ। ଏହା ସେଚକାର୍ଯ୍ୟ ପାଇଁ କିଛିଟା ଆଶ୍ୱସ୍ତି ଆଣିଦେଇଛି। ମୌସୁମୀର ଏହି ପ୍ରାରମ୍ଭିକ ମନ୍ଥରତା ଗ୍ରାମୀଣ ଅର୍ଥନୀତି ଏବଂ କୃଷକମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ଆଗାମୀ ଜୁଲାଇ ଏବଂ ଅଗଷ୍ଟ ମାସରେ ହେବାକୁ ଥିବା ବର୍ଷା ଉପରେ ହିଁ ଦେଶର ସାମଗ୍ରିକ ଫସଲ ଉତ୍ପାଦନ ଏବଂ ଖାଦ୍ୟ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ।

ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ ପାଇଁ ପ୍ରବଳ ବର୍ଷାର କମଳା ସତର୍କତା (ଅରେଞ୍ଜ ଆଲର୍ଟ) ଜାରି କରାଯାଇଛି। ଓଡ଼ିଶା, କେରଳ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଅପରପକ୍ଷେ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଓଡ଼ିଶା, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ପ୍ରବଳ ବର୍ଷା ପାଇଁ କମଳା ସତର୍କତା ଜାରି ହୋଇଛି। ମଧ୍ୟପ୍ରଦେଶ ଏବଂ ଉତ୍ତରପ୍ରଦେଶରେ ଲଗାତାର ତୃତୀୟ ଦିନ ପାଇଁ ଗ୍ରୀଷ୍ମ ପ୍ରବାହର ଚେତାବନୀ ଦିଆଯାଇଛି। ବିହାରର ୧୯ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଅଛି।

### ୧୫ ଛାତ୍ରଛାତ୍ରୀ...

ଦୋକାନରୁ କେତେକ ପଶୁଙ୍କୁ ମଧ୍ୟ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଖବର ପାଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜର ଅଲିଗଡ଼ ଗସ୍ତକୁ ଅଧାରୁ କାଟି ତୁରନ୍ତ ଲକ୍ଷ୍ନୌ ଫେରି ଆସିଛନ୍ତି। ବେସରକାରୀ ବିଦ୍ୟୁତ ଖୁଣ୍ଟରେ ହୋଇଥିବା ସର୍ଟ ସର୍କିଟ୍ ଯୋଗୁଁ ଏହି ନିଆଁ ଲାଗିଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ ଶୋକ ପ୍ରକାଶ କରିବା ସହିତ ମୃତ ଛାତ୍ରଛାତ୍ରୀଙ୍କ ପରିବାର ପାଇଁ ଦୁଇ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ରାଜ୍ୟ ସରକାର ମଧ୍ୟ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ମମତାଙ୍କୁ ସଭାପତି...

ଗଠନ କରାଯାଇଛି ଏବଂ ଏହାର ତାଲିକା କମିସନଙ୍କୁ ପ୍ରଦାନ କରାଯିବ। ଟିଏମ୍‌ସିର ନିର୍ବାଚନ ସଙ୍କେତ ପାଇଁ ଦାବି କରାଯିବ। ସେ ଆହୁରି କହିଲେ ଯେ ମମତା ବାନାର୍ଜୀ ଚାହିଁଲେ ତାଙ୍କୁ ପାର୍ଟିର ମୁଖ୍ୟ ପରାମର୍ଶଦାତା ରୂପେ ଦାୟିତ୍ୱ ଦିଆଯିବ।

ସୂଚନାଯୋଗ୍ୟ ଯେ ବିଧାନସଭା ନିର୍ବାଚନରେ ବିପର୍ଯ୍ୟୟ ପରେ ଟିଏମସିର ୮୦ ବିଧାୟକଙ୍କ ମଧ୍ୟରୁ ୬୦ ବିଧାୟକ ବିଦ୍ରୋହ କରି ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କରିଛନ୍ତି। ସେହିଭଳି ଲୋକସଭାରେ ୨୮ ଦଳୀୟ ସାଂସଦଙ୍କ ମଧ୍ୟରୁ ୨୦ ଜଣ ଅଲଗା ଗୋଷ୍ଠୀ ଗଠନ କରି ନେସନାଲ ସିଟିଜନ୍ସ ପାର୍ଟିରେ ସାମିଲ ହୋଇଛନ୍ତି।

### ହଟିଲେ ୪୦...

ପାଞ୍ଚ ବର୍ଷ ମଧ୍ୟରେ ଟ୍ରଷ୍ଟ ପକ୍ଷରୁ ୫୦୦ ମିଟରରୁ ୩ କିଲୋମିଟର ପରିଧି ମଧ୍ୟରେ ଅନେକ ଜମି କ୍ରୟ ହୋଇଛି। ସରକାରୀ ଧାର୍ଯ୍ୟ ଦର (ବେଞ୍ଚମାର୍କ) ମୂଲ୍ୟଠାରୁ ଏହି ଜମିଗୁଡ଼ିକ ପ୍ରାୟ ୧୭ ଗୁଣ ଅଧିକ ମୂଲ୍ୟରେ କିଣା ଯାଇଥିବା ଅଭିଯୋଗ ହୋଇଛି। ଚନ୍ଦନ ରାୟ ଏହି ଜମି କିଣାବିକାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସୂଚନା ମିଳିଛି। ଏପରିକି କିଛି ଜମି ମାତ୍ର କେଇ ମିନିଟ୍ ବ୍ୟବଧାନରେ ଦୁଇଥର ରେଜିଷ୍ଟ୍ରେସନ ହୋଇଛି। ଏସ୍‌ଆଇଟି ଏ ସଂକ୍ରାନ୍ତ ସମସ୍ତ ଦସ୍ତାବିଜ୍ ଜବତ କରିଛି ଓ ଏହାର ତଦନ୍ତ ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ତଦନ୍ତ ସମୟରେ ମନ୍ଦିର ନିର୍ମାଣ ପାଇଁ କ୍ରୟ ସାମଗ୍ରୀରେ ପ୍ରାୟ ୪୦% ପର୍ଯ୍ୟନ୍ତ କମିଶନ ନିଆଯାଇଥିବା ସୂଚନା ମିଳିଛି। ଠିକାଦାରମାନଙ୍କ ବିଲ୍ ପାସ୍ ଠାରୁ ଆରମ୍ଭ କରି ସାମଗ୍ରୀ କ୍ରୟ ଦେୟ ପରିଶୋଧ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାରେ କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡ଼ିଛି। ଗୋପାଳ ରାଓଙ୍କ ସମ୍ପର୍କୀୟ ସୋମେଶ ଆନନ୍ଦ ଓ ଅନ୍ୟ କିଛି ବ୍ୟକ୍ତି ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମନ୍ଦିରରେ କେବଳ ହ୍ୱିଲଚେୟାର ବ୍ୟବସ୍ଥା ଆନୁଷ୍ଠାନିକ ଦାୟିତ୍ୱ ପାଇଥିବା ସୋମେଶ ଆନନ୍ଦ ନିର୍ମାଣ ସାମଗ୍ରୀ କ୍ରୟ, ଠିକାଦାରଙ୍କ ବିଲ୍ ପାସ୍ ଆଦି କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଜଣାପଡ଼ିଛି। ଏପରିକି ଦାନ ଦକ୍ଷିଣା ଆଦି ଗଣନା ସ୍ଥାନରେ ତାଙ୍କର ଅବାଧ ପ୍ରବେଶ ଥିବା ବି ଏସ୍‌ଆଇଟି ସୂଚନା ପାଇଛି।

ଦାନଦକ୍ଷିଣା ଚୋରି ମାମଲାରେ ଟ୍ରଷ୍ଟର କର୍ମଚାରୀ ରାମଶଙ୍କର ଯାଦବଙ୍କ ଭଣଜା ମନୀଷ ସନ୍ଦେହର ପରିସରରେ ରହିଛି। ସେ ଦାନଦକ୍ଷିଣା ଗଣନା କାର୍ଯ୍ୟରେ ନିୟୋଜିତ ଥିଲେ ଓ ତାଙ୍କଠାରୁ ସୂଚନା ଆଧାରରେ ରାମଶଙ୍କର ଯାଦବଙ୍କ ଘରୁ ୩୬ ଲକ୍ଷ ଟଙ୍କା ଜବତ ହୋଇଛି। ପୁନଶ୍ଚ ଗଣନା କାର୍ଯ୍ୟରେ ନିୟୋଜିତ ଅନ୍ୟ ଜଣେ କର୍ମଚାରୀ ଲବକୁଶ ମିଶ୍ରଙ୍କ ଘରୁ ୧୨ ଲକ୍ଷ ଟଙ୍କା ଜବତ ହୋଇଛି।

ଏହି ସବୁ ଅଭିଯୋଗ ଆସିବା ପରେ ରାମମନ୍ଦିର ଟ୍ରଷ୍ଟର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ଲୋକଙ୍କ ଆସ୍ଥା ଓ ବିଶ୍ୱାସ ସହ ଜଡ଼ିତ ରାମମନ୍ଦିର ପ୍ରତିଷ୍ଠାନରେ ଏପରି ଦୁର୍ନୀତି ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ସମସ୍ତ ଅଭିଯୋଗ ଏବେ ଏସ୍‌ଆଇଟି ତଦନ୍ତାଧୀନ ରହିଛି ଓ ଚୂଡ଼ାନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି।

### ୧୧ ବିଧାୟକଙ୍କ ସଭ୍ୟପଦ...

ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ପକ୍ଷପାତ କରାଯାଇଥିବା ଅଭିଯୋଗ କରି ଅଦାଲତ ଯିବାକୁ ଚେତାବନୀ ଦେଇଛନ୍ତି।

ବାଚସ୍ପତିଙ୍କ ନିଷ୍ପତ୍ତି ସମ୍ପର୍କରେ ବିଧାନସଭା ସଚିବାଳୟ ପକ୍ଷରୁ କୁହାଯାଇଛି ଯେ ବିଜେଡି ପକ୍ଷରୁ ଦାଖଲ ହୋଇଥିବା ପିଟିସନଗୁଡ଼ିକରେ ଆଇନଗତ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ପାଳନ କରାଯାଇ ନାହିଁ। ଓଡ଼ିଶା ବିଧାନସଭା (ଦଳବଦଳ ଜନିତ ଅଯୋଗ୍ୟତା) ନିୟମାବଳୀ ୧୯୮୭ର ନିୟମ ୬(୬) ଓ ୬(୭)ର ବାଧ୍ୟତାମୂଳକ ସର୍ତ୍ତକୁ ମଧ୍ୟ ପାଳନ କରାଯାଇନାହିଁ। ପିଟିସନରେ ପର୍ଯ୍ୟାପ୍ତ ତଥ୍ୟର ଅଭାବ, ଆବେଦନ ପତ୍ରରେ ସଂଲଗ୍ନ ଦସ୍ତାବିଜର ପ୍ରତ୍ୟେକ ପୃଷ୍ଠାରେ ସ୍ୱାକ୍ଷର ନ ଥିବା, ପିଟିସନ ସପକ୍ଷରେ ଆବଶ୍ୟକ ସତ୍ୟପାଠ ନ ଥିବା ଯୋଗୁଁ ବିଜେଡିର ଆବେଦନକୁ ଖାରଜ କରାଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଥିବା ଆବେଦନରେ ଆବଶ୍ୟକ ଦସ୍ତାବିଜ ତଥା ତଥ୍ୟ ପ୍ରଦାନ କରାଯାଇନଥିଲା। ପିଟିସନ ଅସମ୍ପୂର୍ଣ୍ଣ ଥିବାରୁ ସେମାନଙ୍କର ଆବେଦନକୁ ମଧ୍ୟ ଖାରଜ କରାଯାଇଛି

ଅପରପକ୍ଷରେ ବାଚସ୍ପତିଙ୍କ ଏପରି ପଦକ୍ଷେପକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି ଯେ ବାଚସ୍ପତିଙ୍କ ଏହି ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଯଦି ତଥ୍ୟରେ କିଛି ତ୍ରୁଟି ଥିଲା, ତେବେ ବାଚସ୍ପତି ଏ ସଂକ୍ରାନ୍ତରେ ପରାମର୍ଶ ଦେଇପାରିଥାନ୍ତେ। ଅନ୍ୟ ରାଜ୍ୟରେ କ୍ରସଭୋଟିଂ କଲେ ଲିଖିତ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାବେଳେ ଓଡ଼ିଶାରେ ବାଚସ୍ପତି ଭିନ୍ନ ନୀତି ଆପଣାଉଛନ୍ତି। ଏହା ଗଣତନ୍ତ୍ରକୁ ହତ୍ୟା କରିବା ସଦୃଷ। ଏହା ରାଜ୍ୟରେ କ୍ରସଭୋଟିଂ ଓ ଘୋଡ଼ାବେପାରକୁ ପ୍ରୋତ୍ସାହିତ କରିବ ବୋଲି ସେ ଚେତାଇ ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଜେଡି ଆଇନର ଆଶ୍ରୟ ନେବ ବୋଲି ସେ କହିଛନ୍ତି।

ସେହିପରି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଆବେଦନ ଖାରଜ କରିବା ପୂର୍ବରୁ ବାଚସ୍ପତି ଯଦି ଆବଶ୍ୟକୀୟ ନଥିପତ୍ର ମାଗିଥାନ୍ତେ, ତେବେ ଦଳ ପକ୍ଷରୁ ସମସ୍ତ ଦଲିଲ ପ୍ରଦାନ କରାଯାଇଥାନ୍ତା। ମାତ୍ର ସେଭଳି କୌଣସି ସୁଯୋଗ ଦିଆଯାଇ ନାହିଁ। କ୍ରସଭୋଟିଂ ବାଚସ୍ପତିଙ୍କ ନିଜ ଦଳ ଶାସକ ବିଜେପି ସପକ୍ଷରେ ଯାଇଥିବାରୁ ସେ କେମିତି ତାଙ୍କ ଦଳ ବିରୋଧରେ ନିଷ୍ପତ୍ତି ନେବେ ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ବିଧାୟକମାନେ ଘୋଡ଼ା ବେପାରର ଶିକାର ହୋଇ ନୈତିକତା ବାହାରେ ଯାଇ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଏହି ମାମଲାରେ ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ଦଳ କୋର୍ଟର ଦ୍ୱାରସ୍ଥ ହେବ ବୋଲି ଶ୍ରୀ ଦାସ କହିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ ଜଣ ବିଧାୟକ ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଦେବୀ ରଞ୍ଜନ ତ୍ରିପାଠୀ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ କ୍ରସ ଭୋଟିଂ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ସୋଫିଆ ଫିର୍ଦ୍ଦୋଷ, ଦାଶରଥି ଗମାଙ୍ଗୋ ଓ ରମେଶ ଜେନା ମଧ୍ୟ ନିଜ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିଲେ। ଏହାପରେ ବିଜେଡି ଓ କଂଗ୍ରେସ ସମ୍ବିଧାନର ଦଶମ ଅନୁସୂଚୀର ପ୍ରାବଧାନ ଆଧାରରେ ସେମାନଙ୍କ ସଭ୍ୟ ପଦ ରଦ୍ଦ ନିମନ୍ତେ ବାଚସ୍ପତିଙ୍କୁ ଲିଖିତ ଦାବି କରିଥିଲା। ସମ୍ବିଧାନର ଅନୁଚ୍ଛେଦ ୧୯୧(୨)ର ୧୦ମ ଅନୁସୂଚୀ ଅନୁଯାୟୀ ଯଦି କୌଣସି ବିଧାୟକ ଦଳର ହୁଇପକୁ ଅବମାନନା କରିବେ, ଦଳର କାର୍ଯ୍ୟକ୍ରମକୁ ଗ୍ରହଣ କରିବେ ନାହିଁ, ଦଳର ନୀତି ଆଦର୍ଶ ବିରୋଧରେ ଯିବେ ଏବଂ ଦଳ ବିରୋଧରେ ସାଧାରଣରେ କହିବେ, ତାହେଲେ ସେମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ଦଳର ସଭ୍ୟ ପଦ ଛାଡ଼ିଛନ୍ତି ବୋଲି ଧରି ନିଆଯିବ। ତେଣୁ ବିଧାନସଭାରେ ସଦସ୍ୟ ଭାବେ ଦାୟିତ୍ୱ ନିର୍ବାହ ପାଇଁ କୌଣସି ଅଧିକାର ନାହିଁ। ତେଣୁ ସେମାନଙ୍କ ସଭ୍ୟ ପଦ ରଦ୍ଦ ପାଇଁ ଉଭୟ ଦଳ ଦାବି କରିଥିଲେ।

### ବଜ୍ରପାତରେ ୩...

ସମୟରେ ବଜ୍ରାଘାତ ହେବାରୁ ବୁବୁନ ଓ ଡୋଳାମଣି ବାଇକ୍ ସହ ଜଳି ଯାଇଥିଲେ। ସେହିପରି ବଜ୍ରାଘାତ ପ୍ରଭାବରେ ଅନ୍ୟ ୪ ଜଣ ମଧ୍ୟ ରାସ୍ତାରେ ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବଜ୍ରାଘାତର ଶିକାର ସମସ୍ତ ଗୁରୁତର ଓ ମୃତ ଯୁବକଙ୍କୁ ଡାକ୍ତରଖାନା ପହଞ୍ଚାଇବା ବ୍ୟବସ୍ଥା କରିଥିଲେ। ସେହିପରି ପୌରାଞ୍ଚଳ ତେନ୍ତୁଳିସାହିର ରାଜା କଣ୍ଡୁଲାନା ନାମକ ଯୁବକ ନିଜ ଘର ଅଗଣାରେ ଥିବାବେଳେ ବଜ୍ରାଘାତ ଯୋଗୁଁ ଗୁରୁତର ହୋଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ପାଣି ଭଳି ବୋହି...

ମହାନଦୀର ଉପର ମୁଣ୍ଡରେ ଅର୍ଥାତ ହୀରାକୁଦ ଜଳ ଭଣ୍ଡାର ସଂଲଗ୍ନ ଅଞ୍ଚଳ ଗସ୍ତ ପାଇଁ ୧ କୋଟି ୪୫ ଲକ୍ଷ ୫୫ ହଜାର ୪୮୦ ଟଙ୍କା ଖର୍ଚ୍ଚ ହୋଇଛି। ତଳ ମୁଣ୍ଡରେ ଅର୍ଥାତ ଭୁବନେଶ୍ୱର, ପୁରୀ, ଚିଲିକା ଇତ୍ୟାଦି ବୁଲିବାରେ ୯୫ ଲକ୍ଷ ୫୮ ହଜାର ୭୪୦ ଟଙ୍କା ଖର୍ଚ୍ଚ ହୋଇଛି। ଉପରମୁଣ୍ଡ ଗସ୍ତ ଖର୍ଚ୍ଚର ସମ୍ୟକ ବିବରଣୀ ଆରଟିଆଇ ତଥ୍ୟରୁ ମିଳିଥିବା ବେଳେ ତଳ ମୁଣ୍ଡରେ ଖର୍ଚ୍ଚର ବିବରଣୀ ଦିଆ ଯାଇନାହିଁ। ଉପର ମୁଣ୍ଡର ଗସ୍ତ ଖର୍ଚ୍ଚରେ ଏକ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାକୁ ୮୫ ଲକ୍ଷ ଟଙ୍କା ଦିଆଯାଇଥିବା ଜଣାପଡ଼ିଛି। କେବଳ ଝାରସୁଗୁଡାରେ ଦୁଇଦିନ ରହଣି ପାଇଁ ୫୪ ଲକ୍ଷ ଟଙ୍କା ହୋଟେଲ ବିଲ୍ ହୋଇଛି। ସେହିପରି ସୀତୁ ଟ୍ରାଭେଲସ ନାମକ ଏକ ସଂସ୍ଥାକୁ ୫ ଲକ୍ଷ ଟଙ୍କା ଦିଆ ଯାଇଛି। ଭୁବନେଶ୍ୱରରେ ରହଣି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଗସ୍ତର ସବିଶେଷ ବିବରଣୀ ମିଳିପାରିନି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ସଂଗଠନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ମହାନଦୀ ଟ୍ରିବ୍ୟୁନାଲ ଗତ ଫେବ୍ରୁଆରି ୨୬ ତାରିଖରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୫ ଦିନ ଧରି ଓଡ଼ିଶା ଗସ୍ତରେ ଆସିଥିଲେ। ଗସ୍ତ ସମୟରେ ସେମାନେ ଦିବ୍ରୁଗଡ଼ ଜଙ୍ଗଲ, ପୁରୀ, କୋଣାର୍କ, ଲିଙ୍ଗରାଜ ଓ ଚିଲିକା ଆଦ ପରିଭ୍ରମଣ କରିଥିଲେ। ସେତେବେଳେ ଆଡଭୋକେଟ ଜେନେରାଲ(ଏଜି) ପିତାମ୍ବର ଆଚାର୍ଯ୍ୟ ଏହା ପ୍ରଣୟର ମାଙ୍ଗଳିକ ବୋଲି କହିଥିଲେ। ଏତେ ଟଙ୍କା କଣ ମାଙ୍ଗଳିକ କାର୍ଯ୍ୟରେ ଖର୍ଚ୍ଚ ହୋଇଛି କି ବୋଲି ଆବାହକ ସୁଦର୍ଶନ ଦାସ ଏଜିଙ୍କୁ ପ୍ରଶ୍ନ କରିବା ସହିତ ଏମଏମ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ଜରିଆରେ କେତେ ଟଙ୍କା କିକ ବ୍ୟାକ ହୋଇଛି ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି କହିଛନ୍ତି। ଗରିବ ଓଡ଼ିଆ ଲୋକଙ୍କ ଟିକସ ପଇସା ସ୍ୱାହା ପାଇଁ ଯୋଉ ଅଧିକାରୀ ଅନୁମତି ଦେଇଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କ ଦରମାରୁ ପଇସା ଅସୁଲ ପାଇଁ ମଧ୍ୟ ସଂଗଠନ ଦାବି କରିଛି।

### ଖସିବା ଲାଗି...

କରିଛନ୍ତି। ସଂଶୋଧିତ ବହିର କିଛି କପି ଛପାଇବାକୁ ଯୋଜନା ଚାଲିଥିବାବେଳେ ସେହି ପୁସ୍ତକରେ ଡିଜିଟାଲ୍ କ୍ୟୁଆର୍ କୋଡ୍ ରଖିବାକୁ ମଧ୍ୟ ପ୍ରସ୍ତାବ ରହିଛି। ସେହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରିବା ପରେ ସଂଶୋଧିତ ପୁସ୍ତକର ସଫ୍ଟ କପି ମିଳିବ। ଯାହାକୁ ପ୍ରିଣ୍ଟ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବେ। ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟ ଏହାକୁ ଡାଉନଲୋଡ୍ କରିପାରିବେ। ଅପରପକ୍ଷରେ ଏହି ନିଷ୍ପତ୍ତିର କାର୍ଯ୍ୟାନ୍ୱୟନ ନେଇ ଶିକ୍ଷାବିତମାନେ ପ୍ରଶ୍ନ କରିବା ସହ କାମ ଚଳେଇ ନେବା ପାଇଁ ସରକାର ଗୋଟିଏ ପରେ ଗୋଟିଏ ଭୁଲ୍ ନିଷ୍ପତ୍ତି ନେଉଥିବା ଅଭିଯୋଗ କରଛନ୍ତି। ସେମାନଙ୍କ ମତରେ ଓଡ଼ିଶାର ବହୁ ଅଞ୍ଚଳରେ ଏବେ ବି ଇଣ୍ଟରନେଟ୍ ନାହିଁ। ପିଲାଙ୍କ ପାଖରେ ମଧ୍ୟ ସ୍ମାର୍ଟଫୋନ୍ ଉପଲବ୍ଧ ନାହିଁ। ଏପରି ସ୍ଥିତିରେ ପିଲାମାନେ କିପରି କ୍ୟୁଆର୍ କୋଡ୍ ସ୍କାନ୍ କରି ପାଠ ପଢ଼ିବେ? ସରକାର ନିଜ ଉପରୁ ଦୋଷ ଛଡ଼ାଇବାକୁ ଯାଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଅନ୍ଧକାରମୟ ନ କରନ୍ତୁ ବୋଲି ଶିକ୍ଷାବିତ୍ ଆର୍.ଏନ୍. ପଣ୍ଡା ଦାବି କରିଛନ୍ତି।

ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ମଧ୍ୟରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ସରକାରୀ ପ୍ରେସ୍ ବଦଳରେ ଘରୋଇ ପ୍ରେସ୍‌ରେ ପୁସ୍ତକ ମୁଦ୍ରଣ କରାଯାଇଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ପ୍ରାୟ ୨୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଟେକ୍ସଟ୍ ବୁକ୍ ପ୍ରଡକ୍ସନ୍ ଆଣ୍ଡ ମାର୍କେଟିଂ (ଟିବିପିଏମ୍) ନିର୍ଦ୍ଦେଶାଳୟ ସ୍ୱୀକାର କରିଛି। ଚଳିତ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରଚଳନ କରିବା ପାଇଁ ଗତବର୍ଷ ମେ ୨୧ ତାରିଖରେ ରାଜ୍ୟସ୍ତରୀୟ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ନୂତନ ପାଠ୍ୟକ୍ରମକୁ ଜାତୀୟ ଶିକ୍ଷା ଢାଞ୍ଚା (ଏନ୍‌ସିଏଫ୍)ରେ ଏସ୍‌ସିଇଆର୍‌ଟି ପ୍ରସ୍ତୁତ କରିଛି। ସେହିପରି ପୁସ୍ତକ ସଂଖ୍ୟା ୪୬ରୁ ବୃଦ୍ଧି ପାଇ ୫୫ରେ ପହଞ୍ଚିଛି। ଫଳରେ ପୁସ୍ତକର ମୁଦ୍ରଣ ସଂଖ୍ୟା ମଧ୍ୟ ବଢ଼ିଛି। ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୨ କୋଟି ୭୦ ଲକ୍ଷ ୮୦ ହଜାର ୮୦୦ଟି ବହି ଆବଶ୍ୟକ ଥିବାବେଳେ ଚଳିତ ଶିକ୍ଷାବର୍ଷ ପାଇଁ ୨ କୋଟି ୯୮ ଲକ୍ଷ ୨୯ ହଜାର ୨୭୩ଟି ବହି ଆବଶ୍ୟକ। ଅର୍ଥାତ୍ ୨୭ ଲକ୍ଷ ୪୮ ହଜାର ୪୭୩ ଟି ଅତିରିକ୍ତ ପୁସ୍ତକ ଛପାଯିବ। ନୂତନ ପାଠ୍ୟପୁସ୍ତକରେ ପୃଷ୍ଠା ସଂଖ୍ୟା ଅଧିକ ଏବଂ ଅଧିକାଂଶ ପୁସ୍ତକ ବହୁରଙ୍ଗୀୟ ମୁଦ୍ରଣ ଆବଶ୍ୟକ କରୁଛି। ଏତେ ବିଶାଳ ପରିମାଣର ପୁସ୍ତକ ମୁଦ୍ରଣ କାର୍ଯ୍ୟ କେବଳ ଟିବିପିଏମ୍ ଦ୍ୱାରା ସମ୍ପୂର୍ଣ୍ଣ କରିବା ସମ୍ଭବ ନ ହେବାରୁ କିଛି ପୁସ୍ତକ ମୁଦ୍ରଣ କରିବା ପାଇଁ ବେସରକାରୀ ପ୍ରେସ୍‌ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। କେତେ ପୁସ୍ତକ ଘରୋଇ ପ୍ରେସ୍‌ରେ ମୁଦ୍ରଣ କରାଯାଇଛି ତାହା ସ୍ପଷ୍ଟ କରାଯାଇ ନ ଥିଲେ ହେଁ ମୁଦ୍ରଣ ବାବଦକୁ ପ୍ରାୟ ୨୧ କୋଟି ଟଙ୍କା ଦିଆଯାଇଥିବା ଟିବିପିଏମ୍ ନିର୍ଦ୍ଦେଶାଳୟ ପକ୍ଷରୁ ଗଣଶିକ୍ଷା ବିଭାଗକୁ ଅବଗତ କରାଯାଇଛି।

### ସଂଶୋଧନ ପରେ...

କାଠଗଡ଼ାରେ ଠିଆ କରିଛି। ଅଷ୍ଟମ ଶ୍ରେଣୀ ଗଣିତ ପ୍ରକାଶ ବହିର ୨୫ ନମ୍ବର ପୃଷ୍ଠାରେ ଏକ ଏକ୍ସପୋନେଣ୍ଟ ଫଙ୍କସନ୍ ଗଣିତ ରହିଛି। ଏମ୍ ଟୁ ଦି ପାୱାର ଏ ଗୁଣନ ଏମ୍ ଟୁ ଦି ପାୱାର ଏନ୍ ଇଜ୍ ଇକ୍ୱାଲ୍ ଟୁ ଏମ୍‌ଏନ୍ ହୋଲ୍ ଟୁ ଦି ପାୱାର ଏ ଉଲ୍ଲେଖ ରହିଛି। ଏହା ଏକ ତ୍ରୁଟି ବୋଲି ମଧ୍ୟ ଦର୍ଶାଯାଇଛି। ଏହାକୁ ସଂଶୋଧନ କରିବାକୁ ଯାଇ ଏମ୍ ଟୁ ଦି ପାୱାର ଏ ଗୁଣନ ଏମ୍ ଟୁ ଦି ପାୱାର ଏ ଇଜ୍ ଇକ୍ୱାଲ୍ ଟୁ ଏମ୍‌ଏନ୍ ହୋଲ୍ ଟୁ ଦି ପାୱାର ଏ ଉଲ୍ଲେଖ କରାଯାଇଛି। ଯେତେବେଳେ କି ପ୍ରକୃତ ଉତ୍ତର ଏମ୍ ଟୁ ଦି ପାୱାର ଟୁଏ ହେବ। ସଂଶୋଧିତ ତାଲିକାରେ ମଧ୍ୟ ପାୱାର୍ ରୁଲ୍ ଗଣିତରେ ତ୍ରୁଟି ଦେଖାଦେବା ପରେ ନିଜ ପିଲାଙ୍କ ଶୈକ୍ଷିକ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ସରକାରୀ ଶିକ୍ଷାରୁ ସବୁଦିନ ପାଇଁ ମୁହଁ ଫେରାଇ ନେବାକୁ ସରକାର ଏକ ପ୍ରକାର ବାଧ କରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଫଳରେ ପୁଣି ଏକ ନୂତନ ବିବାଦରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଛନ୍ଦି ହୋଇଛି।

---

**AFFIDAVIT**

I, Debendra Jena, holding Indian Passport No: J3705324 residing at At-Chandamunda, Po-Jari, Ps-Binjharpur, Dist - Jajpur, Pin-755016, Odisha have declared that my mother's name was incorrectly spelled as Sabita Jrna of Mother in my passport . I have corrected her name to Sabita Jena vide affidavit no 8962 Dt-18.06.2026 for all future purposes.

**Debendra Jena**

---

**AFFIDAVIT**

By virtue of an affidavit sworn before Executive Magistrate, Tangi- Choudwar dated 10.06.2026, I Rabindra Kumar Samal Permanent resident of Vill-Bandalo, P.o-Banipada,Ps-Choudwar, Dist-Cuttack, Odisha, Pin-754027 declare that I have changed the name of my minor son from Pradumna Kumar Samal to Pradyumna Kumar Samal Henceforth, He shall be known as **Pradyumna Kumar Samal** for all purposes.

**Sd- Rabindra Kumar Samal**

---

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 18-KUR-TRD-OT-2026-27

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ଷ୍ଟେସନର ପ୍ରମୁଖ ଉନ୍ନତିକରଣ ସହ ସମ୍ପର୍କିତ ବିଦ୍ୟୁତୀକରଣ ଏବଂ OHE ରୂପାନ୍ତରଣ କାର୍ଯ୍ୟ।

ବିଜ୍ଞାପିତ ମୂଲ୍ୟ : ₹97,50,293.28, EMD : ₹1,95,000/-, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.06.2026ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.07.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-256/R/26-27

---

GOVERNMENT OF ODISHA — 25001/481/2627

**e-Procurement Notice**

**Bid Identification No. TENDER ONLINE SBPR-05 OF 2026-27**

No. 3307, Dated: 11.06.2026

E-mail: rw_sambalpur@yahoo.co.in

Phone No.: **0663-2401850**

1. **Name of Work:** Building Works as per DTCN available in the website **www.tenderorissa.gov.in**.
2. **Total Number of Works:** 07 (Seven) Nos.
3. **Estimated Cost:** Rs. 51.08 Lakhs to Rs. 86.80 Lakhs.
4. **Period of Completion:** 09 (Nine) Calendar Months.
5. **Availability of Bid Document in Portal:** From **25.06.2026 at 11.00 A.M.** to **15.07.2026 up to 5.00 P.M.**
6. **Date and Time of Opening of Tender:**
   a) **Technical Bid:** 17.07.2026 at 11.00 A.M.
   b) **Financial Bid:** Will be intimated later.
7. **Name and Address of the Officer Inviting Bid: S.E.R.W. Divn, Sambalpur.**

1. Other details can be seen in the Detailed Notice Inviting Tender available on the website.
2. Corrigendum, if any, shall only be published on the above website.

**Superintending Engineer**
**Rural Works Division, Sambalpur**

OIPR-25001/25076/1/26-27/0005

---

**BHUBANESWAR DEVELOPMENT AUTHORITY** — 13001/961/2627

AKASH SHOVA BUILDING, SACHIVALAYA MARG, BHUBANESWAR – 751001

Visit us at: http://www.bda.gov.in

**INVITATIONS FOR BIDS (IFB)**

**Bid Identification No.: 452** **Date: 17.06.2026**

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in **double cover system** conforming to the Detailed Tender Call Notice (DTCN) from OEM or their authorized dealers having authorization from the OEM, valid PAN, EPF & ESI Registration, and GST Registration Certificate for the following work:

| Sl. No. | Name of Work | Estimated Cost (Rs.) | EMD | Cost of Tender Paper | Period of Completion |
|---|---|---|---|---|---|
| 1 | Special Repair of 07 Nos. of Johnson Make Passenger Lifts installed at Daya Enclave, Bhubaneswar | 5,93,300.00 | 1% of the estimated cost put to tender (through online transfer by the last date & time for receipt of bids) | Rs. 4,000/- + GST @18% (through online transfer by the last date & time for receipt of bids) | 15 (Fifteen) Days |

2. The bid documents will be available on the website https://tendersodisha.gov.in from **22.06.2026 to 04.07.2026 up to 17:00 Hours**.
3. Bids along with the cost of tender paper and EMD shall be received only online on or before **04.07.2026 up to 17:00 Hours**. The bidder must possess a compatible Digital Signature Certificate (DSC) of Class-III.
4. Other details can be seen in the bidding documents.
5. The authority reserves the right to cancel any or all bids at any time without assigning any reason thereof.
6. Any addendum, corrigendum, or cancellation shall only be uploaded on the website https://tendersodisha.gov.in.

**Executive Engineer**
**Division-IV, BDA, Bhubaneswar**

OIPR-13001/13033/1/26-27/0069

---

GOVT. OF ODISHA — 25001/474/2627

**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**

E-Mail: eerw_anandapur@yahoo.co.in

**NOTICE INVITING TENDER**

**NATIONAL COMPETITIVE BIDDING THROUGH e-PROCUREMENT NOTICE**

**Online-09/EE/RW/AND/2026-27**

**Annual Maintenance Plan of Rural Roads under Administrative Expenditure**

**No. 3998** **Date: 10.06.2026**

Executive Engineer, Rural Works Division, Anandapur on behalf of Government of Odisha invites **Percentage (%) Rate Tenders** for the **Annual Maintenance Plan of Rural Roads** through e-Procurement as per annexure. The bid should be submitted online through **www.tendersorissa.gov.in** by eligible contractors having legal competency and expertise, registered with the State Government and contractors of equivalent grades/classes registered with Central Government, MES, or Railways for execution of Civil Works. Bidders must possess valid Portal Enrollment and Digital Signature Certificate (DSC). Contractors from outside Odisha may also participate after necessary portal enrolment but must subsequently obtain registration with the appropriate State Government authority before award of work.

| Procurement Officer | Bid Identification No. | Availability of Tender Online | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|
| Executive Engineer, R.W. Division, Anandapur | NCB-Online 09/EE/RW/AND/2026-27 | From: 25.06.2026 at 11:00 A.M. To: 04.07.2026 up to 5:00 P.M. | 03.07.2026 up to 11:00 A.M. | 06.07.2026 at 11:30 A.M. |

**Sd/- Executive Engineer**
**R.W. Division, Anandapur**

OIPR-25001/25055/1/26-27/0008

---

GOVERNMENT OF ODISHA — 25001/487/2627

**OFFICE OF THE SUPERINTENDING ENGINEER**
**RURAL WORKS DIVISION, DHARMAGARH**

**Email:** rw_dharmagarh@yahoo.com

**e-PROCUREMENT NOTICE**

Bid Identification No.: DMGH/Online-01 of 2026-27, Date: 09.06.2026

Bid documents consisting of Work, Estimated Cost, Cost of Tender Paper, Bid Security, Time of Completion, Class of Contractor, terms and conditions of contract and other necessary documents can be seen in the Government website **www.tendersorissa.gov.in**.

1. **Name of Work** — Road works in the district of Kalahandi as mentioned in DTCN
2. **Total Number of Works** — 27 Nos.
3. **Estimated Cost** — Rs. 7.62 Lakhs to Rs. 47.79 Lakhs
4. **Period of Completion** — 03 (Three) Calendar Months
5. **Other Details:**

| Availability of Tender Online for bidding | | Last Date & Time for Seeking Tender Clarification | Date & Time of Opening of Tender |
|---|---|---|---|
| From | To | | |
| **24.06.2026 at 11.00 A.M.** | **08.07.2026 up to 5.00 P.M.** | 06.07.2026 up to 5.00 P.M. | 09.07.2026 at 11.00 A.M. |

Further details can be seen from the website **www.tendersorissa.gov.in**.

**Superintending Engineer**
**Rural Works Division, Dharmagarh**

OIPR-25001/25100/1/26-27/0001

---

GOVERNMENT OF ODISHA — 32001/434/2627

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**

**E-mail:** midivmalkangiri@gmail.com

**NOTICE INVITING TENDER**

**E-Procurement Notice**

Bid Identification No.: SEMIDMKG-04/2026-27

**Letter No.: 2002, Date: 20.06.2026**

The Superintending Engineer, Minor Irrigation Division, Malkangiri, on behalf of the Governor of Odisha, invites **Percentage Rate Bids** in **Single Cover System** through Online Mode. The bid documents consisting of work details, estimated cost, cost of tender paper, time of completion, class of contractor, terms and conditions of contract, and other necessary documents can be viewed on the e-procurement portal **https://tendersodisha.gov.in**.

1. Name of Work — Construction of 01 No. Check Dam under MATY 3.0 Scheme and Improvement to 19 Nos. Check Dams under Improvement to CD Scheme in different Blocks of Malkangiri District for the year 2026-27
2. Total Number of Works — 20 (Twenty) Nos.
3. Estimated Cost — Approximately Rs. 5.99 Lakh to Rs. 37.06 Lakh
4. Period of Completion — 02 (Two) to 03 (Three) Calendar Months
5. Class of Contractor — "B", "C" & "D" Class Contractors
6. Availability of Bid Documents — From 25.06.2026 at 10:00 A.M. to 04.07.2026 up to 5:00 P.M.
7. Last Date/Time for Receipt of Bids — 04.07.2026 up to 5:00 P.M.
8. Date of Opening of Bid — 06.07.2026 at 11:00 A.M.
9. Mode of Submission — Online
10. Name of the Office inviting Bid — Superintending Engineer, Minor Irrigation Division, Malakangiri
11. Further details canbe seen from the Government of Odisha website: www.tendersorissa.gov.in

**Superintending Engineer**
**Minor Irrigation Division, Malkangiri**

OIPR-32001/32556/1/26-27/0005

---

**AFFIDAVIT**

By virtue of an affidavit dated 20.06.2026, I, Sri Kishor Kumar Samantara, S/o- Rajendra Kumar Samantara, R/o- Pipilipali, Po.-Bardol, Ps./Dist.- Bargarh state that, my actual name is **Kishor Kumar Samantara** but in my Policy no. 51974881 of Indusland NIPON life Insurance my name has been wrongly mentioned as Kishor Kumar Samantray. That **Kishor Kumar Samantray** and **Kishor Kumar Samantara** is same and one person.

---

**AFFIDAVIT**

By virtue of an affidavit no.321 before the Executive Magistrate, Baripada, Mayurbhanj, dtd 19.06.2026, I, Narendra Dhal, At-Benipuria, Po-Kharisole, Ps-Muruda, Dist.-Mayurbhanj declare that the name of my minor son has been wrongly recorded as Lucky Dhal in certain records. His correct name is Chandra Kanta Dhal. That Lucky Dhal & Chandra Kanta Dhal is one and the same person. Henceforth, he shall be known as **Chandra Kanta Dhal** for all purposes.

**Sd/- Narendra Dhal**

---

**AFFIDAVIT**

By virtue of an affidavit no.2537 before the Executive Magistrate, Kaptipada, Udala, dtd 16.06.2026, I, Geetanjali Tudu, Vill.-Kalajamuna, PO-Tangana, PS-Khunta, Dist.-Mayurbhanj declare that my name has been wrongly mentioned as Geetanjili Tudu in Aadhaar Card. My correct name is Geetanjali Tudu. That **Geetanjali Tudu and Geetanjili Tudu** is one and the same person. Henceforth, I shall be known as **Geetanjali Tudu** for all purposes.

**Sd/- Geetanjali Tudu**

---

**AFFIDAVIT**

By virtue of an affidavit (SL No. 3554, dtd- 09/06/2026) sworn before The Executive Magistrate, Dhenkanal. I, **Kamal Kumar Sethy,** S/o- Benudhar Sethy, permanent resident of Vill: Bhatakateni, PO: Badanagena, PS: Sadar, Dist: Dhenkanal, PIN-759014, State: Odisha declare that I have changed my minor daughter's name from **Kadambini Sethy** (old name) to **Kadmini Sethy** (new name). Henceforth, she shall be known as **Kadmini Sethy** (new name) for all purposes.

**Kamal Kumar Sethy**

---

**AFFIDAVIT**

I, Upendra Biswal, (old name), aged about 53 years, S/o- Sukadev Biswal, resident of At-Samantasingharpur, PO: Rahanbeli, Dist: Khordha, PIN- 752030, Odisha declared by this affidavit No. 1274, dtd-19/06/2026 that now onwards I shall be known as **UPENDRA KUMAR BISWAL** (new name) for all future purposes.

---

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-22/06/2026. I, **Nikita Bachha** (new name), D/o Gangadhar Bachha, permanent & current resident of AT: Silpada Pudapali, PO: Jharial, PS: Sindhekela, Dist: Balangir, State: Odisha, PIN: 767040 declare that I have changed my name from **Buti Bachha** (old name) to **Nikita Bachha** (new name). Henceforth, I shall be known as **Nikita Bachha** (new name) for all future purposes.

**Nikita Bachha**

---

**AFFIDAVIT**

By virtue of an affidavit No-1933, dated-10/06/2026 sworn before the Executive Magistrate, Dharmasala. I, **Abdullah Sheikh,** S/o- Sheikh Azizullah, residence of Vill- Chandpur, Po/Ps- Brahmabarada, Dist- Jajpur, Odisha, Pin- 755005 declare that my name and my father's name has been wrongly mentioned as **Shaikh Abudullah, S/o Azizullah Shaikh** in my Indian Passport bearing No- P1788124 instead of **Abdullah Sheikh, S/o Sheikh Azizullah** which is correct name and supported by my Matriculation Certificate, Birth Certificate & my Aadhaar Card bearing No- 5432 8656 6962. The purpose of this affidavit is to submit before the competent authority for correction.

**Abdullah Sheikh**

'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ବିଭ୍ରାଟ

# ଅଧାରୁ ଉଠି ଚାଲିଗଲେ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସଭ୍ୟ, ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟ

ବାଲିକୁଦା,୨୨।୬(ସମିସ)

ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନାଙ୍କ ସଭାପତିତ୍ୱରେ "ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ବିଡିଓ ବିଦ୍ୟାଧର ଦଣ୍ଡପାଟ, ଜିଲ୍ଲାପରିଷଦ ଡଲି ପଣ୍ଡା, ଜିଲ୍ଲାପରିଷଦ ଜଟାଧାରୀ ଦାସ, କେଭିକେ ରବୀନ୍ଦ୍ର ପ୍ରଧାନ, ସହକାରୀ ପ୍ରାଣୀ ଚିକିତ୍ସକ ମଧୁସ୍ମିତା ମିଶ୍ର, ସହକାରୀ ମତ୍ସ୍ୟ ଅଧିକାରୀ ମନୀଷା ଜେନା, ଉଦ୍ୟାନ କୃଷି କର୍ମଚାରୀ ଦେବାଶିଷ ମହାନ୍ତି, ମୃତ୍ତିକା ସଂରକ୍ଷଣ କର୍ମଚାରୀ ଦେବୀ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ଡଲି ପଣ୍ଡାଙ୍କ ଅଭିଭାଷଣକୁ କେନ୍ଦ୍ର କରି ବିଜେପି ସମର୍ଥିତ ସମିତିସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ ବିରୋଧ କରିବା ସହ ସରକାରୀ କାର୍ଯ୍ୟକ୍ରମରେ ଦଳୀୟ ଭିତ୍ତିକ ମନ୍ତବ୍ୟ ଦେଉଥିବା କଥା କହିଥିଲେ। ଫଳରେ ବିଜେପି ଓ ବିଜେଡି କର୍ମୀଙ୍କ ମଧ୍ୟରେ ତୀବ୍ର ବାକ୍‌ବିତଣ୍ଡା ଆରମ୍ଭ ହୋଇଥିଲା। କିଛି ସମୟ ପାଇଁ ପରିସ୍ଥିତି ଏପରି ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା ଯେ, ଉଭୟ ପକ୍ଷର କର୍ମୀଙ୍କ ମଧ୍ୟରେ ହାତାହାତି ହେବାର ଆଶଙ୍କା ଦେଖାଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ମଞ୍ଚରେ ଚାଲିଥିବା ଭାଷଣକୁ ନେଇ ଉଭୟ ଦଳର ସମର୍ଥକମାନେ ପରସ୍ପର ବିରୋଧୀ ସ୍ଲୋଗାନ ଦେବା ସହ ଉଚ୍ଚ ସ୍ୱରରେ ପ୍ରତିବାଦ କରିଥିଲେ। ଏହା ଫଳରେ ସମଗ୍ର ସଭାସ୍ଥଳରେ ଉତ୍ତେଜନା ବ୍ୟାପି ଯାଇଥିଲା ଏବଂ କାର୍ଯ୍ୟକ୍ରମର ସାମାନ୍ୟ ପରିଚାଳନା ବାଧାପ୍ରାପ୍ତ ହୋଇଥିଲା। ଏହି କଥାରେ ଜିଲ୍ଲାପରିଷଦ ସଭ୍ୟା ଡଲି ପଣ୍ଡା ସରକାରୀ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରି ଅପମାନ ଦେଉଥିବା କଥା କହି ମଞ୍ଚ ଛାଡି ଅଧାରୁ ଚାଲି ଯାଇଥିବା ବେଳେ ଏହାକୁ ସମର୍ଥନ କରି ଅପମାନ ହେଉଥିବା ଓ ଦଳୀୟ ଭିତ୍ତିରେ ମଞ୍ଚ ଚାଲିଥିବା କହି ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସମସ୍ତ ବିଜେଡି ସମର୍ଥିତ ସଭ୍ୟ ସରପଞ୍ଚ ସଭାସ୍ଥଳି ଛାଡି ପଳାଇଥିଲେ। ଫଳରେ ଅତିଥିମାନଙ୍କ ଚେୟାର ଫାଙ୍କା ପଡ଼ି ରହିଥିଲା ଏବଂ କାର୍ଯ୍ୟକ୍ରମରେ ସାମୟିକ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପରେ ସ୍ଥାନୀୟ ପ୍ରଶାସନ ଓ ଆୟୋଜକମାନଙ୍କ ହସ୍ତକ୍ଷେପରେ ପରିସ୍ଥିତି ଶାନ୍ତ ହୋଇଥିଲା।

**ଦୁଇ ଦଳ ଲୋକପ୍ରତିନିଧି ମୁହାଁମୁହିଁ**

ଏକ ସରକାରୀ ବିକାଶମୂଳକ କାର୍ଯ୍ୟକ୍ରମରେ ଏଭଳି ରାଜନୈତିକ ଉତ୍ତେଜନା ସୃଷ୍ଟି ହେବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। ବିକାଶମୂଳକ ପ୍ରସଙ୍ଗ ଉପରେ ଆଲୋଚନା ହେବା ପରିବର୍ତ୍ତେ ରାଜନୈତିକ ମତଭେଦ ଯୋଗୁଁ କାର୍ଯ୍ୟକ୍ରମର ପରିବେଶ ବିଘ୍ନିତ ହେବାକୁ ନେଇ ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ କହିଥିଲେ ସରକାରୀ କାର୍ଯ୍ୟକ୍ରମରେ କିଛି ବିଜେପି ନେତା ଓ କର୍ମୀ ନିଜର ଆଚରଣ ଉଚ୍ଚାରଣ ଭୁଲି ଯାଇଥିଲେ। ଏଣୁ ଜଣେ ମହିଳାଙ୍କୁ ଅପମାନ କରିବାରୁ ଆମେ ସଭା ଛାଡି ଚାଲି ଆସିଲୁ। ଜିଲ୍ଲାପରିଷଦ ସଭ୍ୟା ଶ୍ରୀମତୀ ପଣ୍ଡା କହିଥିଲେ କି ଆଜି ମୋ ବକ୍ତବ୍ୟରେ କୃଷି କ୍ଷେତ୍ରରେ ସରକାର କ'ଣ କ'ଣ କଲେ ଚାଷୀ ଉପକୃତ ହେବେ ବୋଲି କହିବାରୁ ସେମାନେ ମୋତେ ଅପମାନ କଲେ। ଏନେଇ ସମିତିସଭ୍ୟ ଚିତ୍ତରଞ୍ଜନ ମନ୍ତ୍ରୀ କହିଛନ୍ତି ଯେ ସେଠାରେ ଏକ ସରକାରୀ କାର୍ଯ୍ୟକ୍ରମ ହେଉଥିଲା। ଲୋକେ କିପରି ସରକାରଙ୍କ ସମସ୍ତ ଯୋଜନାର ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋଚନା ହେଉଥିଲା। କିନ୍ତୁ ସେମାନେ ତାହାକୁ ରାଜନୀତି କରଣ କରିବା ସହ ବିରୋଧୀ ଦଳର କାର୍ଯ୍ୟ କରିଥିଲେ ଯାହାକୁ ଆମେ ବିରୋଧ କରିଥିଲୁ। ଏନେଇ କୃଷି ଅଧିକାରୀ କହିଛନ୍ତି ଯେ ଏହା ସେଭଳି କୌଣସି ସମସ୍ୟା ନୁହେଁ ଆମେ ଚାଷୀଙ୍କୁ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଇଛୁ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ବାଲିକୁଦା,୨୨।୬(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୭୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୫ଟି, ଆବାସ ସମ୍ପର୍କୀୟ ୨୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୯ଟି, ପୁଲିସ ସହାୟତା ପାଇବା ପାଇଁ ୧ଟି, ଭତ୍ତା ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ବାଲିକୁଦା ବିଦ୍ୟାଧର ଦଣ୍ଡପାଟ, ତହସିଲଦାର ବାଲିକୁଦା ବିକାଶ ରଞ୍ଜନ, ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ନାଉଗାଁ,୨୨।୬(ସମିସ): ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡ଼ାଂଶ ପଞ୍ଚାୟତ ସ୍ଥିତ ହରିଶପୁର ଗ୍ରାମର ନାରାୟଣ ଭୋଇଙ୍କ ଘର ଗତ ଦୁଇ ଦିନ ତଳେ ପୋଡ଼ି ଯାଇଥିଲା। ଏଥିରେ ଦୁଇ ବଖରା ଘର ଜଳିଯିବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ିଯାଇଛି। ଖବର ପାଇ ଜଗତସିଂହପୁର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଆଜି ଉକ୍ତ ଗ୍ରାମରେ ପହଞ୍ଚି ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇଥିବା ନାରାୟଣ ଭୋଇଙ୍କୁ ଆର୍ଥିକ ସହାୟତା ସହିତ ଲୁଗା, ଡାଲି, ଚାଉଳ, ପରିବା, ହାଣ୍ଡି, କଡ଼େଇ, ବାଲଟି ଆଦି ଆସବାବପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ସରକାରୀ ସହାୟତା କିପରି ତୁରନ୍ତ ପହଞ୍ଚି ପାରିବ ସେ ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସୂଚନା ଦେଇଛନ୍ତି।

■ ରାସ୍ତା ନିର୍ମାଣରେ ବାଧା

## ଜବରଦଖଲରେ ସରକାରୀ ଜମି



ରଘୁନାଥପୁର,୨୨।୬(ସମିସ): ରଘୁନାଥପୁର ଅନ୍ତର୍ଗତ ଧରାଧରପୁର ଗ୍ରାମପଞ୍ଚାୟତରେ ସରକାରୀ ଜମି ଜବରଦଖଲ ହୋଇଥିବାରୁ ରାସ୍ତା ନିର୍ମାଣରେ ବାଧା ସୃଷ୍ଟି ହୋଇଛି। ତେବେ ଏହାକୁ ବିଚାର କରି ଓଡ଼ିଶା ହାଇକୋର୍ଟ ଜଗତସିଂହପୁର ଏସ୍‌ପିଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ଦେବା ତଥା ଆଇନ ଶୃଙ୍ଖଳା ରକ୍ଷା କରି ରାସ୍ତା ନିର୍ମାଣ କାର୍ଯ୍ୟ ଶାନ୍ତିଶୃଙ୍ଖଳା ସହ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଜବରଦଖଲକାରୀଙ୍କ ପକ୍ଷରୁ ବାଧା ସୃଷ୍ଟି କରାଯାଇଥିଲା। ଏହାକୁ ଗୁରୁତର ସହ ନେଇ କୋର୍ଟ କହିଛନ୍ତି ଯେ ଜବରଦଖଲକାରୀ କିଛି ଲୋକଙ୍କ ବିରୋଧ ପାଇଁ ଜନହିତକାରୀ କାର୍ଯ୍ୟ ଅଟକ ରହିବା ଅନୁଚିତ। ସମ୍ବିଧାନର ସପ୍ତମ ଅନୁସୂଚୀ ଅନୁଯାୟୀ ଆଇନ ଶୃଙ୍ଖଳା ରକ୍ଷା କରିବା ରାଜ୍ୟ ସରକାରଙ୍କ ଅଧୀନରେ ଆସୁଥିବାରୁ କୋର୍ଟ ଜଗତସିଂହପୁର ଏସପିଙ୍କୁ ନିର୍ମାଣ କାର୍ଯ୍ୟ ସମୟରେ କଡ଼ା ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଥିବାବେଳେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ହୋଇପାରୁନାହିଁ। ଏଥିପାଇଁ ପ୍ରଶାସନିକ ଅଧିକାରୀ ଦାୟୀ ନା ସାଧାରଣ ଜନସାଧାରଣ ଦାୟୀ ତାହା ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି।

## ବ୍ରହ୍ମଲୀନ ସାଧୁ ଗୌରାଙ୍ଗ ବାବାଙ୍କ ସମାଧି ପ୍ରତିଷ୍ଠା

ତିର୍ତ୍ତୋଲ,୨୨।୬(ସମିସ): ଆଜି ତିର୍ତ୍ତୋଲ ଖଣ୍ଡିଆଗୋରଡ଼ ଗ୍ରାମର ବ୍ରହ୍ମଲୀନ ବାବା ଗୌରାଙ୍ଗ ଦାସ ମହାରାଜ (ପଦ ବାବା)ଙ୍କ ସମାଧି ପ୍ରତିଷ୍ଠା ସହ ସାଧୁସନ୍ଥ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ ଯୋଗଦାନ କରି ବାବା ଗୌରାଙ୍ଗ ଦାସଙ୍କ ଗୁଣକୀର୍ତ୍ତି ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହା ସହ ଶ୍ରୀମଦ୍ ଭଗବତଗୀତା ପାଠ, ଭାଗବତ ପାଠ, ନାମଯଜ୍ଞ, ଭଜନ ସନ୍ଧ୍ୟା ପ୍ରଭୃତି କାର୍ଯ୍ୟକ୍ରମ ସହ ସାଧୁସେବା, ବ୍ରାହ୍ମଣ ସେବା, ଗୋ ସେବା କାର୍ଯ୍ୟକ୍ରମ ହୋଇଥିଲା। ବାବା ଗିରିଜାନନ୍ଦ ପର୍ବତ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାବା ଦିବ୍ୟକୃଷ୍ଣ ଦାସମହାରାଜ, ଅଧିକାରୀ ପ୍ରଣବାନନ୍ଦ ଦାସ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଜ୍ୟୋତିର୍ବିଦ ଡ. ଅରୁଣ କୁମାର ପାଣି, ରାମାୟଣୀ ପଣ୍ଡିତ ଅଭୟ ଦାଶ, ଅଧିକାରୀ ରମାକାନ୍ତ ଦାସ, ବାବା ହରିଅନନ୍ତ ଦାସ, ମହନ୍ତ ମନୋହର ଦାସ ମହାରାଜ, ବାବା ତପନ ଦାସ, ବାବା ପ୍ରେମ ସାଗର, ବାବା ନୀଳାଚଳ ଦାସ, ବାବା ନିଖିଳନଆନନ୍ଦ ଦାସ, ବାବା ବାସୁଦେବ ଦାସ, ହିରଣ୍ୟ ଦାସ, ମାତା ସଲୀଳା ଦାସ, ବାବା ରଘୁନାଥ ଦାସ, ବଳଭଦ୍ର ମହାପାତ୍ର ପ୍ରମୁଖ ଯୋଗଦାନ କରିଥିବା ବେଳେ ସମୀର ଦାସ, ଅଧ୍ୟାପକ ସନାତନ ଲେଙ୍କା, ଅଚ୍ୟୁତାନନ୍ଦ ଦାସ, ମନୋଜ ଦାସ, ମାନସ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜନ୍ମମାଟିରେ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ସ୍ମୃତିସଭା



ଜଗତସିଂହପୁର,୨୨।୬(ସମିସ): ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ସୁନାମଧନ୍ୟ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କର ୪୪ତମ ଶ୍ରାଦ୍ଧ ବାର୍ଷିକୀ ଜନ୍ମସ୍ଥାନ ଗନ୍ଧାପୁର ଗ୍ରାମରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସ୍ମୃତି ପରିଷଦର କର୍ମକର୍ତ୍ତା, ଉପଦେଷ୍ଟା, ଶୁଭେଚ୍ଛୁମାନଙ୍କ ଦ୍ୱାରା ନାଟ୍ୟକାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରିଷଦର ସଭାପତି ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ମା' ଉଗ୍ରେଶ୍ୱରୀ ନାରାୟଣୀଙ୍କ ପୀଠରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ, ଉପସଭାପତି ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର କୈଳାସ ଚନ୍ଦ୍ର ମଲ୍ଲିକ, ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ, ସହ ସମ୍ପାଦକ ବନମାଳୀ ମହାରଣା, ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ରାଜକିଶୋର ସାହୁ, ମିଡିଆ ସଂଯୋଜକ ତପନ କୁମାର ରାଉତରାୟ, କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ କୁମାର ମିଶ୍ର, ପରୀକ୍ଷିତ ମହାନ୍ତି, ସନ୍ତୋଷ କୁମାର ସାହୁ ଓ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଖ୍ୟାତ ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ କାଳଜୟୀ ନାଟକ ଗୃହଲକ୍ଷ୍ମୀ, ଶପଥ ନୁହେଁ କଳଙ୍କ, ଅକାଳ ଝଡ଼, ରଘୁ ଅରକ୍ଷିତ, ଶଙ୍ଖା ଶାଢ଼ି ସିନ୍ଦୁର, ଗରିବ ଝିଅ, ବିପ୍ଳବୀର ଅପମୃତ୍ୟୁ ଓ ଚମ୍ବଲ ଡାକୁ ସଂପର୍କରେ ଆଲୋକପାତ କରି ଏହି ନାଟକରେ ଥିବା ସାମାଜିକ ଚେତନା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ସୁକାନ୍ତ କୁମାର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଚେତ ଚେତନ ମହାନ୍ତି, ତନ୍ମୟ କାନ୍ତ ପଣ୍ଡା ଓ ମନୋଜ କୁମାର ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ।

## ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଛି ଚିକିତ୍ସକଙ୍କ ବାସଗୃହ ନିର୍ମାଣ



ନାଉଗାଁ,୨୨।୬(ସମିସ): ପୂର୍ତ୍ତ ବିଭାଗ ପକ୍ଷରୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାଲିଥିବା ସରକାରୀ ଚିକିତ୍ସକଙ୍କ ବାସଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ ହୋଇଛି। ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ନିର୍ମାଣ ଚାଲିଥିବା ଏହି ଗୃହ ନିର୍ମାଣର ୭୦ ପ୍ରତିଶତ ସରିଥିଲେ ମଧ୍ୟ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟତଃ କାର୍ଯ୍ୟ ଆରମ୍ଭରୁ କୌଣସି ବିଭାଗୀୟ ଯନ୍ତ୍ରୀଙ୍କ ବିନା ତଦାରଖରେ ଏହାକୁ ଠିକାଦାର ମନମୁଖୀ ଭାବେ କରୁଥିବାର ଦେଖାଯାଇଛି। କାର୍ଯ୍ୟର ଭାଗମାପ ମଧ୍ୟ ମନଇଚ୍ଛା ଠିକାଦାର ଦେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରାମଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ ଏପରି କାର୍ଯ୍ୟ ଚାଲୁ ନଥିବା କହିଥିଲେ। ସେ ନିଜେ ଅନୁପସ୍ଥିତ ରହି କିପରି ଏହି କାର୍ଯ୍ୟକୁ ତଦାରଖ କରୁଛନ୍ତି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

## ଯୁବତୀଙ୍କୁ ପ୍ରତାରଣା; ବିବାହିତ ଯୁବକ ଗିରଫ

ବାଲିକୁଦା,୨୨।୬(ସମିସ): ଯୁବତୀଙ୍କ ପ୍ରତାରଣା କରିଥିବା ଅଭିଯୋଗରେ ଜଣେ ବିବାହିତ ଯୁବକ ଗିରଫ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ପଞ୍ଚାୟତ କୋଶୀଦା ଗ୍ରାମର କୃଷ୍ଣଚନ୍ଦ୍ର ମଲ୍ଲିକ (୨୬) ବିବାହ କରି ଏକ ପୁତ୍ର ସନ୍ତାନର ଜନକ ହୋଇଥିଲେ ମଧ୍ୟ ଅନ୍ୟ ଜଣେ ଯୁବତୀକୁ ଭଲ ପାଉଥିଲେ। ଏପରିକି ତାକୁ ବିବାହ କରିବାର ସ୍ୱପ୍ନ ଦେଖାଇ ସେ କାର୍ଯ୍ୟ କରୁଥିବା ବାଙ୍ଗାଲୋରରେ ୩ ମାସ ଓ ଭୁବନେଶ୍ୱରରେ ଏକ ମାସ ନିଜ ପାଖରେ ରଖିବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ସେ ବିବାହିତ ଓ ତାର ଗୋଟେ ୨ ବର୍ଷର ପୁତ୍ର ଥାଇ ମଧ୍ୟ ସେ ଉକ୍ତ ଯୁବତୀକୁ ଦ୍ୱିତୀୟ ବିବାହର ପ୍ରତିଶ୍ରୁତି ଦେଇଥିଲା। ହେଲେ ବିବାହ ନ କରି ତାଙ୍କୁ ପ୍ରତାରଣା ଦେଇଥିଲେ। ଗତ ୨ ଦିନ ତଳେ ରାତିରେ ଝିଅ ଘରକୁ ଆସି ପୁନଃ ସଂପର୍କ ରଖିବାକୁ କହିବାରୁ ଝିଅଟି ବିବାହ କରିବା ପାଇଁ ଜିଦ ଧରିଥିଲା। କିନ୍ତୁ କୃଷ୍ଣ ଏଥିରେ ରାଜି ନ ହେବାରୁ ଝିଅର ଭାଇ କୃଷ୍ଣକୁ ଅଟକାଇଥିଲେ। ଏପରିକି ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଉଦ୍ୟମ ହୋଇଥିଲା। ହେଲେ ଝିଅର ଏକା ଜିଦ୍ ସେ ବିବାହ କରିବ। କିନ୍ତୁ ଏଥିରେ କୃଷ୍ଣ ରାଜି ହୋଇ ନଥିଲା। ଫଳରେ ଝିଅଟି ବାଲିକୁଦା ଥାନାର ଦ୍ୱାରସ୍ଥ ହେବା ସହ ତା' ସହ ହୋଇଥିବା ପ୍ରତାରଣା ବିରୋଧରେ ଅଭିଯୋଗ କରିଥିଲା। ବାଲିକୁଦା ପୁଲିସ ପକ୍ଷରୁ ଏନେଇ ୨୪୧/୨୬ରେ ଏକ ମାମଲା ରୁଜୁ କରିବା ସହ ଉଭୟଙ୍କ ଡାକ୍ତରୀ ମଇନା କରାଇଥିଲା। ଏହି ଘଟଣାରେ କୃଷ୍ଣକୁ ପୁଲିସ୍ ଗିରଫ କରି ଜେଲ ପଠାଇଦେଇଛି। ଅନ୍ୟପକ୍ଷରେ ତାଙ୍କ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି କୃଷ୍ଣଙ୍କ ପତ୍ନୀ। ଏନେଇ ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯୁବତୀଙ୍କ ଅଭିଯୋଗ ଆଧାରରେ ମୁଁ ତଦନ୍ତ ଆରମ୍ଭ କରିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିଛି।

## ସ୍ୱାବଲମ୍ବୀ ଯୁବ, ସମୃଦ୍ଧ ଓଡ଼ିଶା ସମାବେଶ

ଜଗତସିଂହପୁର,୨୨।୬(ସମିସ): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ସୂକ୍ଷ୍ମ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲା ପ୍ରଶାସନ ଜଗତସିଂହପୁର ସହଯୋଗରେ ଜିଲ୍ଲାର ୮ଟି ବ୍ଲକରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ ଅନୁଷ୍ଠିତ ହେଉଛି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଦକ୍ଷତା ବିକାଶ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ସମସ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ୨୨ତାରିଖରେ ରଘୁନାଥପୁର ବ୍ଲକ କାର୍ଯ୍ୟାଳୟ ପରିସର, ୨୩ରେ ବାଲିକୁଦା ବ୍ଲକ ଏବଂ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସେହିପରି ୨୪ରେ ଏରସମା ବ୍ଲକ ଓ ବିରିଡ଼ି ବ୍ଲକ କାର୍ଯ୍ୟାଳୟ, ୨୬ରେ ଜଗତସିଂହପୁର ବ୍ଲକ, ଏସ୍‌କେ ଏକାଡେମୀ ପରିସର ଓ ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସର ଏବଂ ୨୮ରେ କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ସମ୍ପୃକ୍ତ ବ୍ଲକର ଏବିଡିଓମାନେ ନୋଡାଲ ଅଫିସର ଦାୟିତ୍ୱରେ ରହିଛନ୍ତି। ଏହି ଯୁବ ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଥିବା ସମସ୍ତ ଯୁବକ ଓ ଯୁବତୀ ଏବଂ ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବା କିମ୍ବା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ, ଦିବ୍ୟାଙ୍ଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଛୁଆବର୍ଗର ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ ତଥା ନିଯୁକ୍ତିର ସୁଯୋଗ ଓ ଉଦ୍ୟୋଗୀ ବିକାଶ ନିମନ୍ତେ ପରାମର୍ଶ ଓ ସହାୟତା ଦିଆଯିବ। ଏହି ସମାବେଶ ମାଧ୍ୟମରେ ନାନୋ ୟୁନିକର୍ନ, ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ ଏବଂ ଅନ୍ୟାନ୍ୟ ଉଦ୍ୟୋଗୀ ବିକାଶ ନିମନ୍ତେ ସହାୟତା ମଧ୍ୟ ପ୍ରଦାନ କରାଯିବ। ଦକ୍ଷତା ପ୍ରଶିକ୍ଷଣ ଓ ନିଯୁକ୍ତି ସୁଯୋଗ ନିମନ୍ତେ ଯୁବକ ଯୁବତୀଙ୍କୁ ବିଶ୍ୱ ଦକ୍ଷତା କେନ୍ଦ୍ର, ସିଟିଟିସି, ସିପେଟ୍, ଏସ୍‌ଡିଆଇ ତଥା ଅନ୍ୟାନ୍ୟ ଦକ୍ଷତା ପ୍ରଶିକ୍ଷଣ ଯୋଗାଉଥିବା ବିଭିନ୍ନ ସଂସ୍ଥା ଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରାଇବା ସହିତ ଯୁବପିଢ଼ିଙ୍କୁ ସ୍ୱୟଂ ନିର୍ଭରତା ଦିଗରେ ପ୍ରେରିତ କରାଯିବ। ଏଥିରେ ଜିଲା ନିଯୋଜନ ଅଧିକାରୀ ଓ ଜିଲ୍ଲା ଶିଳ୍ପ ଅଧିକାରୀଙ୍କ ସହିତ ଆଇଟିଆଇ ଓ ପଲିଟେକନିକର ଅଧିକାରୀମାନେ ଅଂଶଗ୍ରହଣ କରିବେ।

## ଚେନ୍ନାଇ ରାଧାର ଯୋଗ ଦିବସ

ପାରାଦୀପ,୨୨।୬(ସମିସ): ପାରାଦୀପ ମଧୁବନ ଜେବି ଗାର୍ଡେନରେ ଚେନ୍ନାଇ ରାଧା ଇଞ୍ଜିନିୟରିଂ ୱର୍କ୍ସ ପ୍ରାଇଭେଟ୍ ଲିମିଟେଡ କର୍ମଚାରୀମାନଙ୍କ ପକ୍ଷରୁ ଯୋଗ ଦିବସ ପାଳନ କରାଯାଇଛି। କର୍ମଚାରୀମାନେ ବିଭାଗୀୟ ମୁଖ୍ୟ ଏବଂ ସାଇଟ୍ ରେସିଡେଣ୍ଟ ମ୍ୟାନେଜର ରମେଶ ଏ. ଓ ସେନ୍ଥିଲ କୁମାର ପି.ଙ୍କ ସହ ଏକତ୍ରିତ ହୋଇ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଏଥିରେ ବ୍ରହ୍ମାକୁମାରୀର ପାରାଦୀପ ଶାଖା ମୁଖ୍ୟ ଭଉଣୀ ବିକେ ସୁମନ ଓ କ୍ୟାପ୍ଟେନ ଅମିତ କୁମାରଙ୍କ ମାର୍ଗଦର୍ଶନରେ ଯୋଗ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମର ଶେଷରେ ଶ୍ରୀ ସେନ୍ଥିଲ କୁମାର ପି. ଧନ୍ୟବାଦ ଜ୍ଞାପନ କରିଥିଲେ।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ, ୨୨।୬ (ସମିସ): ପାରାଦୀପ ଅଭୟଚାନ୍ଦପୁର ଥାନା ଅଧୀନ ପାଟଣା ଗ୍ରାମରେ ଜଣେ ବିବାହିତା ମହିଳା ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ଆତ୍ମହତ୍ୟାର ସଠିକ କାରଣ ଜଣାପଡି ନଥିଲେ ମଧ୍ୟ ମହିଳାଙ୍କୁ ଶାଶୂ ଘର ଲୋକେ ଅଧିକ ଯୌତୁକ ଦାବି କରି ମାରି ଦେଇଥିବା ନେଇ ମୃତ ମହିଳାଙ୍କ ଭାଇ କୁଜଙ୍ଗ ପାନପଲି ଗ୍ରାମର କାହ୍ନୁଚରଣ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ଅନୁଯାୟୀ କୁଜଙ୍ଗ ପାନପଲି ଗ୍ରାମର ମୁନିରାଣୀ ଦାସ ପାଟଣା ଗ୍ରାମର ଗୁରୁ ଚରଣ ଦାସଙ୍କୁ ବୈଦିକ ରୀତିରେ ତିନି ବର୍ଷ ତଳେ ବିବାହ କରିଥିଲେ। କୌଣସି କାରଣକୁ ନେଇ ଗତ ଶନିବାର ରାତିରେ ମହିଳା ଜଣଙ୍କ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସକାଳୁ ପରିବାର ଲୋକେ ମହିଳାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡ଼ିକାଲ ନେବାପରେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛନ୍ତି। ତେବେ ମହିଳାଙ୍କ ଭାଇ କାହ୍ନୁଚରଣ ପରିଡା ତାଙ୍କ ଭଉଣୀକୁ ଅଧିକ ଯୌତୁକ ଦାବି କରି ମାରି ଦେଇଥିବା ଅଭିଯୋଗ କରିଛନ୍ତ। ମୃତ ମହିଳାଙ୍କର ଏକ ତିନି ବର୍ଷର ଝିଅ ରହିଛି। ତେବେ ଘଟଣାର ସଠିକ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦେବାକୁ ବାପ ଘର ଲୋକେ ଦାବି ଜଣାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଶ୍ରମିକ ମିଶ୍ରଣ ପର୍ବକୁ ଗୁଜବ କହିଲେ ବାପି ସର୍କେଲ

ପାରାଦୀପ,୨୨।୬(ସମିସ)



ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘକୁ ଜାଣିଶୁଣି ବଦନାମ କରିବା ପାଇଁ ପାରାଦୀପର ଏକ ନିର୍ଦ୍ଦିଷ୍ଟ ଶ୍ରମିକ ସଙ୍ଗଠନ ଉଦ୍ୟମ କରୁଥିବା ଏହାର ସଭାପତି ବାପି ସର୍କେଲ ଅଭିଯୋଗ କରିଛନ୍ତି। ନିଜର ଶ୍ରମିକମାନଙ୍କୁ ମିଶ୍ରଣ କରି ଉକ୍ତ ସଂଗଠନ ସେମାନେ ପାରାଦୀପ ଏରସମା

**'ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘକୁ ବଦନାମ କରିବାକୁ ଏହା ଷଡ଼ଯନ୍ତ୍ର'**

ଶ୍ରମିକ ସଙ୍ଘକୁ ଛାଡ଼ି ତାଙ୍କ ସଂଘରେ ମିଶିବା ନେଇ କରୁଥିବା ପ୍ରଚାରକୁ ସେ ଦୃଢ଼ ନିନ୍ଦା କରିଛନ୍ତି। ଏହା କେବଳ ଏକ ଗୁଜବ ବୋଲି ସେ କହିଛନ୍ତି।

ଏନେଇ ଆଜି ସନ୍ଧ୍ୟାରେ ନୂଆବଜାର ସ୍ଥିତ ୟୁନିୟନ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସର୍ଖେଲ କହିଛନ୍ତି, କିଛି ହାତଗଣତି ଶ୍ରମିକଙ୍କୁ ନେଇ ଏକ ନିର୍ଦ୍ଦିଷ୍ଟ ୟୁନିଅନ ବାମନ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ ବାବଦରେ ଯେଉଁ ବିଭ୍ରାନ୍ତିକର ତଥ୍ୟମାନ ଗଣମାଧ୍ୟମକୁ ଦେଇଛନ୍ତି ତାହା ବାସ୍ତବରେ ଭିତ୍ତିହୀନ ଓ କପୋଳକଳ୍ପିତ। ଆଉ ଯେଉଁମାନଙ୍କୁ ନେଇ ସେହି ନିର୍ଦ୍ଦିଷ୍ଟ ସଂଘ ମିଶ୍ରଣ କରିଛି ସେମାନେ କେବେ ବି ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘରେ ନଥିଲେ ବୋଲି ସେ କହିଛନ୍ତି। ଏଠାରେ ସୂଚନା ଥାଉ କି ପୂର୍ବରୁ ପାରାଦୀପ ନିଷିଦ୍ଧାଞ୍ଚଳ ମଧ୍ୟରେ କାର୍ଯ୍ୟରତ ଥିବା ବାମନ ଇଞ୍ଜିନିୟରିଂ ଇଣ୍ଡିଆ ଲିମିଟେଡ୍ ଶ୍ରମିକମାନଙ୍କୁ ପାଖାପାଖି ୧ କୋଟି ୨୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଫୁଲ୍ ଆଣ୍ଡ ଫାଇନାଲ ବାବଦ ବକେୟା ଅର୍ଥରାଶି ପ୍ରଦାନ ନ କରି କମ୍ପାନୀ ଅନ୍ୟତ୍ର ଚାଲିଯାଇଥିଲା। ଏହାପରେ ସମସ୍ତ ଶ୍ରମିକବୃନ୍ଦ ଏକଜୁଟ ହୋଇ ସଂଘର ସଭାପତିଙ୍କ ନିକଟରେ ଏ ବାବଦରେ ଦୃଷ୍ଟିଆକର୍ଷଣ କରିଥିଲେ। ଏହାକୁ ସଂଘର ସଭାପତି ବାପି ସର୍ଖେଲ ଗୁରୁତର ସହ ଗ୍ରହଣ କରି ଉକ୍ତ ବିଷୟରେ ଉପ-ମୁଖ୍ୟ ଶ୍ରମ କମିଶନର (କେନ୍ଦ୍ରୀୟ) ଭୁବନେଶ୍ୱର, ଜେଏସ୍‌ଡବ୍ଲୁ ଇନଫ୍ରା ପିଇଓସିଟିପିଏଲର କର୍ତ୍ତୃପକ୍ଷ ଏବଂ ବାମନ ଇଞ୍ଜିନିୟରିଂ ଇଣ୍ଡିଆ ଲିମିଟେଡ୍ କମ୍ପାନୀର ଅଧିକାରୀଙ୍କୁ ଏ ବାବଦରେ ଅବଗତ କରାଇଥିଲେ। ସଂଘର ସଭାପତି ଶ୍ରୀ ସର୍ଖେଲଙ୍କ ପ୍ରଚେଷ୍ଟା ବଳରେ ଗତ ମାର୍ଚ୍ଚ ମାସରେ ହୋଇଥିବା ଚୁକ୍ତି ଅନୁସାରେ ୬୪୦ ଜଣ ଠିକା ଶ୍ରମିକଙ୍କ ପାଉଣା ପାଖାପାଖି ୧ କୋଟି ୨୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଫୁଲ୍ ଆଣ୍ଡ ଫାଇନାଲ ବାବଦ ବକେୟା ଅର୍ଥରାଶି ସେମାନଙ୍କୁ ପ୍ରଦାନ କରାଯାଇଛି। ତେଣୁ ଏହାକୁ ବିଭ୍ରାନ୍ତି କରି ନିର୍ଦ୍ଦିଷ୍ଟ ସଂଘ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘକୁ ଅଯଥା ବଦନାମ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରୁଛି ତାହା କେବେ ଫଳପ୍ରଦ ହେବ ନାହିଁ ବୋଲି ଶ୍ରୀ ସର୍ଖେଲ କହିଛନ୍ତି।

### କୁଟୁଣିଆ ପାହାଡ଼ତଳ ବସ୍ତି ଉଚ୍ଛେଦକୁ ତୀବ୍ର ବିରୋଧ

# ଜେସିବି ସମ୍ମୁଖରେ ଶୋଇରହିଲେ ମହିଳା



**ଢେଙ୍କାନାଳ,୨୨।୬(ସମିସ):** ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ କଣ୍ଟାନାଳୀ ନିକଟରେ ଥିବା ୯ନଂ ୱାର୍ଡ କୁଟୁଣିଆ ପାହାଡ଼ତଳ ବସ୍ତି ଉଚ୍ଛେଦ ବେଳେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ପ୍ରଶାସନିକ ଅଧିକାରୀ ଏବଂ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳିଛି। ଉଚ୍ଛେଦ କରିବାକୁ ଯାଇଥିବା ଅଧିକାରୀଙ୍କୁ ବସ୍ତି ବାସିନ୍ଦା ଘେରିବା ସହିତ ଉଚ୍ଛେଦ ପାଇଁ ଆସିଥିବା ଜେସିବି ସମ୍ମୁଖରେ ମହିଳାମାନେ ଶୋଇ ରହି ପ୍ରତିବାଦ କରିଥିଲେ। ବସ୍ତି ଉଚ୍ଛେଦକୁ ନେଇ ପୌର ଉପାଧ୍ୟକ୍ଷ ନିର୍ବାହୀ ଅଧିକାରୀଙ୍କ ଉପରେ ବର୍ଷିବା ସହ ଏହା ଲଜ୍ଜାଜନକ ବିଷୟ ବୋଲି କହିଛନ୍ତି। ପ୍ରଥମେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ସରକାରୀ ଜମିରୁ ଉଚ୍ଛେଦ କର ଏବଂ ପରେ ବସ୍ତି ଉଚ୍ଛେଦ କର ବୋଲି କହିଛନ୍ତି।

ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ୯ ନଂ କୁଟୁଣିଆ ପାହାଡ ସାହି ବସ୍ତି ଦିର୍ଘ ୪୦ବର୍ଷ ଧରି ଗଢିଉଠିଛି। ସେଠାରେ ପ୍ରାୟ ୧୭୦ଘର ରହୁଥିବା ବେଳେସେମାନଙ୍କ ମଧ୍ୟରୁ ୮୦ଟି ପରିବାରକୁ ଗୁଣ୍ଠିକିଆ ପଟ୍ଟା ମଧ୍ୟ ମିଳିଛି। ସରକାର ଜମି ପଟ୍ଟା ସହିତ ଲାଇନ,ରାସ୍ତା,ପାଣି ଯୋଗାଇ ଦେଇଥିବା ବେଳେ ସେହି ବସ୍ତିରେ ରହୁଥିବା ଅନ୍ୟ ବେଆଇନ ଘରଗୁଡ଼ିକୁ ଭାଙ୍ଗିବାକୁ ପୌରସଂସ୍ଥା ତରଫରୁ ଯୋଜନା କରାଯାଇଥିଲା।ଆଜି ୪ପ୍ଲାଟୁନ ପୋଲିସ ସହିତ ପୌରନିର୍ବାହୀ ଅଧିକାରୀ,ତହସିଲଦାରଙ୍କ ସହିତ ବିଭିନ୍ନ ଅଧିକାରୀ ମାନେ ବେଆଇନ ଭାବେ ସରକାରୀ ଜମିରେ ଘର କରି ରହିଥିବା ଲୋକ ମାନଙ୍କୁ ଉଚ୍ଛେଦ କରିବା ପାଇଁ ଜେସିବି ନେଇ ପହଞ୍ଚିଥିଲେ। ଉଚ୍ଛେଦ ହେବାର ଜାଣିବା ପରେ ସେଠାରେ ବସବାସ କରିରହିଛିବା ପରିବାର ମାନେ ସମସ୍ତ ଅଧିକାରୀଙ୍କୁ ଘେରିବା ସହିତ ଜେସିବି ସମ୍ମୁଖରେ ବସିରହିଥିଲେ। ଏହାକୁ ନେଇ ଚାପା ଉତେଜନା ଲାଗିରହିଥିଲା। ବସ୍ତି ବାସିନ୍ଦାଙ୍କ କହିବା ଅନୁସାରେ ଗୋଟିଏ ସରକାର ଭୂମିହୀନମାନଙ୍କୁ ଗୁଣ୍ଠିକିଆ ପଟ୍ଟା ସହିତ ବିଜୁଳି, ରାସ୍ତା, ପାଣି ଯୋଗାଇ ଦେଇଥିବା ବେଳେ ଅନ୍ୟ ଜଣେ ଭାଙ୍ଗିବାକୁ ଯୋଜନା କରିଛି। ଜମି ପଟ୍ଟାର ମୂଲ୍ୟ ନାହିଁ ବୋଲି କହିବା ସହ ମରିବୁ ପଛେ ହଟିବୁ ନାହିଁ ବୋଲି କହିଛନ୍ତି। ପ୍ରଥମେ ଥଇଥାନ କରିବା ପରେ ବସ୍ତି ଭାଙ୍ଗନ୍ତୁ ନ ହେଲେ ଏଠାରୁ ହଟିବୁ ନାହିଁ ବୋଲି କହିଛନ୍ତି। କୌଣସି ସୂଚନା ନ ଦେଇ ଉଚ୍ଛେଦ କରିବାକୁ ଆସିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପୌରଉପାଧ୍ୟକ୍ଷ ପ୍ରକାଶ କଅଁର ତିବ୍ର ଅସନ୍ତୋଷ ପ୍ରକାଶ କରିବା ସହିତ ଢେଙ୍କାନାଳରେ କେଉଁ ଭଳିଶାସନ ଚାଲିଛି ବୋଲିପ୍ରଶ୍ନ ଉଠାଇ ଛନ୍ତି। ପ୍ରଥମେ ଯେଉଁ ପ୍ରଭାବଶାଳୀ ବ୍ୟକ୍ତିମାନେ ଶହ ଶହ ଏକର ସରକାରୀ ଜମି ଦଖଲ କରିଛନ୍ତି ସେମାନଙ୍କୁ ପ୍ରଥମେ ଉଚ୍ଛେଦ କରି ପରେ ଅନ୍ୟମାନଙ୍କୁ ଉଚ୍ଛେଦ କରନ୍ତୁ ବୋଲି କହିଛନ୍ତି। ପୌରସଂସ୍ଥାର ନିର୍ବାହୀ ଅଧିକାରୀ ପୌରସଂସ୍ଥାର ପାଞ୍ଚଅକ୍ଷର ଜାଣିନାହାଁନ୍ତି ବୋଲିକହିବା ସହିତ ଏହା ଢେଙ୍କାନାଳ ପାଇଁ

**ପୌରନିର୍ବାହୀ ଅଧିକାରୀଙ୍କ ଉପରେ ବର୍ଷିଲେ ଉପାଧ୍ୟକ୍ଷ**

ଏକଲଜ୍ଜାର ବିଷୟବୋଲି କହିଛନ୍ତି।କଲେଜ ବାଇପାସ ଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ନଥବା ବେଳେ ଘର ଭାଙ୍ଗିଦେଲେ କିନ୍ତୁ ବାଜିଚୌକ ଏବଂ ମେଡିକାଲ ରାସ୍ତାକୁ ଉଚ୍ଛେଦ କରି ପାରୁନଥିବାର କହିଛନ୍ତି। କେଉଁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପ୍ରଭାବରେ ସେ କାର୍ଯ୍ୟ କରୁଛନ୍ତି।

ପୌରାଧ୍ୟକ୍ଷା ଗୋଟିଏ ସ୍ଥାନରେ ବହୁଥିବା ବେଳେ ତା ଭିତରେ ଆଉ ଗୋଟିଏ ଘର ରହିଛି ଯେଉଁଠି ତାଙ୍କ ସ୍ୱାମୀ ବସୁଛନ୍ତି ବୋଲି କହିବା ସହିତ ସେ କାହା ଦ୍ୱାରା ପରିଚାଳିତ ହେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଗରୀବ ଲୋକଙ୍କୁ ଉଚ୍ଛେଦ କରିବା ପାଇଁ ୨ଶହ ପୋଲିସ ଅଧିକାରୀଙ୍କସହିତ ଆସିଛନ୍ତି। ପ୍ରଥମେ ପ୍ରଭାବ ଶାଳୀ ବ୍ୟକ୍ତିଙ୍କୁ ସରକାରୀଜମିରୁ ଉଚ୍ଛେଦ କରାଯାଉ ବୋଲି କହିଛନ୍ତି। ଆଜି ଏହାକୁ ନେଇ ତିବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ଉଚ୍ଛେଦ ସ୍ଥଗିତ ରହିଥିବାର ଜଣାପଡ଼ିଛି।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ହିନ୍ଦୋଳ,୨୨।୬(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥ ହିନ୍ଦୋଳ ରୋଡ ଫାଣ୍ଡି ଅଧୀନ ଗୁଣଦେଇ ଗ୍ରାମ ନିକଟସ୍ଥ ଏକ ଢାବା ପଛ ପଟରେ ଥିବା ଗଛରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ପୁରୀ ବାଇପାସ୍ ଅଞ୍ଚଳର ସ୍ୱରାଜ ଦାସ (୩୮)। ଏ ସମ୍ପର୍କରେ ତାଙ୍କ ଭାଇ ସଂଗ୍ରାମ ଦାସ ମୋଟଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଆଇଆଇସି ଦୀପକ କୁମାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନା ପଠାଇଛନ୍ତି। ସ୍ତ୍ରୀଙ୍କ ସହ ମନାନ୍ତର ଯୋଗୁଁ ସ୍ୱରାଜ ଆତ୍ମହତ୍ୟା କରିଥିବା ଭାଇ ସଂଗ୍ରାମ ଅଭିଯୋଗ କରିଛନ୍ତି। ତେବେ ତଦନ୍ତ କଲେ ମୃତ୍ୟୁ ରହସ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ■ ଯୁକ୍ତ ତିନି ପ୍ରଥମ କଟଅଫ୍ ମାର୍କ ପ୍ରକାଶିତ

## ଆଗରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ

**ଢେଙ୍କାନାଳ,୨୨।୬(ସମିସ):** ଢେଙ୍କାନାଳ ଜିଲ୍ଲାରେ ରହିଥିବା ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଆଜି ପ୍ରଥକ କଟଅଫ ମାର୍କ ପ୍ରକାଶ ପାଇଛି। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତି ଶ୍ରେଣୀରେ ନାମ ଲେଖାଇବା ପାଇଁ କଳା ବିଭାଗର ଇଂରାଜୀରେ ୭୯.୬୭ ପ୍ରତିଶତ କଟଅଫ ଯାଇଥିବା ବେଳେ ଇତିହାସ ବିଭାଗରେନାମ ଲେଖାଇବା ପାଇଁ ୬୫.୬.ହିନ୍ଦୀରେ ୭୭.୧୭ ପ୍ରତିଶତ, ଗଣିତରେ ୫୨ ପ୍ରତିଶତ, ଓଡ଼ିଆରେ ୮୦.୩୩ ପ୍ରତିଶତ, ରାଜନିତୀ ବିଜ୍ଞାନରେ ୮୦ପ୍ରତିଶତ, ଫିଲୋସୋଫିରେ ୫୨ ପ୍ରତିଶତ, ସାଇକୋଲୋଜିରେ ୬୫ ପ୍ରତିଶତ, ଇକୋନୋମିକ୍ସରେ ୬୧.୮୩ ପ୍ରତିଶତ, ଶିକ୍ଷାରେ ୭୫.୮୩ ପ୍ରତିଶତ, କମର୍ସରେ ୬୩.୩୩, ବିଜ୍ଞାନ ବିଭାଗ ଫିଜିକ୍ସରେ ୯୧.୬୭ ପ୍ରତିଶତ, କେମେଷ୍ଟ୍ରିରେ ୯୧ ପ୍ରତିଶତ, ବଟନୀରେ ୮୫ ପ୍ରତିଶତ, ଜୁଲୋଜୀରେ ୮୮.୫୦ ପ୍ରତିଶତ, ବାଇଓ ଟେକ୍ନୋଲୋଜିରେ ୮୧.୬୭ ଏବଂ କମ୍ପ୍ୟୁଟର ସାଇନ୍ସରେ ୮୩.୬୭ ପ୍ରତିଶତ, ଗଣିତରେ ୮୭.୧୭ ପ୍ରତିଶତ କଟଅଫ ମାର୍କ ରହିଛି।ସେହିପରି ମହିଳା ମହାବିଦ୍ୟାଳୟରେ କଳା ବିଭାଗର ଇଂରାଜୀରେ ୭୨.୬୭ ପ୍ରତିଶତ କଟଅଫ ଯାଇଥିବା ବେଳେ ଇତିହାସ ବିଭାଗରେନାମ ଲେଖାଇବା ପାଇଁ ୬୦, ଓଡ଼ିଆରେ ୭୬.୮୩ ପ୍ରତିଶତ, ରାଜନିତୀ ବିଜ୍ଞାନରେ ୭୭.୮୩ ପ୍ରତିଶତ, ଫିଲୋସୋଫିରେ ୫୬ ପ୍ରତିଶତ, ଇକୋନୋମିକ୍ସରେ ୫୦.୬୭ ପ୍ରତିଶତ,ଶିକ୍ଷାରେ ୫୯.୧୭ ପ୍ରତିଶତ, ବିଜ୍ଞାନ ବିଭାଗ ଫିଜିକ୍ସରେ ୮୧.୫୦ ପ୍ରତିଶତ, ଗଣିତରେ ୮୪ ପ୍ରତିଶତ, କେମେଷ୍ଟ୍ରିରେ ୮୫.୧୭ ପ୍ରତିଶତ, ବଟନୀରେ ୭୬.୩୩ ପ୍ରତିଶତ, ଜୁଲୋଜୀରେ ୮୩.୩୩ ପ୍ରତିଶତ, ବାଇଓ ଟେକ୍ନୋଲୋଜିରେ ୭୭.୮୩ ଏବଂ କମ୍ପ୍ୟୁଟର ସାଇନ୍ସରେ ୭୬.୧୭ ପ୍ରତିଶତ କଟଅଫ ମାର୍କ ରହିଛି। ନାମଲେଖା ୨୩ ତାରିଖରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

**ଫିଜିକ୍ସରେ ୯୧.୬୭, କେମେଷ୍ଟ୍ରିରେ ୯୧ ପ୍ରତିଶତ କଟଅଫ୍**

## ହାତୀ ଆକ୍ରମଣରେ ଶ୍ରମିକ ଆହତ

**ଢେଙ୍କାନାଳ, ୨୨।୬ (ସମିସ):** କପିଳାସ ବନାଞ୍ଚଳ ବେଲଟିକିରିଠାରେ ସୋମବାର ସକାଳେ ହାତୀ ଆକ୍ରମଣରେ ଜଣେ ଶ୍ରମିକ ଆହତ ହୋଇଛନ୍ତି। ସେ ହେଲେ ଚନ୍ଦ୍ରଶେଖରପୁର ଗ୍ରାମର ପ୍ରକାଶ ସାମଲ (୫୫)। ପ୍ରତିଦିନ ଭଳି ପ୍ରକାଶ ସକାଳେ କାମ କରିବା ପାଇଁ ଢେଙ୍କାନାଳ ଯାଉଥିବା ବେଳେ ବେଲଟିକିରି କଲେଜ ସମ୍ମୁଖରେ ଏକ ହାତୀ ସହ ମୁହାଁମୁହିଁ ହୋଇଥିଲେ। ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପ୍ରକାଶଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ପ୍ରକାଶଙ୍କ କାନ ନିକଟରେ ଆଘାତ ଲାଗିଥିବା ବନବିଭାଗ ସୂଚନା ଦେଇଛି।



## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପରଜଙ୍ଗ,୨୨।୬(ସମିସ):** ୫୩ନଂ ଜାତୀୟ ରାଜପଥର ପରଜଙ୍ଗ ଥାନା ହାତୀଲୁଚାଣି ଛକ ନିକଟରେ ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତକ ହେଲେ ରୋଡ଼ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମର ଦୟାନିଧି ପାଣି। ଦୟାିଧି ତାଳଚେରରୁ ବାଇକ୍ ଯୋଗେ ପରଜଙ୍ଗ ଅଭିମୁଖେ ଯାଉଥିବା ସମୟରେ ହାତୀଲୁଚାଣି ଛକ ନିକଟରେ ସୁରକ୍ଷା ବାଡ଼ରେ ଧକ୍କା ହୋଇ ଗୁରୁତର ହୋଇଥିଲେ। ଏହି ସମୟରେ ହାତୀଲୁଚାଣୀ ଗ୍ରାମର ପ୍ରଫୁଲ୍ଲ ନାଏକ ଓ କଙ୍କଡ଼ାସୋଡ଼ା ଗ୍ରାମର ଗଦାଧର ବାରିକ ସେଠାରେ ଠିଆ ହୋଇ କଥା ହେଉଥିବା ବେଳ ବାଇକ୍ ଘୋଷାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଦୟାନିଧି ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ପ୍ରଫୁଲ୍ଲ ଓ ଗଦାଧର ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୟାନିଧିଙ୍କୁ ମୃତ ଘୋଷଣା କରିଥିଲେ। ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହୀ ମହାନ୍ତି, ଏଏସ୍‌ଆଇ ଜଳନ୍ଧର ବାରିକ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ସାଇକଲ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖଜୁରିଆକଟା,୨୨।୬(ସମିସ):** ହିନ୍ଦୋଳ ଏନଏସିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଅନୁଗୋଳ ଜିଲ୍ଲା ବନ୍ତଳା ଥାନା କଞ୍ଚା ଗ୍ରାମର ନେମୁଆ ପ୍ରଧାନଙ୍କ ପୁଅ ଦିଲୀପ ପ୍ରଧାନ (୪୫)। ସେ ଏଠାରେ ରହି ମହୁ ତଥା ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିଲେ। ହିନ୍ଦୋଳ ଏନଏସି ୱାର୍ଡ ନଂ-୧୨ କାନ୍ଦରାଗୁଣି ଆଦର୍ଶ ସ୍କୁଲ ନିକଟ ଏକ କାଜୁ ବଗିଚାରେ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୩ ଦିନ ତଳେ ତାଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ପୂର୍ତ୍ତ ବିଭାଗ ରାସ୍ତାରେ ଖାଲ, ଯାତ୍ରୀ ହୀନସ୍ତା

**ଭୁବନ,୨୨।୬(ସମିସ):** ଭୁବନ ଏନ୍‌ଏସି ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ତ୍ତ ବିଭାଗ ରାସ୍ତାରେ ଏକ ଖାଲ ସୃଷ୍ଟି ହୋଇଛି। ଫଳରେ ଯାତାୟାତରେ ବହୁ ଅସୁବିଧା ଦେଖାଦେଇଛି। ଜାତୀୟ ରାଜପଥ ୫୩ର ବାଇପାସ ହେବା ପରେ ଭୁବନ ସହର ମଧ୍ୟରେ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହି ରାସ୍ତା ନିର୍ମାଣକୁ ଦୀର୍ଘବର୍ଷ ବିତିଗଲାଣି। ଯେଉଁ ସମୟରେ ରାସ୍ତା ନିର୍ମାଣ ହେଉଥିଲା ସେ ସମୟରେ ପାଣି ପାଇପ ବିଛାଯାଉଥିଲା। ୨ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ରାସ୍ତା ମଝିରେ ପାଣି ପାଇପ ଗଲା। ଭାରୀଯାନ ଚଳାଚଳ ହେବାରୁ ପାଇପ ଫାଟି ଉପରକୁ ପାଣି ବାହାରିଲା। ଫଳରେ ରାସ୍ତା ଦବିଗଲା। ତେବେ ପୂର୍ତ୍ତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ତାଳମେଳ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି।



### ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି

## ଢେଙ୍କାନାଳ ସଦର ପଞ୍ଚାୟତ ସମିତିସ୍ତରୀୟ ସମ୍ମିଳନୀ

**ଢେଙ୍କାନାଳ,୨୨।୬(ସମିସ):** ସ୍ଥାନୀୟ ପୁରୁଣା ଜିଲ୍ଲାପରିଷଦ ହଲରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଢେଙ୍କାନାଳ ସଦର ପଞ୍ଚାୟତ ସମିତିସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଭୋକମୁକ୍ତ, ଭୟମୁକ୍ତ ଏବଂ ଭ୍ରଷ୍ଟାଚାରମୁକ୍ତ ରାଜ୍ୟ ଗଠନ ପାଇଁ ସରକାର ସଂକଳ୍ପବଦ୍ଧ ବୋଲି କହିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଦୁଇବର୍ଷର ଉପଲବ୍ଧି ସମ୍ପର୍କରେ ଉଦବୋଧନ ଦେଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ସାଂସଦଙ୍କ ପ୍ରତିନିଧି ବିଷ୍ଣୁପ୍ରସାଦ ଲେଙ୍କା, ତହସିଲଦାର ସ୍ୱାଧୀନ ବେହେରା, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ କାଳନ୍ଦି ଚରଣ ବାରିକ, ବେଲିଟିକିରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ୱେତା ଅଗ୍ରୱାଲା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ଅନ୍ତ୍ୟୋଦୟ ଅନ୍ନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ମଧୁବାବୁ ପେନସନ ଯୋଜନା, ବସୁନ୍ଧରା ଯୋଜନା, ବାୟୋବନ୍ଦନ ସ୍ୱାସ୍ଥ୍ୟ ଯୋଜନା ଓ ଆୟୁଷ୍ମାନ ଯୋଜନାରେ ହିତାଧିକାରୀଙ୍କୁ ମନ୍ତ୍ରୀ ସହାୟତା, କାର୍ଡ ଓ ପଟ୍ଟା ପ୍ରଦାନ କରିଥିଲେ। ଅଙ୍ଗନବାଡ଼ି କର୍ମୀମାନଙ୍କୁ ସ୍ମାର୍ଟ ଫୋନ୍ ଏବଂ ୨ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ସୁଶାନ୍ତ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏବିଡିଓ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ବ୍ରାହ୍ମଣୀ ପୋଲ ଖମ୍ବ ଅର୍ଦ୍ଧଭଗ୍ନ, ଗାଡ଼ି ଚଳାଚଳ ବନ୍ଦ

**ପରଜଙ୍ଗ,୨୨।୬(ସମିସ):** ଯାଜପୁର, ଢେଙ୍କାନାଳ, ଅନୁଗୋଳ ଜିଲ୍ଲାକୁ ସଂଯୋଗ କରୁଥିବା ୬ ଦଶନ୍ଧିର ପରଜଙ୍ଗ ବ୍ଲକ ଜଟିଆ ଗ୍ରାମସ୍ଥିତ ବ୍ରାହ୍ମଣୀ ପୋଲର ଦୁଇଟି ଖମ୍ବ ଅର୍ଦ୍ଧଭଗ୍ନ ଅବସ୍ଥାରେ ରହିଛି। ଉକ୍ତ ପୋଲ ଉପରେ ଦୈନନ୍ଦିନ ଶହ ଶହ ଟନ୍ ଓଜନର ଭାରୀଯାନ ସାଙ୍ଗକୁ ଅନେକ ଯାତ୍ରୀବାହୀ ଗାଡ଼ି ଚାଳାଚଳ କରୁଛି। କେତେବେଳେ ବିପଦ ମାଡ଼ି ଆସିବ ତାହା କହିହେବ ନାହିଁ। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ଶନିବାର ପୋଲ ପରିଦର୍ଶନ କରିଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସୋମବାର ୫୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣରେ ନିୟୋଜିତ ଠିକାସଂସ୍ଥା ପକ୍ଷରୁ ପୁରୁଣା ବ୍ରାହ୍ମଣୀ ପୋଲ ଉପରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇଛି। ମଙ୍ଗଳବାର ବିଶେଷଜ୍ଞ ଦଳ ଖମ୍ବର ଅନୁଧ୍ୟାନ ପାଇଁ ଆସୁଥିବା ସୂଚନା ମିଳିଛି। ଯଥାଶୀଘ୍ର ଖମ୍ବ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**ଖବର ପ୍ରକାଶ ପରେ ତତ୍ପରତା**



## ୧୦୦ କେଭି ଟ୍ରାନ୍ସଫର୍ମର ସ୍ଥାପନ ଦାବି

**ଗଁଦିଆ,୨୨।୬(ସମିସ):** ନବଗଠିତ ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦର ଇଲେଇଜଙ୍ଗ ଗ୍ରାମର ୧୦୦ କେଭି ବିଦ୍ୟୁତ ଟ୍ରାନ୍ସଫର୍ମରଟି ଗତ ଜୁନ ୧୧ ତାରିଖ ଦିନ ପୋଡିଯାଇଛି। ଗୋଟିଏ ଫେଜକୁ ବଣ୍ଟନ କରି ଲୋ ଭୋଲ୍‌ଟେଜରେ ଇଲେଇଜଙ୍ଗର ସମସ୍ତ ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ପାଉଛନ୍ତି। ଏହା ଅନିଶ୍ଚିତତା ଭିତରେ ଗତି କରୁଅଛି। କେତେ ବେଳେ କେଉଁ ସମୟରେ ଏହି ଫେଜ୍ ଚାଲିଯିବ ତାହା କେହି କହିପାରିବେ ନାହିଁ। ଏ ସମ୍ପର୍କରେ ୧୯୧୨କୁ ଜଣାଯାଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଏ ନେଇ ଇଲେଇଜଙ୍ଗ ଗ୍ରାମ ଉପଭୋକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଭୋକ୍ତାଙ୍କ ଦାବିକୁ ଗ୍ରହଣ କରି ୧୦୦ କେଭିର ଟ୍ରାନ୍ସଫର୍ମର ଲଗାଇବା ପାଇଁ ଦାବି କରାଯାଇଛି।



## ୩୩ ଅଭିଯୋଗର ଶୁଣାଣି



**ପରଜଙ୍ଗ,୨୨।୬(ସମିସ):** ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଏସ୍‌ପି ଅଭିନବ ସୋନକରଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୫୧ ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ଜିଲ୍ଲାପାଳ ୩୩ ଅଭିଯୋଗର ଶୁଣାଣି କରି ବିଡିଓଙ୍କ ମାଧ୍ୟମରେ ୧୮ ଟିର ସମାଧାନ କରିଥିଲେ। କର୍କଟ ରୋଗରେ ପୀଡ଼ିତ ପାଟରପଦା ଗ୍ରାମର ଗୁଣ୍ଡିଚା ପ୍ରଧାନଙ୍କୁ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ତହସିଲଦାର ସୁଦେବ ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ମହାପାତ୍ର, ବିଡିଓ ସୌଭାଗ୍ୟ କୁମାର ବେହେରା, ବିଇଓ ପ୍ରିୟଦର୍ଶିନୀ ନାୟକ, ସମିତ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନାଟ୍ୟ ନିର୍ଦ୍ଦେଶକ ବାବୁ ପଣ୍ଡାଙ୍କ ପରଲୋକ



**ଢେଙ୍କାନାଳ,୨୨।୬(ସମିସ):** ସୁନାମଧନ୍ୟ ନାଟ୍ୟ ନିର୍ଦ୍ଦେଶକ ଏବଂ ଅଭିନେତା ଶଶିଭୂଷଣ ପଣ୍ଡା (ବାବୁ)ଙ୍କର ୫୧ ବର୍ଷ ବୟସରେ ପରଲୋକ ହୋଇଛି। ସେ କିଛିଦିନ ଧରି କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସଦର ବ୍ଲକ ବଣସିଂହ ପଞ୍ଚାୟତ ମାଧବୋଲୁଅସ୍ଥିତ ବାସଭବନରେ ପରଲୋକ ହୋଇଛି। ଶଶିଭୂଷଣ ନାଟ୍ୟ ଜଗତରେ ବାବୁ ପଣ୍ଡା ଭାବେ ପରିଚିତ ଥିଲେ। ବିଭିନ୍ନ ନାଟ୍ୟ ଅନୁଷ୍ଠାନ, ଅପେରା ଓ ଯୁବକ ସଂଘରେ ଆୟୋଜିତ ବିଭିନ୍ନ ନାଟକରେ ନିର୍ଦ୍ଦେଶନା ଦେଇ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ସେ ୧୦୦ରୁ ଉର୍ଦ୍ଧ୍ୱ ନାଟକରେ ଅଭିନୟ କରିବା ସହିତ ୮୦ରୁ ଉର୍ଦ୍ଧ୍ୱ ନଟକରେ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ବାବୁ ଢେଙ୍କାନାଳର ଲୋକପ୍ରିୟ ଡାକ୍ତର ଶାନ୍ତିଭୂଷଣ ପଣ୍ଡାଙ୍କ ବଡ଼ଭାଇ।

### ଦୀନବନ୍ଧୁପୁର ଗ୍ରାମକୁ ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲଗାଇବା ଦାବି

## ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବେ ଗ୍ରାମବାସୀ

**ଢେଙ୍କାନାଳ,୨୨।୬(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଦିନବନ୍ଧୁପୁର ଗ୍ରାମକୁ ନୂତନ ବିଦ୍ୟୁତ ଟ୍ରାନସଫରମର ଲଗାଇବା ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦୀନବନ୍ଧୁପୁର ଗ୍ରାମରେ ପାୟ ୧୮୦ ବିଦ୍ୟୁତ ଉପଭୋକ୍ତା ରହିଥିବା ବେଳେ ଏକ ୧୦କେବି ବିଦ୍ୟୁତ୍ ଟ୍ରାନସଫରମର ଯୋଗୁ ଲୋଭୋଲଟେଜ ସମସ୍ୟା ଦେଖାଦେଉଛି। ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀମାନେ ହିନ୍ଦୋଳ ବିଧାୟୀକାଙ୍କୁ ଜଣାଇବା ପରେସମସ୍ୟାର ସମାଧାନ ପାଇଁ ସେ ନିର୍ବାହୀ ଯନ୍ତ୍ରୀକୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେଦୁଇ ବର୍ଷ ବିତି ଯାଇଥିଲେ ମଧ୍ୟ କୌଣସି ଫଳ ନମିଳିବାରୁ ପୁଣିଥରେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି। ଗତ ୪ ତାରିଖ ଦିନ ଘଟିଥିବା ଝଡ ତୋଫାନରେ ଟ୍ରାନସଫରମର ଖରାପ ହୋଇଯାଇଥିବାରୁ ଉପଭୋକ୍ତା ମାନେ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟୁତ ସମସ୍ୟାକୁ ନେଇ ଗ୍ରାମର ଗୌରୀ ବାରିକଙ୍କ କହିବା ଅନୁସାରେ ବିଦ୍ୟୁତ୍ ନଥିବାରୁ ପିଲାମାନେ ପାଠ ପଢିବା କଷ୍ଟକର ହେଉଛି। ସନ୍ଧ୍ୟାହେଲେ ହାତୀ ଉତ୍ପାତ କରୁଛନ୍ତି। ସେହିପରି ଖରାଦିନ ଯୋଗୁ ଗଛ ମୂଳରେ ଆଶ୍ରୟ ନେବାକୁ ପଡୁଛି। ଯଦି ପ୍ରଶାସନ ତୁରନ୍ତ ବିଦ୍ୟୁତ ସମସ୍ୟାର ସମାଧାନ ନକରନ୍ତି ତେବେ ଆମେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି କହିଛନ୍ତି। ସେହିପରି ଜିତେନ୍ଦ୍ର କୁମାର ସାହୁଙ୍କ କହିବା ଅନୁସାରେ ଗତ ୮ ବର୍ଷ ଧରି ବିଦ୍ୟୁତ ସମସ୍ୟା ଲାଗରହିଛି। ବିଧାୟୀକା କହିଲେ ମଧ୍ୟ ବିଭାଗୀୟଅଧିକାରୀ କର୍ଣ୍ଣପାତ କରୁନାହାଁନ୍ତି। ସନ୍ଧ୍ୟାରୁ ଲାଇନ ଯାଇ ପରିଦିନ ସକାଳ ଦଶଟାରେ ଆସୁଛି। ତୁରନ୍ତ ଗ୍ରାମକୁ ବିଦ୍ୟୁତ ଯୋଗାଣ କରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।



### ଘୋର ଅବବ୍ୟସ୍ଥାରେ ସିଦ୍ଧେଶ୍ୱର ବିଦ୍ୟାଳୟ

## ୨ ଶିକ୍ଷକଙ୍କ ଦ୍ୱାରା ଚାଲିଛି ଶିକ୍ଷାଦାନ

**ହିନ୍ଦୋଳ,୨୨।୬(ସମିସ):** ଶିକ୍ଷାର ବିକାଶ ପାଇଁ ସରକାର ମାଳ ମାଳ ଯୋଜନା ପ୍ରଣୟନ କରୁଛନ୍ତି। ଏ ନେଇ ମଧ୍ୟ ସରକାର ବାର୍ଷିକ କୋଟିକୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକ କେତେ ଯେ ଅବହେଳାର

**ବାରମ୍ବାର ଅଭିଯୋଗ ସତ୍ତ୍ୱେ ମିଳୁନି ସୁଫଳ**

ଶିକାର ହେଉଛନ୍ତି ତାହା ଅନୁଭବ କରିବା ଏବେ କଷ୍ଟ ମୟ ହୋଇପଡ଼ିଛି। କେଉଁଠି ଶିକ୍ଷକ ନାହାନ୍ତି ତ କେଉଁଠି ବିଦ୍ୟାଳୟ ଗୃହ ନାହିଁ ଆଉ କେଉଁଠି ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ଥିଲେ ମଧ୍ୟ ସଠିକ ଭାବେ ଶିକ୍ଷା ଦାନ ହେଉନାହିଁ। ବିଦ୍ୟାଳୟଗୁଡ଼ିକର ତଦନ୍ତ କରିବା ପାଇଁ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ନାହାନ୍ତି। ଏହି କାରଣରୁ ଏବେ ଛାତ୍ର ଛାତ୍ରୀ ମାନେ ସରକାରୀ ବିଦ୍ୟାଳୟରୁ ମୁହଁ ମୋଡୁଥିବା ଦେଖିବାକୁ ମିଳୁଛି। ଉପଖଣ୍ଡର ବିଦ୍ୟାଳୟଗୁଡ଼ିକରେ ଏବେ ଠିକାଦାର ପୋଷଣ ପାଇଁ କେବଳ ରଙ୍ଗ ମରାଯାଇ ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ କରାଯାଉଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ଭକ୍ତପୁରସ୍ଥିତ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ।

ବିଦ୍ୟାଳୟ ୧୯୮୪ ମସିହାରେ ସ୍ଥାପିତ ହୋଇଥିବା ବେଳେ ଗୋଟିଏ ବର୍ଷ ହେଲା ବିଦ୍ୟାଳୟ ରେ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି ପୂର୍ବରୁ ବିଦ୍ୟାଳୟ ରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ପାଠ ପଢୁଥିଲେ ଶିକ୍ଷକ ଅଭାବ ହେତୁ ଏବେ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ୪୧ ଜଣ ଓ ନବମ ଶ୍ରେଣୀରେ ମାତ୍ର ୨୦ ଜଣ ଛାତ୍ର ଛାତ୍ରୀ ପାଠପଢୁଛନ୍ତି ଚଳିତ ବର୍ଷ ବିଦ୍ୟାଳୟଟି ଘୋର ଅବବ୍ୟସ୍ଥାରେ ଚାଲୁଥିବାରୁ ଅଭିବାବକ ମାନେ ନବମ ଶ୍ରେଣୀ ରେ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରିଲେ ନାହିଁ କେବଳ ଶିକ୍ଷକ ଅଭାବ କହିଲେ ହେବ ନାହିଁ ଏବେ ବିଦ୍ୟାଳୟରେ କିରାଣୀ, ଖେଳ ଶିକ୍ଷକ, ହିନ୍ଦୀ ଶିକ୍ଷକ, ସଂସ୍କୃତ ଶିକ୍ଷକ, ବିଜ୍ଞାନ ଶିକ୍ଷକ ଓ ପଦବୀ ଖାଲି ପଡ଼ିଛି ଏବେ ୨ ଜଣ କେବଳ ଆର୍ଟ୍ସ ଶିକ୍ଷକ ଥିବା ବେଳେ ଆଉ ୫ ଦିନ ପରେ ସେଥିରୁ ଜଣେ ଶିକ୍ଷକ ଅବସର ନେବେ ବୋଲି ଜଣାପଡ଼ିଛି। ଏବେ ନୂଆବଗ ପଞ୍ଚାୟତର ଏକମାତ୍ର ଉଚ ବିଦ୍ୟାଳୟ କିପରି ଜଣେ ଶିକ୍ଷକରେ ଶିକ୍ଷାଦାନ ହେବ ଅଭିବାବକ ମାନେ ଚିନ୍ତା ରେ ପଡ଼ିଥିବା ବେଳେ କିଛିଦିନପୁର୍ବ କେବଳ ବିଦ୍ୟାଳୟକୁ ସୌନ୍ଦର୍ଯ୍ୟ କରଣ ନାମରେ ଠିକାଦାରୀ କରଣ କରାଯାଇ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ କାର୍ଯ୍ୟ କରାଯାଇଛି। ବିଦ୍ୟାଳୟଟି ନାନାଦି ଅସୁବିଧାର ସମ୍ମୁଖୀନ ଥିବା ବେଳେ କେବଳ ବିଦ୍ୟାଳୟରେ ଶିକ୍ଷକ ମଞ୍ଜୁରୀ ନ କରି ସୌନ୍ଦର୍ଯ୍ୟକରଣ ନାମରେ ରଙ୍ଗ ମାରି ସରକାରୀ ଟଙ୍କା ହରିଲୁଟ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ପଞ୍ଚାୟତର ଏହି ଏକମାତ୍ର ଉଚ୍ଚ ବିଦ୍ୟାଳୟର ଶିକ୍ଷା ଭିତ୍ତିଭୂମି ସଜାଡ଼ିବା ସହ ଆବଶ୍ୟକ ଶିକ୍ଷକ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ସକାଳ
THE SAKALA



# ସରକାରୀ କାରବାର ପାଇଁ ୧୪ଟି ବ୍ୟାଙ୍କ ମନୋନୀତ

ଭୁବନେଶ୍ୱର,୨୨।୬(ସମିସ): ଓଡ଼ିଶା ସରକାର ସରକାରୀ ବିଭାଗ, ସଂସ୍ଥା, ବିଶ୍ୱବିଦ୍ୟାଳୟ ଏବଂ ରାଜ୍ୟ ସ୍ତରୀୟ ସ୍ୱୟଂଶାସିତ ସଂସ୍ଥାର ଆର୍ଥିକ କାରବାର ଓ ଜମା ପାଇଁ ୧୪ଟି ବ୍ୟାଙ୍କକୁ ଅନୁମୋଦନ କରିଛନ୍ତି। ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସୋମବାର ଏନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ଯୋଜନା ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ରରେ କାର୍ଯ୍ୟଦକ୍ଷତାକୁ ଭିତ୍ତି କରି ଏହି ଚୟନ କରାଯାଇଛି। ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ବ୍ୟାଙ୍କଗୁଡ଼ିକର କାର୍ଯ୍ୟଦକ୍ଷତାକୁ ବିଚାର କରି ସରକାର ଏହି ତାଲିକା ପ୍ରସ୍ତୁତ କରିଛନ୍ତି। ଖରାପ ପ୍ରଦର୍ଶନ କରୁଥିବା ବ୍ୟାଙ୍କମାନଙ୍କୁ ଭବିଷ୍ୟତରେ ଏହି ତାଲିକାରୁ ବାଦ୍ ଦିଆଯାଇପାରେ ବୋଲି ଅର୍ଥ ବିଭାଗ ସ୍ପଷ୍ଟ କରିଛି। ଅନୁମୋଦିତ ୧୪ ବ୍ୟାଙ୍କ ତାଲିକାରେ ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କାନାରା ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଡିବିଆଇ ବ୍ୟାଙ୍କ, ଇଣ୍ଡିଆନ୍ ବ୍ୟାଙ୍କ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଓଡ଼ିଶା ଷ୍ଟେଟ୍ କୋଅପରେଟିଭ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ ଓ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ସରକାରୀ ବିଭାଗ ଓ ସଂସ୍ଥାଗୁଡ଼ିକ କେବଳ ଉପରୋକ୍ତ ୧୪ଟି ବ୍ୟାଙ୍କରେ ନୂଆ ଆକାଉଣ୍ଟ ଖୋଲିବେ। ସେହିପରି ପୂର୍ବରୁ ଅନ୍ୟ ବ୍ୟାଙ୍କରେ ଥିବା ସରକାରୀ ଜମା ବା ଆକାଉଣ୍ଟଗୁଡ଼ିକୁ ୩୧ ଡିସେମ୍ବର ୨୦୨୬ ସୁଦ୍ଧା ବନ୍ଦ କିମ୍ବା ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଡିସେମ୍ବର ୩୧ ସୁଦ୍ଧା ଅନ୍ୟବ୍ୟାଙ୍କରୁ ଖାତା ସ୍ଥାନାନ୍ତର ନିର୍ଦ୍ଦେଶ**

# ଯୁବକ-ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ପଟ୍ଟାଙ୍ଗି,୨୨।୬(ସମିସ): କୋରାପୁଟ ଜିଲ୍ଲା ସୁଙ୍କି ଥାନା ଅନ୍ତର୍ଗତ କପାଟଗୁଡା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଯୁବକ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ କପାଟଗୁଡା ଗ୍ରାମର ଜଗନ୍ନାଥ ଦୁସୁରି ଏବଂ ଯୁବତୀ ରାଲେଗଡ଼ା ପଞ୍ଚାୟତ ଲମତାପାଡୁ ଗ୍ରାମର ନିଲାମା ଜାନୀ। ଖବରପାଇ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ସାଇଣ୍ଟିଫିକ୍ ଦଳ ତଦନ୍ତ କରିବା ପରେ ମୃତଦେହ ଗୁଡ଼ିକୁ ପୁଲିସ ଜବତ କର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗିରେ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଉଭୟ ଯୁବତୀ ଓ ଯୁବକଙ୍କ ପରିବାର ହତ୍ୟା ଅଭିଯୋଗ ଆଣିଥିବା ଜଣାପଡ଼ିଛି। ପୁଲିସ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ପୁନିଗୁଡ଼ା ରାସ୍ତାର ଗାତ ନେଲା ଜୀବନ

# ଅନ୍ୟକୁ ବଞ୍ଚେଇବାକୁ ଯାଇ ଚାପି ହୋଇଗଲେ ଜିଲୁ ମାଝୀ

ଲାଞ୍ଜିଗଡ଼,୨୨।୬(ସମିସ): ରାସ୍ତା କଡ଼ର ଗାତ ଆଉ କେବଳ ଚକ ଭାଙ୍ଗୁନି, ଏବେ ଘରଚୁଲି ବୁଝେଇ ଦେଉଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ବିଶ୍ୱନାଥପୁର ଥାନା ଅଞ୍ଚଳର ପୁନିଗୁଡ଼ା ନିକଟରେ ସୋମବାର ଘଟିଛି ଏକ ହୃଦୟବିଦାରକ ଘଟଣା। ରାସ୍ତା କଡ଼ରେ ଥିବା ବିପଦସଂକୁଳ ଗାତ ଯୋଗୁଁ ଟ୍ରାକ୍ଟର ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ହିଁ ପ୍ରାଣ ହରେଇଛନ୍ତି (୩୮) ବର୍ଷୀୟ ଡ୍ରାଇଭର ଜିଲୁ ମାଝୀ।

ସୂଚନାଯୋଗ୍ୟ କାନକୁଟୁରୁ ପଞ୍ଚାୟତ କୁମ୍ଭାରପଡ଼ା ଗ୍ରାମର ଜିଲୁ ମାଝୀ ଜଣେ ଟ୍ରାକ୍ଟର ଚାଳକ। ପୁନିଗୁଡ଼ା ଗ୍ରାମରେ ଚାଷକାମ ସାରି ଟ୍ରାକ୍ଟର ନେଇ ଘରକୁ ଫେରୁଥିଲେ। ଟ୍ରାକ୍ଟର ମାଲିକଙ୍କ ପୁଅ ଗାଡ଼ି ଚଳାଉଥିଲା, ଆଉ ଜିଲୁ ତା ପାଖରେ ବସିଥିଲେ। ହଠାତ୍ ସାମ୍ନାରୁ ଆଉ ଗୋଟେ ଟ୍ରାକ୍ଟର ଆସୁଥିଲା। ହେଲେ ଟ୍ରାକ୍ଟର ମାଲିକର ପୁଅ ଭାରସାମ୍ୟ ହରାଇ ଦେଇଥିବାବେଳେ ପିଲାଟିକୁ ଆଉ ମାଲିକର ଗାଡିକୁ ବଞ୍ଚେଇବାକୁ ଯାଇ ଜିଲୁ ଷ୍ଟିୟରିଂ ମୋଡ଼ିଲେ। କିନ୍ତୁ ରାସ୍ତା କଡ଼ରେ ଥିବା ବଡ



**ମୃତଦେହ ଫିଙ୍ଗି ମାଲିକ ଫେରାର୍**

ଗାତରେ ଚକ ପଡ଼ିବା ମାତ୍ରେ ଟ୍ରାକ୍ଟର ଭାରସାମ୍ୟ ହରାଇଲା। ଜିଲୁ ତଳକୁ ଖସିପଡ଼ିଲେ ଆଉ ପଛ ଚକ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ଘଟିଥିଲା। ତେବେ ଦୁର୍ଘଟଣା ପରେ ଆହତ ଜିଲୁଙ୍କୁ ତୁରନ୍ତ ହସ୍ପିଟାଲ ନେଇ ଜୀବନ ବଞ୍ଚେଇବା ବଦଳରେ ଟ୍ରାକ୍ଟର ମାଲିକ ତାଙ୍କୁ ନିଜ କାର୍‌ରେ ଆଣି ଗାଁ ପାଖରେ ଫିଙ୍ଗି ଦେଇ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ବିଶ୍ୱନାଥପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଟ୍ରାକ୍ଟରକୁ ଜବତ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୁଲିସ ଏନେଇ ତଦନ୍ତ ଆରମ୍ଭ କରିଛି। ଜିଲୁ ମାଝୀ ଥିଲେ ତାଙ୍କ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ତାଙ୍କ ପଛରେ ରହିଗଲେ ଅସହାୟ ସ୍ତ୍ରୀ, ପାଞ୍ଚ ଜଣ ନାବାଳିକା ଝିଅ ଆଉ ଗୋଟେ ଛୋଟ ପୁଅ। ଗୋଟେ ମୁହୂର୍ତ୍ତରେ ପୁରା ପରିବାର ରାସ୍ତାକୁ ଆସିଗଲେ। ଏବେ କୁମ୍ଭାରପଡ଼ା ଗାଁ ସାରା ଶୋକର ଛାୟା ଖେଳିଯାଇଛି। ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଫେରାର ମାଲିକୁ ତୁରନ୍ତ ଗିରଫ କରାଯିବା ସହ ମୃତ ଜିଲୁମାଝୀଙ୍କ ପରିବାରକୁ ସରକାରୀ ନିୟମ ଅନୁଯାୟୀ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବନ୍ଦ ହୋଇଗଲା ନବୀନଙ୍କ ‘ମୋ ଘର ଯୋଜନା’

## ଜିଲ୍ଲାରେ ୭୬୫୯ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ୨୨ ଜଣ ଉପକୃତ

ବାରିପଦା,୨୨।୬(ସମିସ): ଆଦିବାସୀଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ତତ୍କାଳୀନ ନବୀନ ପଟ୍ଟନାୟକ ସରକାରଙ୍କ ପ୍ରମୁଖ ଯୋଜନା “ମୋ ଘର’ ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଯାଇଛି। ଜିଲ୍ଲାର ହଜାର ହଜାର ଗରିବ ପରିବାର ଘର କରିବା ସ୍ୱପ୍ନ ନେଇ ଆବେଦନ କରିଥିଲେ ମଧ୍ୟ କେବଳ ୨୨ ଜଣ ସୁବିଧା ପାଇଛନ୍ତି। ୨୦୨୩ ମେ’ ୨୯ ତାରିଖରେ ଆରମ୍ଭ ହୋଇଥିବା ଏହି ଯୋଜନା ମାଧ୍ୟମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ଥାନ ପାଇ ନ ଥିବା ହିତାଧିକାରୀଙ୍କୁ ବିନା ସୁଧରେ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେବାର ବ୍ୟବସ୍ଥା ଥିଲା। ଯେଉଁଥିରେ ସାଧାରଣ ବର୍ଗ ସରକାରୀ ରିହାତି ୩୦ରୁ ୬୦ ହଜାର ଟଙ୍କା ପାଇବାକୁ ଥିବାବେଳେ ଆଦିବାସୀ ଜାତି/ ଜନଜାତି/ଭିନ୍ନକ୍ଷମ ମୁଖ୍ୟ ପରିବାର ୪୦ରୁ ୬୦ ହଜାର ଟଙ୍କା ଲେଖାଏଁ ରିହାତି ପାଇବାର ଥିଲା। କିନ୍ତୁ ଆଦିବାସୀ ଜମି ବନ୍ଧକ ରଖି ଋଣ ଦେବା ଉପରେ ଥିବା ଆଇନଗତ ନିଷେଧ ଏହି ଯୋଜନାର ବଡ଼ ଅନ୍ତରାୟ ସାଜିଲା। ଘର ପାଇଁ ମୋଟ ୭,୬୫୯ ଜଣ ଆବେଦନ କରିଥିଲେ। ପ୍ରତି ଆବେଦନ ପାଇଁ ୧୦୦ ଟଙ୍କା ଲେଖାଏଁ ଫି’ ବାବଦରେ ଆଦାୟ ହୋଇଥିଲା। ଆଦିବାସୀ ଆବେଦନକାରୀ ୫,୦୦୦ରୁ ଅଧିକ ରହିଥିଲେ। ତେବେ ଅସମ୍ପୂର୍ଣ୍ଣ କାଗଜପତ୍ର ଯୋଗୁଁ ୨୩୬୦ଟି ଆବେଦନ ନାକଚ ହୋଇଥିବାବେଳେ



୫,୨୯୯ଟି ବୈଧ ଆବେଦନ ମଧ୍ୟରୁ ୨୯୬୭ଟି ବ୍ୟାଙ୍କକୁ ସୁପାରିଶ କରାଯାଇଥିଲା। କିନ୍ତୁ ଶେଷରେ କେବଳ ୨୨ ଜଣ ସାଧାରଣ ବର୍ଗର ଲୋକ ଋଣ ପାଇଛନ୍ତି। ଆଦିବାସୀଙ୍କ ପାଇଁ ଯୋଜନା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି।

ବାରିପଦା, ରାଇରଙ୍ଗପୁର, ଯଶିପୁର ଓ କରଞ୍ଜିଆ ବ୍ଲକରୁ ୩ ଜଣ ଲେଖାଏଁ ସୁବିଧା ପାଇଥିବାବେଳେ ଉଦଳା, ବାଙ୍ଗିରିପୋଷି, ବେତନଟୀ ଓ ବିଶୋଇ ବ୍ଲକରୁ ୨ ଜଣ ଲେଖାଏଁ ଓ ରାସଗୋବିନ୍ଦପୁର ଓ ଠାକୁରମୁଣ୍ଡା ବ୍ଲକରୁ ଜଣେ ଲେଖାଏଁ ସୁବିଧା ପାଇଥିଲେ। ଏ ନେଇ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା କହିଛନ୍ତି, ବ୍ୟାଙ୍କଗୁଡ଼ିକ ଋଣ ଦେବା ପାଇଁ ଜମି ବନ୍ଧକ ରଖିବାକୁ ବାଧ କରୁଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ ଆଦିବାସୀ ଜମି ବନ୍ଧକ ରଖାଯାଇ ନ ପାରିବା କାରଣରୁ ଯୋଜନା ଆଗକୁ ବଢ଼ି ପାରିଲା ନାହିଁ। ନିୟମ ପରିବର୍ତ୍ତନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖାଯାଇଥିଲା। କିନ୍ତୁ କୌଣସି ଉତ୍ତର ମିଳିଲା ନାହିଁ। ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା କହିଛନ୍ତି, ଟିକେ ନିୟମ ପରିବର୍ତ୍ତନ ହୋଇଥିଲେ ଜିଲ୍ଲାର ହଜାର ହଜାର ଆଦିବାସୀ ପରିବାର ଉପକୃତ ହୋଇପାରିଥାନ୍ତେ। ତେବେ ଏହି ଯୋଜନା ଆଦିବାସୀ ଅଞ୍ଚଳରେ ସରକାରୀ ଯୋଜନା କାର୍ଯ୍ୟାନ୍ୱୟନରେ ଥିବା ସମ୍ବେଦନଶୀଳତା ଅଭାବକୁ ଉନ୍ମୋଚିତ କରିଛି।

# ଖଣି ମନ୍ତ୍ରୀଙ୍କ ଟିପ୍ପଣୀ ଚୋରି ଉପରେ ସିନାଜୋରି: ବିଜେଡି

ଭୁବନେଶ୍ୱର,୨୦।୬(ସମିସ): ଗତ ଶନିବାର ଦିନ ଗୋଲନ୍ଥରାରେ ଏକ ଘରୋଇ କଲେଜରେ ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ମନ୍ତ୍ରୀ ବିଭୂତି ଜେନାଙ୍କ ପୁତୁରାଙ୍କ ସମ୍ପୃକ୍ତି ଅଛି ବୋଲି ମୃତ ଛାତ୍ରୀଙ୍କ ପରିବାରବର୍ଗ ଅଭିଯୋଗ କରିଥିଲେ। ଏହି ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କ ନିକଟରେ ନ ପହଞ୍ଚିବା ନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଥିଲା। ବିଜେଡିର

- ଦାୟିତ୍ୱ ସମ୍ଭାଳି ପାରୁନଥିବା ବିଭୂତି ବାବୁ ଏତେ ଉତକ୍ଷିପ୍ତ କାହିଁକି
- ବିଜେଡିର ପ୍ରେସମିଟ୍ ପରେ ମନ୍ତ୍ରୀଙ୍କ ପୁତୁରାକୁ ଗିରଫ କରାଯାଇଛି
- ଖଣି ମନ୍ତ୍ରୀଙ୍କ ନାମରେ ଗଞ୍ଜାମ ଜିଲ୍ଲାରୁ ଆସୁଛି ଅସଂଖ୍ୟ ଅଭିଯୋଗ

ସାମ୍ବାଦିକ ସମ୍ମିଳନୀ ପରେ ପୁଲିସ ଗତକାଲି ରାତିରେ ଅଭିଯୁକ୍ତ ବିଶ୍ୱଜିତ ଜେନାକୁ ଗିରଫ କରିଛି। ଏହି ଘଟଣାରେ ଉତକ୍ଷିପ୍ତ ହୋଇ ମନ୍ତ୍ରୀ ବିଭୂତି ଜେନା ନିଜ ପଦ ମର୍ଯ୍ୟାଦା ଭୁଲି ଦେଇଥିବା ଟିପ୍ପଣୀ ଗ୍ରହଣୀୟ ନୁହେଁ ବୋଲି କହି ଦୃଢ଼ ନିନ୍ଦା କରିଛି ବିଜେଡି।

ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ କହିଛନ୍ତି ଯେ ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡ଼ୁ ଥିବାବେଳେ ମନ୍ତ୍ରୀଙ୍କ ପୁତୁରା ବିଶ୍ୱଜିତ ଜେନାଙ୍କ ଯୋଗୁଁ ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଯାଇଛି। ଗଞ୍ଜାମ ଜିଲ୍ଲାରେ ବାଲି, ମୋରମ, ଗୋଡ଼ି ଚୋରାଚାଲାଣ ହେଉଥିବାର ଅଭିଯୋଗ ଥିଲେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଭାବେ ବିଭୂତି ବାବୁ ତାହାକୁ ନିୟନ୍ତ୍ରଣ କରିପାରୁ ନାହାନ୍ତି। ଅନ୍ୟପକ୍ଷରେ ତାଙ୍କ ନାମରେ ଗୋଚର ଜମି ମାଡ଼ି ବସିବା ଭଳି ଅଭିଯୋଗ ଆସିଛି। ଶ୍ରୀ ଜେନା ପ୍ରଥମଥର ବିଧାୟକ ଭାବେ ନିର୍ବାଚିତ ହୋଇ ମନ୍ତ୍ରୀ ହେବା ପରଠାରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଓ ଗଞ୍ଜାମ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ଚରମ ଅଧୋଗତି ଘଟିଛି। ନିଜ ବିଭାଗ ଦାୟିତ୍ୱ ସମ୍ଭାଳି ପାରୁନଥିବା ବିଭୂତି ବାବୁ ଅନ୍ୟ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସମୀଚୀନ ନୁହେଁ। ଆଜି ମନ୍ତ୍ରୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି ଯେ



ବ୍ରହ୍ମପୁର ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ତାଙ୍କ ନିୟନ୍ତ୍ରଣରେ ରହିଛି।

ରଞ୍ଜିତା ସାହୁ କହିଥିଲେ ଯେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିମିନା ଗାଁରେ ଜଣେ ମହିଳାଙ୍କ ସହିତ ହୋଇଥିବା ଦୁଷ୍କର୍ମ ଦୁର୍ଭାଗ୍ୟଜନକ। ଗଞ୍ଜାମ ଜିଲ୍ଲାରେ ଗତ ୨ ବର୍ଷ ମଧ୍ୟରେ ମହିଳା ବିରୋଧୀ ହିଂସା ବଢ଼ିଚାଲିଛି। ସରକାର ଘଟଣା ଘଟିଲା ପରେ ଅପରାଧୀଙ୍କୁ ଧରିବାର ବାହାବା ନେଉଛନ୍ତି, କିନ୍ତୁ ଅପରାଧ ନିରାକରଣ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି। ଯାହାଫଳରେ ଅପରାଧୀମାନେ ଦିନ ଦ୍ୱିପହରରେ ଅପରାଧ ଘଟାଇ ଚାଲିଛନ୍ତି। ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଯଦି ସରକାର ନିୟନ୍ତ୍ରଣ କରି ନ ପାରନ୍ତି, ତେବେ ମହିଳାଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ରାଜରାସ୍ତାରେ ଲଢ଼େଇ ଜାରି ରଖିବ ବୋଲି ସେ କହିଛନ୍ତି।

**କଲ୍ୟାଣପୁର ଭିଡ଼ ହିଂସା**

# ଘଟଣା ଲଜ୍ଜାଜନକ: ଏଡିଜି ସାଇନି

ଭୁବନେଶ୍ୱର, ୨୨।୬ (ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂପୁରରେ ଘଟିଥିବା ବର୍ବର ଘଟଣା ଓଡ଼ିଶାର ମୁଣ୍ଡ ସାରା ଦେଶରେ ତଳକୁ କରି ଦେଇଛି। ଏହି ମାମଲାକୁ ରେଡ଼ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)ର ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି। ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ଏହି ସମୟରେ ଏହି ଘଟଣା ଏବେ ଏନ୍‌ଏଚ୍‌ଆର୍‌ସିରେ ପହଁଞ୍ଚିଛି।

ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପିଟିଶନ ଦାଖଲ କରିଛନ୍ତି। କମିଶନଙ୍କ ଟିମ୍ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ତଦନ୍ତ ପାଇଁ ଓଡ଼ିଶାକୁ ଟିମ୍ ପଠାଇବାକୁ ସେ ଅନୁରୋଧ କରିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଅଣଓଡ଼ିଆ ପୀଡିତ ଓ ପୀଡିତାଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ଯୋଗାଇଦେବାକୁ ମଧ୍ୟ ସୁବ୍ରତ ଦାବି କରିଛନ୍ତି। ଏହି ଅଭିଯୋଗକୁ

- ଏନ୍‌ଏଚ୍‌ଆର୍‌ସିରେ ମାମଲା ଦାୟର
- ଉଦ୍ଧାରକାରୀ ବଳରାମଙ୍କୁ ପ୍ରଶଂସା

କମିଶନଙ୍କ ପକ୍ଷରୁ ଗ୍ରହଣ କରାଯାଇଛି ଓ ରାୟଗଡା ଜିଲ୍ଲାପାଳ, ଏସପି, ପୁଲିସ ଡିଜି, ଗୃହ ସଚିବ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଅନ୍ୟପକ୍ଷରେ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଏଡିଜି ଏସ୍. ସାଇନି ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାକୁ ଲଜ୍ଜାଜନକ ବୋଲି କହିଛନ୍ତି। ପୀଡ଼ିତାଙ୍କ ସହ ପୁଲିସ ରହିଛି ଓ ତାଙ୍କୁ ସବୁ ସହାୟତା ଯୋଗାଇ ଦିଆଯିବ ବୋଲି ଉଲ୍ଲେଖ କରି ପୀଡ଼ିତା ଯୁବତୀଙ୍କୁ ସୁରକ୍ଷା ଦେଇଥିବାବଳରାମ ବାଗଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। କଲ୍ୟାଣସିଂପୁରରେ ଯେଭଳି ଘଟଣା ଘଟିଛି, ଓଡ଼ିଶା ସେଭଳି ସ୍ଥାନ ନୁହେଁ। ସେହିପରି ପୀଡ଼ିତାଙ୍କୁ ଉଦ୍ଧାର କରିଥିବା ବ୍ୟକ୍ତିଙ୍କୁ ସେ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣାରେ ରାୟଗଡ଼ା ଜିଲ୍ଲା ପୁଲିସ ପକ୍ଷରୁ ତଦନ୍ତ କରାଯାଉଛି। ପୀଡ଼ିତାଙ୍କୁ ଓଡ଼ିଶା ପୁଲିସ ପକ୍ଷରୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ। ଏହି ମାମଲାର ତଦନ୍ତ ଭଲଭାବରେ କରିବାକୁ ଆମେ ମନିଟରିଂ କରିବୁ। କୋର୍ଟରେ ଶୁଣାଣିସମୟରେ ମଧ୍ୟ ଆମ ପକ୍ଷରୁ ତଦାରଖ କରାଯିବ। ଅଭିଯୁକ୍ତମାନଙ୍କୁ କିଭଳି କଠୋର ଦଣ୍ଡ ମିଳିବ, ସେଥିପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ଏଡିଜି ସାଇନି କହିଛନ୍ତି।

- ନିଜ ଆଡୁ ମାମଲା ରୁଜୁ କଲେ ଜାତୀୟ ମହିଳା କମିଶନ

## ୭ ଦିନ ମଧ୍ୟରେ ଜବାବ ଦେବାକୁ ପୁଲିସ ଡ଼ିଜିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୬ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂପୁର ଭିଡ଼ ହିଂସା ଘଟଣାକୁ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ଗୁରୁତର ସହ ନେଇଛନ୍ତି। ଦିଲ୍ଲୀରୁ ଗବେଷଣା ପାଇଁ ଆସିଥିବା ଛାତ୍ରୀ ଓ ଛାତ୍ରଙ୍କୁ ଆକ୍ରମଣ କରାଯିବା ସଂକ୍ରାନ୍ତ ଗଣମାଧ୍ୟମ ରିପୋର୍ଟ ଆଧାରରେ କମିଶନ ନିଜଆଡୁ ମାମଲା ରୁଜୁ କରିଛନ୍ତି। ଘଟଣାକୁ କମିଶନ ନିନ୍ଦା କରିବା ସହ ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ପୁଲିସ ଡ଼ିଜିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ? କିଏ ଏଭଳି ଗୁଜବକୁ ପ୍ରଚାର କରିଥିଲା ? ହସ୍ପିଟାଲରେ କିଭଳି ଚିକିତ୍ସା କରାଯାଇଛି? ପୀଡ଼ିତାଙ୍କ ଥଇଥାନ କିଭଳି କରାଯାଇଛି ବୋଲି ଆୟୋଗ ପ୍ରଶ୍ନ କରିଛନ୍ତି। ଏହା ସହ ରୁଜୁ ଏଫ୍‌ଆଇଆର୍ ଓ ଲଗାଯାଇଥିବା ଦଫା ସଂକ୍ରାନ୍ତରେ ତଥ୍ୟ ଲୋଡ଼ିଛନ୍ତି।

# ଘଟଣାସ୍ଥଳରେ ତଦନ୍ତ କଲେ ଏସ୍‌ପି

ରାୟଗଡ/କଲ୍ୟାଣସିଂହପୁର,୨୨।୬ (ସମିସ): ରାୟଗଡ ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ଇନ୍ତାଲିଗୁଡ଼ା ଛକ ନିକଟରେ ଘଟିଥିବା ଚର୍ଚ୍ଚିତ ଭିଡ଼ ହିଂସା ଘଟଣାର ତଦନ୍ତକୁ ପୁଲିସ ଜୋରଦାର କରିଛି। ରାୟଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସୋମବାର ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତ ସମୀକ୍ଷା କରିଛନ୍ତି। ଏସ୍‌ପି ଘଟଣାସ୍ଥଳରେ ଅନୁଧ୍ୟାନ କରିବା ସହ ସମ୍ପୂର୍ଣ୍ଣ ଘଟଣାକ୍ରମ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଘଟଣା ସମୟରେ ଉପସ୍ଥିତ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରି ସେ ଦିନର ପରିସ୍ଥିତି, ପୁଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ ପରବର୍ତ୍ତୀ ଘଟଣାକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ନେଇଥିଲେ। ପରେ ଏସ୍‌ପି ରାଜ ପ୍ରସାଦ ଇନ୍ତାଲୀଗୁଡା ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ସମସ୍ତ ଦିଗକୁ ନେଇ ପୁଲିସ ତଦନ୍ତକୁ ଜୋରଦାର କରିଥିବା ବେଳେ ପ୍ରମାଣ ଓ ତଥ୍ୟ

**ଏନ୍‌ଏଚ୍‌ଆରସିରେ ପିଟିସନ ଦାଖଲ କଲେ ମାନବଧିକାର କର୍ମୀ**

ଆଧାରରେ ଅନ୍ୟ ଦୋଷୀଙ୍କୁ ଚିହ୍ନଟ କରାଯାଇ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଏସ୍‌ପିଙ୍କ ଗସ୍ତ ବେଳେ ଏସ୍‌ଡିପିଓ ଗୌରହରି ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ଘଟଣା ଜାତୀୟ ମାନବାଧିକାର କମିଶନ (ଏନଏଚ୍‌ଆରସି)ରେ ପହଞ୍ଚିଛି। ଘଟଣାର ସ୍ୱତନ୍ତ୍ର ଓ ନିରପେକ୍ଷ ତଦନ୍ତ ସହ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ଦାବି କରି ଜୟପୁରର ଆଇନଜୀବୀ ତଥା ମାନବାଧିକାର କର୍ମୀ ଅନୂପ କୁମାର ପାତ୍ର ଏନ୍‌ଏଚ୍‌ଆରସିରେ ଅଭିଯୋଗ ଦାଖଲ କରିଛନ୍ତି। କମିଶନ ଏହି ଅଭିଯୋଗକୁ ଗ୍ରହଣ କରି ଡାଏରି ନମ୍ବର ୧୪୨୬୫/ଆଇଏନ୍/୨୦୨୬ ପ୍ରଦାନ କରିଛନ୍ତି। ଆଇନଜୀବୀ ଅନୂପ କୁମାର ପାତ୍ର ଏନ୍‌ଏଚ୍‌ଆରସିଙ୍କ ନିକଟରେ ଘଟଣାର ସ୍ୱତନ୍ତ୍ର ଓ ନିରପେକ୍ଷ ତଦନ୍ତ, ଓଡ଼ିଶା ଡିଜିପି ଓ ରାୟଗଡ଼ ଏସ୍‌ପିଙ୍କ ଠାରୁ ତୁରନ୍ତ “ଆକ୍ସନ ଟେକେନ୍ ରିପୋର୍ଟ” (ଏଟିଆର) ତଲବ, ପୀଡ଼ିତଙ୍କୁ ଉପଯୁକ୍ତ ଚିକିତ୍ସା, କ୍ଷତିପୂରଣ ଓ ମାନସିକ ପରାମର୍ଶ ପ୍ରଦାନ ସହ ଗୁଜବ ପ୍ରଚାରକାରୀ ଓ ହିଂସାକାଣ୍ଡରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ବିବାହିତ ଝିଅ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଯୋଗ୍ୟ: ହାଇକୋର୍ଟ

କଟକ,୨୨।୬(ସମିସ): ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ କେବଳ ବିବାହିତ ହୋଇଥିବା କାରଣରୁ ଜଣେ ଝିଅକୁ ମୃତ କର୍ମଚାରୀଙ୍କ ସ୍ଥାନରେ ଅନୁକମ୍ପାମୂଳକ ନିଯୁକ୍ତି ସୁଯୋଗରୁ ବଞ୍ଚିତ କରାଯାଇପାରିବ ନାହିଁ। ବିବାହ ହେଉଛି ଜଣେ ପୁରୁଷ ଏବଂ ମହିଳାଙ୍କର ଏକ ମୌଳିକ ନାଗରିକ ଅଧିକାର। କେବଳ ବିବାହ ଆଧାରରେ ଜଣେ ଝିଅକୁ ନିଯୁକ୍ତିରୁ ବଞ୍ଚିତ କରିବା ଭେଦଭାବପୂର୍ଣ୍ଣ ଏବଂ ଏହା ସମ୍ବିଧାନର ଧାରା ୧୪, ୧୫ ଓ ୧୬ର ଉଲ୍ଲଂଘନ କରୁଛି। ଅନୁକମ୍ପାମୂଳକ ନିଯୁକ୍ତିର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଆର୍ଥିକ ସଙ୍କଟରେ ଥିବା ପରିବାରକୁ ସହାୟତା କରିବା। ତେଣୁ ବିବାହ ଅପେକ୍ଷା ‘ନିର୍ଭରଶୀଳତା’ ହିଁ ନିଯୁକ୍ତିର ମୁଖ୍ୟ ମାପଦଣ୍ଡ ହେବା ଉଚିତ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗୌରୀ ଜେନାଙ୍କ ତରଫରୁ ରୁଜୁ ଏକ ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ଏକ ନିର୍ଦ୍ଦେଶ ପ୍ରଦାନ କରିବା ସହ ଆବେଦନକାରୀଙ୍କୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ପାଇଁ ହୋଇଥିବା ଆବେଦନର ଖାରଜ ନିର୍ଦ୍ଦେଶକୁ ରଦ୍ଦ କରିଦେଇଛନ୍ତି। ଆବେଦନକାରୀଙ୍କ ଦାବି ଉପରେ ୨ ମାସ ମଧ୍ୟରେ ନୂତନ ନିଷ୍ପତ୍ତି ନେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମାମଲାର ଶୁଣାଣି ସମୟରେ ହାଇକୋର୍ଟ ପୂର୍ବରୁ ହୋଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ରାୟ (ମମିତା ପରିଡ଼ା ଓ ଗାୟତ୍ରୀ ନାଏକ ମାମଲା)ର ଉଦାହରଣ ଦେଇ କହିଛନ୍ତି ଯେ ବିବାହିତ ଝିଅମାନଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରିବା ପ୍ରସଙ୍ଗରେ ଆଉ କୌଣସି ଦ୍ୱନ୍ଦ୍ୱ ନାହିଁ। ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ନିଜର ପିତା ତଥା ମୃତ ସରକାରୀ କର୍ମଚାରୀଙ୍କ ସ୍ଥାନରେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ମାତ୍ର ୨୦୧୬ ଜୁଲାଇ ୨୮ ତାରିଖରେ ଢେଙ୍କାନାଳ ସିଡିଏମଓ ତାଙ୍କ ଆବେଦନକୁ ସେ ଜଣେ ‘ବିବାହିତ ଝିଅ’ ହୋଇଥିବା ଆଧାରରେ ଖାରଜ କରିଦେଇଥିଲେ। ସେ ଏହାକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**୨ ମାସରେ ଦାବିର ପୁନଃବିଚାର ନିର୍ଦ୍ଦେଶ**

**ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲା**

# ଦୁଇ ଦିନିଆ ରିମାଣ୍ଡରେ ଯିବ ପ୍ରେମିକ ଭୀମସେନ୍

କଟକ,୨୨।୬(ସମିସ): କଟକ କାଠଯୋଡ଼ି ନଦୀରୁ ମୟୂରଭଞ୍ଜ ଉଦଳା ଅଞ୍ଚଳର ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ସନ୍ଦେହଜନକ ମୃତଦେହ ଉଦ୍ଧାର ଘଟଣାରେ ଗତ ୧୩ ତାରିଖରେ ମୁଖ୍ୟ ଅଭିଯୁକ୍ତ ଭୀମସେନ୍ ଗିରଫ ହୋଇଥିଲେ। ପୁଲିସ ଅଭିଯୁକ୍ତ ଓଏଏସ୍ ପ୍ରେମିକ ଭୀମସେନ୍ ଟୁଡୁଙ୍କୁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅଧୀନ ସଙ୍କୁଚା ଗ୍ରାମରୁ ଗିରଫ କରିଥିଲା। ଏହାପରେ ତାଙ୍କୁ କମିସନରେଟ୍ ପୁଲିସ ଜେଲ୍ ପଠାଇଥିଲା। କମିସନରେଟ୍ ପୁଲିସ ଭୀମସେନ୍‌ଙ୍କୁ ୨ଦିନିଆ ରିମାଣ୍ଡରେ ନେବା ପାଇଁ କଟକ ଏସ୍‌ଡିଜେଏମ୍ କୋର୍ଟରେ ଆବେଦନ କରିଥିବା ବେଳେ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ, ଭୀମସେନ୍‌ଙ୍କ ନୂତନ ବାନ୍ଧବୀ ସ୍ୱାତିଦୀପା ରାଉତଙ୍କୁ ମୁହାଁମୁହିଁ ବସାଇ ଜେରା କରାଯିବ। ତେବେ ଚନ୍ଦ୍ରିକାଙ୍କ ମୃତ୍ୟୁ ଖବର ପାଇ ଓଏଏସ୍ ଟ୍ରେନିଂ ସେଣ୍ଟରରୁ ଭୀମସେନ୍ ଫେରାର୍ ହୋଇଯାଇଥିଲେ। ଏ ଦିଗରେ ପୁଲିସ ଆହୁରି ଖୋଳତାଡ଼ କରୁଛି। ଏହି ମାମଲାରେ ଚନ୍ଦ୍ରିକାଙ୍କ ପରିବାର ଭୀମସେନ ଏବଂ ତାଙ୍କ ନୂତନ ବାନ୍ଧବୀ ସ୍ୱାତିଦୀପାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ଉଭୟ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରି କଠାଯୋଡ଼ି ନଦୀରେ ଫିଙ୍ଗିଦେଇଥିବା ଅଭିଯୋଗ କରିଛନ୍ତି। ପୁଲିସ ଏହି ଅଭିଯୋଗ ଆଧାରରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୮ ଏବଂ ୩(୫) ଅନୁଯାୟୀ ମାମଲା ରୁଜୁ କରି ବିସ୍ତୃତ ତଦନ୍ତ କରୁଛି। ତଦନ୍ତର ଅଂଶ ଭାବେ ସମସ୍ତ ଫୋରେନ୍ସିକ୍ ରିପୋର୍ଟ, ଡିଜିଟାଲ୍ ପ୍ରମାଣ ଏବଂ ସାକ୍ଷ୍ୟ ସଂଗ୍ରହ କରାଯାଉଛି।

ଅପରପକ୍ଷରେ, ଚନ୍ଦ୍ରିକାଙ୍କ ପୋଷ୍ଟମର୍ଟମ୍ ରିପୋଟରେ ଉଲ୍ଲେଖ ରହିଥିଲା ଯେ ତାଙ୍କର ପାଣିରେ ବୁଡ଼ିଯିବାରୁ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ତ୍ରିକୋଣୀୟ ପ୍ରେମରୁ ଚନ୍ଦ୍ରିକା ଆତ୍ମହତ୍ୟା କରିଛନ୍ତି ବୋଲି ପୁଲିସ ପୂର୍ବରୁ ସ୍ପଷ୍ଟ କରିଛି। ଅଧିକ ତଦନ୍ତରୁ ଜଣାପଡ଼ିଛି ଯେ ଭୀମସେନ୍ ଓ ଚନ୍ଦ୍ରିକା ପୂର୍ବରୁ କଟକର ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ +୨ ବିଜ୍ଞାନରେ ସହପାଠୀ ଥିଲେ। ଦୀର୍ଘ ଦିନ ଧରି ଥିବା ବନ୍ଧୁତା ଶେଷରେ ପ୍ରେମରେ ପରିଣତ ହୋଇଥିଲା। ସେମାନଙ୍କ ମଧ୍ୟରେ ସମ୍ପର୍କ ଥିବାବେଳେ ଗତ କିଛି ମାସ ଧରି ସମ୍ପର୍କରେ ମତଭେଦ ଓ ବିବାଦ ବଢ଼ିଥିବା ତଦନ୍ତରୁ ସାମ୍ନାକୁ ଆସିଥିଲା। ଭୀମସେନ୍ ବାରମ୍ବାର ଚନ୍ଦ୍ରିକାଙ୍କ ବର୍ଣ୍ଣକୁ ନେଇ ଅସନ୍ତୁଷ୍ଟ ଥିଲେ। ଏହା ଜାଣିବା ପରେ ଚନ୍ଦ୍ରିକା ନିଜ ଦେହର ରଂଗକୁ ଗୋରା କରିବାକୁ କସମେଟିକ୍ ସର୍ଜରୀ କରିଥିଲେ। ଶୀଘ୍ର ବାହା ହେବା ପାଇଁ ଚନ୍ଦ୍ରିକା ଜିଦ୍ ଧରିଥିବା ବେଳେ ତାଙ୍କ ପ୍ରେମିକ ଏହି ପ୍ରସଙ୍ଗକୁ ଏଡ଼ାଇ ଦେଉଥିଲେ। କିଛି ଦିନ ହେବ ଉଭୟଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ହେଉଥିଲା। ଏହାରି ଭିତରେ ନୂତନ ବାନ୍ଧବୀ ସ୍ୱାତିଦୀପା ଭୀମସେନ୍‌ଙ୍କ ନିକଟତର ହୋଇଥିଲେ। ଏହା ଚନ୍ଦ୍ରିକା ପ୍ରମାଣ ସହିତ ଜାଣିବାକୁ ପାଇଥିଲେ। ଗତ ୭ ତାରିଖରେ ଭୀମସେନ୍ ଓ ଚନ୍ଦ୍ରିକାଙ୍କ ମଧ୍ୟରେ ଜୋରଦାର ଝଗଡ଼ା ହୋଇଥିଲା। ଶେଷରେ ଚନ୍ଦ୍ରିକା ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ପୁଲିସ କହୁଛି। କିନ୍ତୁ ପରିବାର ପକ୍ଷରୁ ଏକ ଏହାଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଏତଲାରେ ଦର୍ଶାଯାଇଥିଲା। ଭୀମସେନ୍ ରିମାଣ୍ଡରେ ଆସିବା ପରେ ପୁଲିସ ବାସ୍ତବ ଚିତ୍ରକୁ ସାମ୍ନାକୁ ଆଣିବ ବୋଲି ଆଶା କରାଯାଉଛି।

**ଚାମେଲୀ ଓଝାଙ୍କୁ ଆକ୍ରମଣ ଘଟଣା**

# ଭୁବନେଶ୍ୱରରୁ ଆଉଜଣେ ଗିରଫ

ମହାକାଳପଡା, ୨୨।୬(ସମିସ): ମହାକାଳପଡ଼ା ବିଡ଼ିଓ ରବିନାରାୟଣ ଆଚାର୍ଯ୍ୟଙ୍କ ଚାମ୍ବରରେ ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କୁ ଆକ୍ରମଣ ସହ ଦୁର୍ବ୍ୟବହାର, ମୋବାଇଲ ଛଡ଼ାଇ ନେବା ଓ ଅଶାଳୀନ ଭାଷା ପ୍ରୟୋଗ ଘଟଣାରେ ପୁଲିସ ତଦନ୍ତକୁ ଆହୁରି ଜୋରଦାର କରିଛି। ଏହି ମାମଲାରେ ପୂର୍ବରୁ ତିନିଜଣଙ୍କୁ ଗିରଫ କରାଯାଇଥିବାବେଳେ ଆଉଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଗିରଫ ସଂଖ୍ୟା ୪ରେ ପହଞ୍ଚିଛି।

ସରପଞ୍ଚ ଚାମେଲି ଓଝାଙ୍କ ଅଭିଯୋଗ ଅନୁଯାୟୀ, ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ଚାମ୍ବରରେ ଉପସ୍ଥିତ ଥିବା ସମୟରେ କିଛି ବ୍ୟକ୍ତି ହଠାତ୍ ସେଠାରେ ପ୍ରବେଶ କରି ତାଙ୍କୁ ଆକ୍ରମଣ, ଅସଦାଚରଣ କରିବା ସହ ମୋବାଇଲ ଫୋନ ଛଡ଼ାଇ ନେଇଥିଲେ ଓ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏ ନେଇ ସେ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ମହାକାଳପଡ଼ା ପୁଲିସ ପୂର୍ବରୁ ପ୍ରାର୍ଥସାରଥୀ ସାମନ୍ତରାୟ, ଆମ୍ବ ଅଧକ୍ଷ ହିମାଂଶୁ ଶେଖର

- ଗିରଫ ସଂଖ୍ୟା ୪କୁ ବୃଦ୍ଧି
- ଆବଶ୍ୟକ ପଡ଼ିଲେ ଆଉ ଗିରଫ ହେବ: ପୁଲିସ

ପ୍ରଧାନ ଓ ବିଶ୍ୱଜିତ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକୁ ଆଗେଇ ନେଇ ପୁଲିସ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ସୁକାନ୍ତ ସ୍ୱାଇଁ ଓରଫ “ଠୁକୁରା’ଙ୍କୁ ଭୁବନେଶ୍ୱରରୁ ଗିରଫ କରିଛି। ପଚରାଉଚରା ପରେ ତାଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି। ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜାରି ରହିଥିବାବେଳେ ଏପର୍ଯ୍ୟନ୍ତ ସମସ୍ତ ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୁଲିସ ଜାଣିଶୁଣି କିଛି ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ଅଭିଯୋଗ ଉଠାଇଥିବାବେଳେ ଅନ୍ୟପକ୍ଷରେ ତଦନ୍ତ ଜାରି ରହିଥିବା ପୁଲିସ କହିଛି। ମହାକାଳପଡ଼ା ଥାନା ଅଧିକାରୀ ମାନସ ରଞ୍ଜନ ମଲିକ କହିଛନ୍ତି, ଜନପ୍ରତିନିଧିଙ୍କ ସହ ଦୁର୍ବ୍ୟବହାର ଘଟଣାକୁ ପୁଲିସ ଗୁରୁତର ସହ ନେଇଛି ଓ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ତଦନ୍ତରେ ଆବଶ୍ୟକତା ଅନୁଯାୟୀ ଆହୁରି କିଛି ବ୍ୟକ୍ତିଙ୍କୁ ଗିରଫ କରାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି। ଚାମେଲୀ ଓଝାଙ୍କ ଘଟଣାକୁ ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ ବ୍ୟାପକ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଜନପ୍ରତିନିଧିଙ୍କ ସୁରକ୍ଷା ଓ ପ୍ରଶାସନିକ କାର୍ଯ୍ୟାଳୟରେ ଘଟୁଥିବା ଏଭଳି ଅପ୍ରୀତିକର ଘଟଣାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୭୬୧- ମହାନ ମରାଠା ପେସୱା ବାଲାଜୀ ବାଜିରାଓଙ୍କ ବିୟୋଗ।
- ୧୯୫୩- ଭାରତୀୟ ଜନସଂଘର ସଂସ୍ଥାପକ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୮୦- ଇନ୍ଦିରା ଗାନ୍ଧୀଙ୍କ ପୁତ୍ର ସଞ୍ଜୟ ଗାନ୍ଧୀଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ।
- ୧୯୯୪-ଉତ୍ତର କୋରିଆ ପରମାଣୁ କାର୍ଯ୍ୟକ୍ରମ ସ୍ଥଗିତ ରଖିବା ପାଇଁ ଘୋଷଣା କଲା।
- ୨୦୧୬- ବ୍ରିଟେନବାସୀ ୟୁରୋପୀୟ ସଂଘରୁ ଅଲଗା ହେବା ସପକ୍ଷରେ ଭୋଟ୍ ଦେଲେ।

# ସେପ୍ଟେମ୍ବର ୧୮ ରେ 'ଦାୟରା'



ବଲିଉଡ୍ ଅଭିନେତ୍ରୀ କରିନା କପୁର ଏବଂ ସାଉଥ୍ ସୁପରଷ୍ଟାର୍ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ପ୍ରଥମ ଥର ପାଇଁ 'ଦାୟରା' ଫିଲ୍ମରେ ଏକାଠି ନଜର ଆସିବେ। ଚଳିତ ବର୍ଷ ୧୮ ସେପ୍ଟେମ୍ବରରେ ଏହା ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ମେଘନା ଗୁଲଜାରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ରିଲିଜ୍ ଡେଟ୍‌ର ଘୋଷଣା ଏକ ଅତ୍ୟନ୍ତ ଆକର୍ଷଣୀୟ ଭିଡିଓ ମାଧ୍ୟମରେ କରାଯାଇଛି। ନିର୍ମାତାମାନେ ସୋସିଆଲ ମିଡିଆରେ ଫିଲ୍ମର ଏକ ନୂଆ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସୁଟିଂ ସମୟର କିଛି ବିଶେଷ ଝଲକ ଦେଖାଯାଇଛି। ଜଙ୍ଗଲୀ ପିକ୍‌ଚର୍ସ ଏବଂ ପେନ୍ ଷ୍ଟୁଡିଓଜ୍‌ର ଏହି ଫିଲ୍ମର 'ବିହାଇଣ୍ଡ ଦ ସିନ୍ସ' ଭିଡିଓ ଇଣ୍ଟରନେଟ୍‌କୁ ଆସିବା ମାତ୍ରେ ହିଁ ଛାଇ ଯାଇଛି । ଭିଡିଓ ସାମ୍ନାକୁ ଆସିବା ପରେ ଫିଲ୍ମରେ କରିନା ଜଣେ ଦମଦାର୍ ଲେଡି ପୋଲିସ ଅଫିସର୍ ଭୂମିକାରେ ନଜର ଆସିବାକୁ ଯାଉଛନ୍ତି ବୋଲି ସ୍ପଷ୍ଟ ହୋଇଛି। ତାଙ୍କର ଲୁକ୍ ଏବଂ ଅନ୍ଦାଜକୁ ଦର୍ଶକେ ପସନ୍ଦ କରିଛନ୍ତି। ପୃଥ୍ୱୀରାଜ ମଧ୍ୟ ଏଥିରେ ପୋଲିସ୍ ଅଫିସର ଭୂମିକାରେ ନଜର ଆସିବେ। ନିର୍ମାତା ଭିଡିଓଟିକୁ ସେୟାର୍ କରି ଲେଖିଛନ୍ତି, 'ଦାୟରା'ର କାହାଣୀ ସତ୍ୟ ଘଟଣା ଉପରେ ଆଧାରିତ। ଏହାର କାହାଣୀ ଅପରାଧ,ନ୍ୟାୟ ଓ ଦଣ୍ଡକୁ ନେଇ ପର୍ଯ୍ୟବସିତ। ଯଶ କେସୱାନୀ, ସୀମା ଅଗ୍ରୱାଲ ଏବଂ ମେଘନା ଗୁଲଜାର ଏହାର କାହାଣୀ ଲେଖିଛନ୍ତି। ମେଘନା ଏହା ପୂର୍ବରୁ 'ରାଜି' ଏବଂ 'ତଲୱାର' ଭଳି ଚମତ୍କାର ଫିଲ୍ମ ନିର୍ମାଣ କରିସାରିଛନ୍ତି, ତେଣୁ ଏହି ଫିଲ୍ମରୁ ମଧ୍ୟ ଦର୍ଶକଙ୍କର ବହୁତ ଆଶା ରହିଛି।

# ର୍‍ୟାମ୍ପରେ ରୋବଟ୍

ଦକ୍ଷିଣ କୋରିଆର ଏଣ୍ଟରଟେନ୍‌ମେଣ୍ଟ କମ୍ପାନି 'ଗାଲାକ୍ସି କର୍ପୋରେସନ' ନିକଟରେ ଏକ ନିଆରା ଫେଶନ୍ ଶୋ' ଆୟୋଜିତ କରି ଚର୍ଚ୍ଚାକୁ ଆସିଛି। ଫିଜିକାଲ୍ ଏଆଇ ନାମକ ଏହି ଫେଶନ ଶୋ'ରେ ମଡେଲଙ୍କ ସହ ରୋବଟ୍‌ଗୁଡ଼ିକ କ୍ୟାଟ୍‌ୱାକ୍ କରୁଥିବାର ନଜର ଆସିଥିଲେ। ଶୋ'ରେ ମଡେଲ ଓ ରୋବଟ୍ ଏକାପରି ପୋଷାକ ପିନ୍ଧିଥିଲେ। ଏହି ଶୋ'ର ଉଦ୍ଦେଶ୍ୟ ଥିଲା, ଏପରି ଏକ ଭବିଷ୍ୟତକୁ ପ୍ରଦର୍ଶନ କରିବା, ଯେଉଁଠାରେ ମଣିଷ ଏବଂ ରୋବଟ୍ ଏକାଠି ରହିବେ। ଟେକ୍ନୋଲଜି ଆଗାମୀ ଦିନଗୁଡ଼ିକରେ ଫେଶନ୍ ଦୁନିଆକୁ କିପରି ପ୍ରଭାବିତ କରିବ ତାହା ଏଥିରେ ଦର୍ଶାଯାଇଥିଲା। ଶୋ'ରେ ରୋବଟ୍‌ଗୁଡ଼ିକ ଅବିକଳ ମଡେଲ୍‌ଙ୍କ ଭଳି ଚାଲୁଥିବାର ଓ ପୋଜ୍ ଦେଉଥିବାର ଦେଖାଯାଇଥିଲେ। ଏହା ସେଠାରେ ଉପସ୍ଥିତ ଦର୍ଶକଙ୍କୁ ଏକ ନିଆରା ଅନୁଭୂତି ଦେଇଥିଲା। ଗାଲାକ୍ସି କର୍ପୋରେସନର ସିଇଓ ଚୋଇ ୟୋଙ୍ଗ୍‌ଙ୍କ କହିବାନୁଯାୟୀ, "ଭବିଷ୍ୟତରେ ଲୋକେ ରୋବଟ୍ ଠୁ ପ୍ରେରିତ ହୋଇ ଫେଶନ୍ ଆପଣାଇବେ। ରୋବଟ୍ ମଧ୍ୟ ମଣିଷ ଠାରୁ ପ୍ରେରିତ ହୋଇ ଅନେକ ଫେଶନ୍ ଆପଣାଇବ। ଏହି ଶୋ' ମାଧ୍ୟମରେ ଏପରି ଏକ ଭବିଷ୍ୟତ ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି, ଯେଉଁଠି ଟେକ୍ନୋଲଜି ଏବଂ ଜୀବନ ପରସ୍ପରର ଅବିଚ୍ଛେଦ୍ୟ ଅଂଶ ହୋଇରହିବ।" ତେବେ ଏହି ଶୋ' ଟେକ୍ନୋଲଜି ଏବଂ ସୃଜନଶୀଳତାର ଏକ ନୂଆ ଚେହେରା ପ୍ରସ୍ତୁତ କରିଥିଲା। ଭବିଷ୍ୟତରେ ଟେକ୍ନୋଲଜି କିପରି ଫେଶନ୍‌ଶୈଳୀକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇପାରେ ଏହି ଫେଶନ୍ ଶୋ'ରୁ ତାହା ସ୍ପଷ୍ଟ ହୋଇଛି।



# ମୋବାଇଲ ଆସକ୍ତି

## ଇଟାରେ ଛେଚି ଭାଙ୍ଗିଲେ ଫୋନ୍



ସ୍ମାର୍ଟଫୋନ୍ ଏବେ ଲୋକଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି। ପାଠପଢ଼ାରୁ ନେଇ ମନୋରଞ୍ଜନ ସବୁ ପାଇଁ ମୋବାଇଲ୍ ଆବଶ୍ୟକ। ଗୋଟିଏ ପଟେ ସ୍ମାର୍ଟଫୋନ ଜୀବନକୁ ସହଜସରଳ କରୁଥିବାବେଳେ, ଅନ୍ୟପଟେ ଏହାର ଅଭ୍ୟାସ ଚିନ୍ତାର ବିଷୟ ପାଲଟିଛି। ନିକଟରେ ଏହାକୁ ନେଇ ଏକ ଭିଡିଓ ଭାଇରାଲ ହୋଇଛି, ଯେଉଁଥିରେ ଲୋକେ ଫୋନ୍‌କୁ ଭାଙ୍ଗୁଥିବାର ଦେଖାଯାଇଛି। ଭିଡିଓରେ ଗାଁ ଲୋକମାନେ ଏକତ୍ର ହୋଇଛନ୍ତି। ସେମାନଙ୍କ ହାତରେ ସ୍ମାର୍ଟଫୋନ୍ ରହିଛି। ପ୍ରାରମ୍ଭରେ ଏହି ଦୃଶ୍ୟ ସାଧାରଣ ମନେ ହେଉଛି। ହେଲେ କିଛି ସମୟ ଭିତରେ ଲୋକେ ନିଜ ଫୋନ୍ ତଳକୁ ଜୋର୍‌ରେ ଫୋପାଡୁଥିବାର ଦେଖାଯାଉଛି। ଆଉ କିଛି ଜଣ ମୋବାଇଲ ଫୋନ୍‌କୁ ଇଟା ପଥରରେ ଛେଚୁଥିବାର ଦେଖିବାକୁ ମିଳିଛି। ଏହାକୁ ଦେଖି ଲୋକେ ଚକିତ ହୋଇଛନ୍ତି। ତେବେ ଗାଁ ଲୋକମାନେ ସ୍ମାର୍ଟଫୋନ୍ ନିଶାରେ ଅତିଷ୍ଠ ହୋଇ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ମୋବାଇଲ୍ ନିଶା ପାଇଁ ଲୋକେ ଘଣ୍ଟା ଘଣ୍ଟା ସୋସିଆଲ ମିଡିଆ, ଅନ୍‌ଲାଇନ୍ ଗେମ୍ ଆଦିରେ ବ୍ୟସ୍ତ ରହୁଛନ୍ତି। ଏଥିରେ ସମୟ ଅପଚୟ ହେବା ସହ ପରିବାର ଏବଂ ସମାଜରୁ ସେମାନେ ଦୂରେଇବାରେ ଲାଗିଛନ୍ତି। ପୂର୍ବରୁ ଯେଉଁଠି ଲୋକେ ପରସ୍ପର ସହ ବାର୍ତ୍ତାଳାପ କରି ସମୟ ଅତିବାହିତ କରୁଥିଲେ, ଏବେ ଅଧିକାଂଶ ଲୋକ ନିଜ ଫୋନ୍‌ରେ ବ୍ୟସ୍ତ ରହୁଛନ୍ତି। କେବଳ ସେତିକି ନୁହେଁ, ଏହି ଫୋନ୍‌ର ପ୍ରଭାବ କୁନି କୁନି ପିଲା ଏବଂ ଯୁବପିଢ଼ିଙ୍କ ଉପରେ ମଧ୍ୟ ପଡୁଛି। ଏପରିକି ଲୋକେ ନିଜର ଗୁରୁତ୍ୱପୂର୍ଣ୍ଣ କାମ ଛାଡ଼ି ଫୋନରେ ବ୍ୟସ୍ତ ରହୁଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଲୋକେ ସ୍ମାର୍ଟଫୋନ୍ ଛାଡ଼ି ସାଧାରଣ କିପ୍ୟାଡ୍ ଫୋନ୍ ବ୍ୟବହାରକୁ ଆପଣାଇଛନ୍ତି। ସେମାନଙ୍କ କହିବାନୁଯାୟୀ, କିପ୍ୟାଡ୍ ଫୋନ୍‌ରେ କେବଳ ଗୁରୁତ୍ୱପୂର୍ଣ୍ଣ କଲ୍ ଏବଂ ମେସେଜ୍ କରିହେବ। ଏହାଦ୍ୱାରା ଅଯଥା ଫୋନ୍ ଚଳାଇବା ଅଭ୍ୟାସ କମ୍ ହୋଇପାରିବ। ଏଥିସହ ସେମାନେ ପରିବାର, କାର୍ଯ୍ୟ ଏବଂ ସମାଜ ଉପରେ ଅଧିକ ଧ୍ୟାନ ଦେଇପାରିବେ। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ ଏନେଇ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# ପିଜୁଳି ଗଛର କଲମୀକରଣ



**ବର୍ତ୍ତମାନ ଚାଷୀମାନେ ଅତ୍ୟାଧୁନିକ କୃଷି ପ୍ରଣାଳୀକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା କମ୍ ସମୟ ମଧ୍ୟରେ ଅଧିକ ଲାଭ ମିଳିପାରୁଛି। ଏହାକୁ ଦୃଷ୍ଟି ଦେଇ ଚାଷୀମାନେ ପିଜୁଳି ଗଛର କଲମୀକରଣ କରି ପାରିବେ। ପିଜୁଳି ଗଛର କଲମୀକରଣ ଏକ ଉନ୍ନତ ପ୍ରଣାଳୀ। ଏଥିରେ କମ୍ ଦିନରେ ଉନ୍ନତମାନର ଫଳ ଅମଳ ହୁଏ।**

ପିଜୁଳି ଗଛର କଲମୀକରଣ କରିବାକୁ ପ୍ରଥମେ ଉନ୍ନତଧରଣର ରୋଗପୋକ ସହଣୀ କିସମ ପିଜୁଳି ଚାରା ଚୟନ କରି ଅନ୍ୟ କିସମର ପିଜୁଳି ନେଇ ସେଥିରେ କଲମୀକରଣ କରାଯାଏ। ଆମ ରାଜ୍ୟର ଜଳବାୟୁ ଅନୁଯାୟୀ କଲମୀକରଣ କରିବାର ୬୦ଦିନ ପରେ ଫୁଲ ଆସିଥାଏ। କଲମୀକରଣ ଦ୍ୱାରା ମା'ଗଛର ଗୁଣ ଓ ଫଳ ପିଜୁଳି ଗଛରେ ଆସିପାରେ। ଫଳରେ ପିଜୁଳିର ଉତ୍ପାଦନ ଭଲ ହୁଏ। ଫଳର ଆକାର ୧୦୦ରୁ ୨୦୦ ଗ୍ରାମ୍ ଲେଖାଏଁ ରହିଥାଏ। ଛଅରୁ ଆଠ ମାସ ମଧ୍ୟରେ ଗୋଟିଏ ଗଛରୁ ୪ରୁ ୫ କେଜି ଅମଳ ହୁଏ।

## ସୁବର୍ଣ୍ଣ



# କଲରା ଚାଷରୁ ଲକ୍ଷପତି



**"ଚାଷ କାମ ଯାହାର, କେତେ ସୁଖ ତାହାର.." । ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ଛତିଶଗଡ଼, ମହାସମୁନ୍ଦ ଜିଲ୍ଲା ଅନ୍ତର୍ଗତ ବଂସୁଲିଡିହର ଦୀପକ। ସେ ଅତ୍ୟାଧୁନିକ କୃଷି ପ୍ରଣାଳୀକୁ ଆପଣାଇ କଲରା ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ଦୀପକ ପ୍ରଥମେ ଧାନ ଚାଷ କରୁଥିଲେ। ଧାନ ଚାଷରୁ ଅଧିକ ଲାଭ ନ ମିଳିବାରୁ ସେ ୨୦୨୫-୨୬ ମସିହାରେ ରାଷ୍ଟ୍ରୀୟ ଉଦ୍ୟାନ ମିଶନ ସହାୟତାରେ କଲରା ଚାଷ ଆରମ୍ଭ କଲେ। କୃଷି ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ତାଙ୍କୁ ଚାଷ କରିବାକୁ ସହଜ ହୋଇଥିଲା। କଲରା ଚାଷ ପାଇଁ ସେ ବୁନ୍ଦା ଜଳ ସେଚନ, ମଲ୍‌ଚିଂ, ଆଧୁନିକ କୃଷି ଯନ୍ତ୍ରପାତି ଆଦି ବ୍ୟବହାର କରିଥିଲେ। ଏହାଦ୍ୱାରା ଗଛକୁ ଆବଶ୍ୟକମାତ୍ରାର ପାଣି ମିଳି ପାରିଥିଲା। ମଲ୍‌ଚିଂ କୌଶଳ ବ୍ୟବହାର ଯୋଗୁଁ ଘାସ ନିୟନ୍ତ୍ରଣ ସହ କଲରା ଚାଷ ଭଲ ହୋଇଥିଲା। ଏହି ଚାଷରୁ ଏକର ପିଛା ୧୮ ଟନ୍ କଲରା ଅମଳ ହୋଇଥିଲା। ଏଥିରୁ ସେ ବାର୍ଷିକ ପ୍ରାୟ ତିନିଲକ୍ଷ ଟଙ୍କା ଲାଭ ପାଇଥିଲେ। ଦୀପକ କୁହନ୍ତି, ଚାଷୀମାନେ ଅତ୍ୟାଧୁନିକ କୃଷି ପ୍ରଣାଳୀ ଏବଂ ସରକାରୀ ଯୋଜନାର ଲାଭ ଉଠାଇ ଚାଷରୁ ଲାଭବାନ ହୋଇ ପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଚାଷ ଜମିର ୧୦% ଅଞ୍ଚଳକୁ ଅତିରିକ୍ତ ବର୍ଷା ଜଳ ସଞ୍ଚୟ ଓ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ରଖନ୍ତୁ, ଏହା ମରୁଡ଼ି ପରିସ୍ଥିତିରେ ଜଳ ସେଚନ ପାଇଁ ବ୍ୟବହୃତ କରାଯାଇପାରିବ।
- ମାଟିରେ ଆବଶ୍ୟକ ଜଳୀୟାଂଶ ରହିବା ପରେ ଧାନର ଖରୁଡ଼ି କିମ୍ବା ବତୁରି ବୁଣା କରାଯିବା ଆବଶ୍ୟକ।
- ପରିପକ୍ୱ ଫଳକୁ ଅମଳ କରି ନିଅନ୍ତୁ।
- ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀଭାଇମାନଙ୍କୁ ଫସଲରେ କୀଟନାଶକ ଔଷଧ ସିଞ୍ଚନ ଓ ଜଳ ସେଚନ ଆଗାମୀ ଦୁଇ ଦିନ ପାଇଁ ବନ୍ଦ ରଖିବାକୁ ପରାମର୍ଶ ଦିଆଯାଇଛି।
- ଆଖୁ ଫସଲରେ ସଅଳ କାଣ୍ଡ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ପୋକ ଓ ଅଣ୍ଡାପୁଞ୍ଜାଗୁଡ଼ିକୁ ହାତରେ ଧରି ନଷ୍ଟ କରି ଦିଅନ୍ତୁ। ଆକ୍ରାନ୍ତ ପିଲଗୁଡ଼ିକୁ ମାଟି ତଳୁ କାଟି ଦୂରରେ ନଷ୍ଟ କରି ଦିଅନ୍ତୁ।
- ବାଇଗଣ ଫସଲରେ ଏକର ପ୍ରତି ଯବକ୍ଷାରଜାନ ୫୦ କେଜି, ଫସ୍‌ଫରସ୍ ୩୦ କେଜି ଓ ପଟାସ ୫୦ କେଜି ତିନିଥରରେ ଦେଲେ ଭଲ।
- କାଜୁ ଗଛରେ ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ ଡିମେଟନ ସିଞ୍ଚନ କରନ୍ତୁ। ଗଛ ମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ।

# ବର୍ଷାଦିନିଆ ପନିପରିବା ଚାଷ



**ଋତୁ ଅନୁଯାୟୀ, ଚାଷ କରିଲେ ଫସଲରେ କମ୍ ରୋଗ ହେବା ସହିତ ଲାଭ ଅଧିକ ମିଳିଥାଏ। ତେଣୁ ଚାଷୀଭାଇମାନେ ମୌସୁମୀକୁ ଉପଯୋଗ କରି ବର୍ଷାଦିନିଆ ପନିପରିବା ଚାଷ କରିପାରିବେ।**

ଅଧିକ ସ୍ଥାନରେ ଚାଷ କରୁଥିବା ଚାଷୀ ବାଇଗଣ, କଖାରୁ ସହିତ ମକା, ମାଣ୍ଡିଆ ଲଗାଇ ପାରିବେ। କମ୍ ଜମିରେ ବାଇଗଣ, କାଙ୍କଡ଼, କାକୁଡ଼ି, ଜହ୍ନି ଲଗାଇବା ଉଚିତ। ଏଥିପାଇଁ ପ୍ରଥମେ ଚାଷ ଜମିକୁ ଲଙ୍ଗଳ କିମ୍ବା ଟ୍ରାକ୍ଟର ଜରିଆରେ ହଳ କରାଯାଏ। ଜୁନ୍ ମାସ ଶେଷ ସୁଦ୍ଧା ମନ୍ଦାକରି ଜହ୍ନି, କଖାରୁ, କାଙ୍କଡ଼ ଚାରା କିମ୍ବା ବିହନ ଲଗାଇବା ସହ ଧାଡ଼ି ଧାଡ଼ି କରି ବାଇଗଣ ତଳି ଓ ଭେଣ୍ଡି ବିହନ ଲଗାଯାଏ। ଚାରା କିମ୍ବା ବିହନ ଲଗାଇବାର ୧୫ଦିନ ପୂର୍ବରୁ ଝୁଡ଼ିଏ ସଢ଼ା ଗୋବରଖତକୁ ଗୁଣ୍ଡ କରି ମାଟିରେ ପ୍ରୟୋଗ କରିବା ଭଲ। ଏହାସହିତ ତଳି କିମ୍ବା ବିହନ ଲଗାଇବା ସମୟରେ ହାଲୁକା ଜଳ ସେଚନ ଜରୁରି। ପାଣିପାଗର ପୂର୍ବାନୁମାନ କରି ଫସଲରେ ଜଳ ସେଚନ ସହିତ ପୋକ ନିୟନ୍ତ୍ରଣ ଲାଗି ନିମାସ୍ତ୍ର ପ୍ରୟୋଗ କରି ପାରିବେ। ଅନ୍ୟାନ୍ୟ ରୋଗ ନିୟନ୍ତ୍ରଣ ଲାଗି ନିକଟସ୍ଥ କୃଷି ବିଶେଷଜ୍ଞଙ୍କ ସହ ଯୋଗାଯୋଗ କରିବା ଆବଶ୍ୟକ।

# ଘି- କୁଆଁରୀରୁ ଜୈବିକ କୀଟ ନିୟନ୍ତ୍ରକ

ଘି-କୁଆଁରୀ ଏକ ଔଷଧୀୟ ଗଛ। ଘି-କୁଆଁରୀ ରସରେ ଯବକ୍ଷାରଜାନ, ଫସ୍‌ଫରସ୍ ଆଦି ପୋଷକତତ୍ତ୍ୱ ଥାଏ। ଜୈବିକ କୃଷି କ୍ଷେତ୍ରରେ ଏହାର ଅନେକ ଉପଯୋଗିତା ରହିଛି। ତେଣୁ ଚାଷୀଭାଇ କୃଷିକ୍ଷେତ୍ରରେ ଘି-କୁଆଁରୀକୁ ଜୈବିକ କୀଟ ନିୟନ୍ତ୍ରକ ରୂପେ ବ୍ୟବହାର କରି ପାରୁଛନ୍ତି।


- ଘି-କୁଆଁରୀ ଜୀବାଣୁ ନାଶକ, ଫିମ୍ପି ନାଶକ ଓ ଅନେକ ପ୍ରକାରର ପୋକ ନିୟନ୍ତ୍ରଣରେ ବ୍ୟବହାରଯୋଗ୍ୟ ଅଟେ।
- ନଡ଼ିଆ ଚାରା ରୋପଣ ସମୟରେ ମନ୍ଦାରେ ଘି-କୁଆଁରୀ ଗଛ ଲଗାଇବା ଦ୍ୱାରା ଏହା ପିମ୍ପୁଡ଼ି ଓ ସୂତ୍ରଜୀବ କବଳରୁ ସୁରକ୍ଷା ଦେଇଥାଏ।
- ଘି-କୁଆଁରୀର ପତ୍ରକୁ ଛୋଟ ଛୋଟ କାଟି ଏହା ସହିତ ସମପରିମାଣର କରଞ୍ଜ ପତ୍ର ବଟା ମିଶାଇ ତାହାକୁ ପେଷ୍ଟ କରାଯାଏ। ଏଥିରୁ ପ୍ରସ୍ତୁତ ତରଳ ଔଷଧକୁ ଏକ ଲିଟର ପାଣିରେ ମିଶାଇ ଗଛରେ ସିଞ୍ଚନ କଲେ ଏହା ଗଛରୁ କବକ ରୋଗ ପୋକ ନିୟନ୍ତ୍ରଣ କରେ। ମାସରେ ମାତ୍ର ଥରେ ଏହାକୁ ପ୍ରୟୋଗ କରିବା ଭଲ।
- ସମପରିମାଣର କରଞ୍ଜ ପିଡ଼ିଆ, ନିମ୍ବ ପିଡ଼ିଆ ସହିତ ଘି-କୁଆଁରୀ ରସ ଓ ଦେଶୀ ଗୋମୂତ୍ର ଅଧାଲିଟର ଓ ପାଣି ୫ ଲିଟର ମିଶାଇ ଏକ ଦ୍ରବଣ କରିପାରିବେ। ଏହି ଦ୍ରବଣ ୧ ଲିଟରକୁ ୫ ଲିଟର ପାଣିରେ ମିଶାଇ ସନ୍ଧ୍ୟା ସମୟରେ ଫସଲରେ ସିଞ୍ଚନ କଲେ ଫସଲ ଅନେକ ରୋଗ ପୋକରୁ ସୁରକ୍ଷିତ ରହିଥାଏ।

## ବର୍ଷା ପୂର୍ବରୁ ଛେଳିଙ୍କୁ ଟିକାକରଣ

**ଆମ ରାଜ୍ୟର ଅଧିକାଂଶ ଲୋକ ଛେଳିପାଳନ କରି ଜୀବିକା ନିର୍ବାହ କରିଥାନ୍ତି। ଛେଳିଙ୍କର ସଠିକ ଦେଖାଶୁଣା କଲେ ଛେଳିପାଳନରୁ ଲାଭ ମିଳେ। ଏଥିପାଇଁ ବର୍ଷାଦିନ ପୂର୍ବରୁ ଛେଳିଙ୍କୁ ପିପିଆର୍ ଟିକା ପ୍ରଦାନ କରିବା ଆବଶ୍ୟକ।**

ପିପିଆର୍ ଏକ ଭୂତାଣୁ ଜନିତ ରୋଗ। ସଂକ୍ରମିତ ଛେଳିଙ୍କଠାରୁ ଅନ୍ୟ ଛେଳିଙ୍କୁ ଏହି ରୋଗ ସହଜରେ ବ୍ୟାପିଥାଏ। ଏହି ରୋଗ ଯୋଗୁଁ ଛେଳି ଦୁର୍ବଳ ହୋଇ ଖିଆପିଆ କମାଇ ଦିଅନ୍ତି। ମୁହଁ ଓ ନାକରେ ଘା', ନାକ, ଆଖି ଓ ମୁହଁରୁ ଲାଳ ବାହାରିବା, ପାଚନ ତନ୍ତ୍ରରେ ଛାଲ ପଡ଼ିଯିବା, ପତଳା ରକ୍ତଝାଡ଼ା ହେବା ଆଦି ଲକ୍ଷଣ ଦେଖାଯାଏ। ଏଥିରେ ଛେଳିର ମୃତ୍ୟୁ ଆଶଙ୍କା ଅଧିକ ଥାଏ।

ତେଣୁ ଛେଳି ଜନ୍ମ ହେବାର ଚାରିମାସଠାରୁ ପିପିଆର୍ ଟିକା ଦେବା ଆବଶ୍ୟକ। ଛେଳିଙ୍କଠାରେ ଏହି ରୋଗର ଲକ୍ଷଣ ଦେଖାଗଲେ, ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସାଳୟରେ ପିପିଆର୍ ଟିକା ଦେବା ବନ୍ଦୋବସ୍ତ କରିପାରିବେ। ଏହା ପ୍ରତ୍ୟେକ ସରକାରୀ ପ୍ରାଣୀ ଚିକିତ୍ସାଳୟରେ ମାଗଣାରେ ଉପଲବ୍ଧ। ସଂକ୍ରମିତ ଛେଳିକୁ ଅନ୍ୟ ଛେଳିଙ୍କଠାରୁ ପୃଥକ ରଖି ଖାଦ୍ୟ-ପେୟ ଦେବା ଆବଶ୍ୟକ।






## ଇତିହାସ ରଚିଲେ ମେସି

ଡଲାସ, ୨୨।୬ (ଏଜେନ୍ସି): ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସି ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଆଉ ଏକ ଐତିହାସିକ କୀର୍ତ୍ତିମାନ କରିଛନ୍ତି। ଫିଫା ବିଶ୍ୱକପ୍ ଇତିହାସର ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି ମେସି। ସୋମବାର ରାତିରେ ଏଠାରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ଅଷ୍ଟ୍ରିଆ ମଧ୍ୟରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍-ଜେ'ର ଏକ ମ୍ୟାଚରେ ମେସି ଏହି ବିଶ୍ୱରେକର୍ଡ କରିଛନ୍ତି। ମ୍ୟାଚର ୩୮ତମ ମିନିଟରେ ମେସି ବାମ ପାଦରେ ଏକ ଚମତ୍କାର ସଟ୍ ମାରି ବଲ୍‌କୁ ଅଷ୍ଟ୍ରିଆ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ବିଶ୍ୱକପ୍ ଇତିହାସରେ ଏହା ତାଙ୍କର ୧୭ତମ ଗୋଲ୍ ଥିଲା। ଏହିକ୍ରମରେ ମେସି ଜର୍ମାନୀର ମହାନ ଖେଳାଳି ମିରୋସ୍ଲାଭ କ୍ଲୋଜଙ୍କ ୧୨ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଛନ୍ତି। କ୍ଲୋଜ କ୍ୟାରିୟରରେ ୨୪ଟି ବିଶ୍ୱକପ୍ ମ୍ୟାଚ୍ ଖେଳି ୧୬ଟି ଗୋଲ୍ ଦେଇଥିଲେ। ମେସି ଏବେ ତାଙ୍କର ୨୮ତମ ବିଶ୍ୱକପ୍ ମ୍ୟାଚରୁ ୧୭ତମ ଗୋଲ୍ ଦେଇ କ୍ଲୋଜଙ୍କୁ ଟପିଯାଇଛନ୍ତି। ୧୫ଟି ଗୋଲ୍ ସହ ବ୍ରାଜିଲର ରୋନାଲ୍ଡୋ ତାଲିକାର ୩ୟ ସ୍ଥାନରେ ରହିଛିନ୍ତି। ଗୁରୁବାର ୩୯ ବର୍ଷ ବୟସରେ ପାଦ ଥାପିବାକୁ ଯାଉଥିବା ମେସି ତାଙ୍କ କ୍ୟାରିୟରର ଷଷ୍ଠ ଫିଫା ବିଶ୍ୱକପ୍ ଖେଳୁଛନ୍ତି। ଚଳିତ ବିଶ୍ୱକପ୍‌ରେ ସେ ଆଲଜେରିଆ ବିପକ୍ଷରେ ହ୍ୟାଟ୍ରିକ ଗୋଲ୍‌ଦେଇଥିଲେ।

## ସଲାଙ୍କ ପ୍ରଥମ ଗୋଲ୍

# ଇଜିପ୍ଟର ଐତିହାସିକ ବିଜୟ

ଭାଙ୍କୋଭର,୨୨।୬(ଏଜେନ୍ସି)

ସୁପରଷ୍ଟାର ମହମ୍ମଦ୍ ସଲାଙ୍କ ଚମତ୍କାର ଗୋଲ ବଳରେ ସ୍ଥାନୀୟ ବିସି ପ୍ଲେସ୍‌ଠାରେ ରବିବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଜି'ର ଏକ ମୁକାବିଲାରେ ଇଜିପ୍ଟ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ବିଶ୍ୱକପ୍ ଇତିହାସରେ ପ୍ରଥମ ବିଜୟ ହାସଲ କରିଛି। ଏହି ବିଜୟ ସହ ଇଜିପ୍ଟ ମଧ୍ୟ ଗ୍ରୁପ୍-ଜି'ରେ ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। କିନ୍ତୁ ଏହାର ନକ୍‌ଆଉଟ ପ୍ରବେଶ କରିବା ଚୂଡାନ୍ତ ହୋଇନାହିଁ। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଶକ୍ତିଶାଳୀ ଇରାନକୁ ଭେଟିବ। ଇଜିପ୍ଟ ଯଦି ଏହି ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୁଏ, ତେବେ ଦଳ ରାଉଣ୍ଡ ଅଫ୍ ୩୨ ବା



ନକ୍‌ଆଉଟକୁ ଉନ୍ନୀତ ହେବ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବେଲଜିୟମ ସହ ଇରାନ ଗୋଲଶୂନ୍ୟ ଭାବେ ମ୍ୟାଚ୍ ଡ୍ର ରଖିଥିଲା। ଫଳରେ ଗ୍ରୁପ୍-ଜି'ରେ ନକ୍‌ଆଉଟ ପ୍ରବେଶ ରୋଚକସ୍ଥିତିରେ ରହିଛି। ୨ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ଥିବା ବେଲଜିୟମ ତାହାର ଶେଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ହରାଇପାରିଲେ ନକ୍‌ଆଉଟକୁ ଯିବ। ନଚେତ ଅନ୍ୟଦଳର ପ୍ରଦର୍ଶନ ଉପରେ ନିର୍ଭର କରିବା କିମ୍ବା ଗତଥର ଭଳି ପ୍ରଥମ ରାଉଣ୍ଡରୁ ବିଦାୟ ନେବ।

ଭାଙ୍କୋଭରରେ ଖେଳାଯାଇଥିବା ଏହି ମୁକାବିଲାରେ ସୁପରଷ୍ଟାର ମହମ୍ମଦ୍ ସଲା ନିଃସନ୍ଦେହରେ ମ୍ୟାଚ୍‌ର ହିରୋ ସାଜିଥିଲେ। ତାଙ୍କର କଳାତ୍ମକ ଖେଳ ଷ୍ଟାଡିୟମ୍‌ରେ ଉପସ୍ଥିତି ଦର୍ଶକଙ୍କୁ ବେଶ ଆମୋଦିତ କରିଥିଲା। ଖେଳର ୬୭ତମ ମିନିଟ୍‌ରେ ସେ ଚଳିତ ବିଶ୍ୱକପ୍‌ରେ ପ୍ରଥମ ତଥା କ୍ୟାରିୟରରେ ୬୮ତମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ। ତାଙ୍କ ଆସିଷ୍ଟରେ ଇଜିପ୍ଟ ପକ୍ଷରୁ ଖେଳର ୫୮ତମ ମିନିଟ୍‌ରେ ମୋସ୍ତାଫା ଜିକୋ ପ୍ରଥମ ଗୋଲ ଦେଇଥିଲେ। ସେ କିନ୍ତୁ ଏହି ମ୍ୟାଚ୍‌କୁ ପୂରା ନିୟନ୍ତ୍ରଣରେ ରଖିଥିଲେ। ଖେଳର ୮୨ତମ ମିନିଟ୍‌ରେ ଟ୍ରେଜ୍‌ଗୁଏଟ ତୃତୀୟ ଗୋଲ ଦେବା ଫଳରେ ଏହି ମ୍ୟାଚ୍‌ରେ ଇଜିପ୍ଟ ଆଉ ପରାଜିତ ହେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଦଳର ବିଜୟ ସ୍ପଷ୍ଟ ହେବା ପରେ ୮୫ତମ ମିନିଟ୍‌ରେ ପଡ଼ିଆ ଛାଡିଥିଲେ ସଲା। ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ଛିଡ଼ା ହୋଇ ତାଙ୍କ ଖେଳକୁ ସ୍ୱୀକୃତି ଦେବା ସହ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ପୂର୍ବରୁ ଖେଳର ୧୫ତମ ମିନିଟ୍‌ରେ ଫିନ୍ ସର୍ମନ ଗୋଲ ସ୍କୋର କରି ନ୍ୟୁଜିଲାଣ୍ଡକୁ ଅଗ୍ରଣୀ କରାଇଥିଲେ। ଏହି ଗୋଲ ଶୁଝାଇବାକୁ ଇଜିପ୍ଟ ସଲାଙ୍କ ଖେଳ ଉପରେ ନିର୍ଭର କରିଥିଲା। ସେ ମଧ୍ୟ ଦୁଇଥର ଗୋଲ ଦେବାର ସୁଯୋଗ ହରାଇଥିଲେ।

## ବେଲ୍‌ଜିୟମ୍-୦: ଇରାନ-୦

ଇଙ୍ଗଲେଉଡ୍,୨୨।୬(ଏଜେନ୍ସି): ଫିଫା ବିଶ୍ୱକପ୍ ଗ୍ରୁପ୍ 'ଜି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବେଲଜିୟମ ସହ ଉତ୍ସାହୀ ଇରାନ ସହ ମ୍ୟାଚ୍ ଡ୍ର ରଖିଛି। ଏହି ମ୍ୟାଚ୍‌ରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପୂର୍ବରୁ ଉଭୟ ଦଳ ମଧ୍ୟ ସେମାନଙ୍କ ପ୍ରଥମ ମ୍ୟାଚ୍‌କୁ ଡ୍ର ରଖିଥିଲେ। ଇଜିପ୍ଟ ସହ




ବେଲଜିୟମ ୧-୧ ଗୋଲରେ ଏବଂ ନ୍ୟୁଜିଲାଣ୍ଡ ସହ ଇରାନ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ଦ୍ୱିତୀୟ ରାଉଣ୍ଡ ଖେଳ ପରେ ଉଭୟ ଦଳ ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଗ୍ରୁପ୍-ଜି'ର ଦ୍ୱିତୀୟ ସ୍ଥାନରେ ଇରାନ ଓ ତୃତୀୟ ସ୍ଥାନରେ ବେଲଜିୟମ ରହିଛି। ନକ୍‌ଆଉଟରେ ପ୍ରବେଶ କରିବାକୁ ହେଲେ ଉଭୟ ଦଳକୁ ତୃତୀୟ ତଥା ଶେଷ ରାଉଣ୍ଡ ମ୍ୟାଚରେ ଜିତିବା ଆବଶ୍ୟକ। ଗତଥର ବେଲଜିୟମ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ଏଥର ଯଦି ଶେଷ ଲିଗ୍ ମ୍ୟାଚ୍‌ରେ ଦଳ ନ୍ୟୁଜିଲାଣ୍ଡକୁ ହରାଇ ନ ପାରେ, ତେବେ ଏଥର ମଧ୍ୟ ପ୍ରଥମ ରାଉଣ୍ଡରୁ ବିଦା ହେବାର ଆଶଙ୍କା ରହିଛି।




| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୨୩, ମଙ୍ଗଳବାର ରାତି |
| ପର୍ତ୍ତୁଗାଲ-ଉଜ୍‌ବେକିସ୍ତାନ |
| ହଷ୍ଟନ, ରାତି ୧୦.୩୦ |
| ଇଂଲଣ୍ଡ-ଘାନା |
| ଫକ୍ସବର୍ଗ, ରାତି ୧.୩୦ |
| କ୍ରୋଏସିଆ-ପାନାମା |
| ଟରଣ୍ଟୋ, ରାତି ୪.୩୦ (୨୪ ତାରିଖ ଭୋର) |
| ଜୁନ୍-୨୪ ବୁଧବାର ସକାଳ |
| କଲମ୍ବିଆ-କଙ୍ଗୋ |
| ଜାପୋପାନ୍, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ସ୍ପେନ୍ ଖେଳାଳି ହଟହଟା

ନ୍ୟୁୟର୍କ, ୨୨।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ପେନ ଦଳର ଫରୱାର୍ଡ ବୋର୍ଜା ଇଗ୍ଲେସିଆସ୍‌ଙ୍କୁ ହଟହଟା ହେବାକୁ ପଡ଼ିଛି। ସ୍ପେନ ଟିମ୍ ରହୁଥିବା ଅବସ୍ଥିତ ଚାଟାନୁଗା ହୋଟେଲର ସୁରକ୍ଷାକର୍ମୀ ବୋର୍ଜାଙ୍କୁ ଚିହ୍ନି ପାରି ନ ଥିଲେ। ଏପରିକି ତାଙ୍କ ପାଖରେ ତାଙ୍କ ପାଖରେ ସୁରକ୍ଷା ପାସ୍ ମଧ୍ୟ ନ ଥିଲା। ଫଳରେ ବୋର୍ଜାଙ୍କୁ ହୋଟେଲରେ ପ୍ରବେଶ କରିବାକୁ ମନା କରିଦେଇଥିଲେ। ଶେଷରେ ପ୍ରବେଶ ପାଇଁ ବୋର୍ଜା ସାଥୀ ଖେଳାଳିଙ୍କୁ ଡାକିବାକୁ ପଡିଲା।

## ଫ୍ରି କିକ୍‌ରୁ ଡେବ୍ୟୁଟାଣ୍ଟ ଟିମ୍‌ର ପ୍ରଥମ ଗୋଲ

## ଉରୁଗୁଏ -କେପ୍ ଭର୍ଡ ମ୍ୟାଚ୍ ଡ୍ର

ମିଆମି,୨୨।୬(ଏଜେନ୍ସି): ଡେବ୍ୟୁଟାଣ୍ଟ କେପ୍ ଭର୍ଡ ପକ୍ଷରୁ ପ୍ରଥମ ଗୋଲ ଫ୍ରି କିକ୍‌ରୁ ମିଳିଛି। କେଭିନ ପିନା ଏହି ଗୋଲଟି ସ୍କୋର କରି ଇତିହାସ ସୃଷ୍ଟି କରିଛନ୍ତି। ଡେବ୍ୟୁଟାଣ୍ଟ ଟିମ୍ ଭାବେ କେପ୍ ଭର୍ଡ ବିଶ୍ୱକପ୍‌ରେ ପ୍ରଥମ ଗୋଲ ଫ୍ରି କିକ୍‌ରୁ ସ୍କୋର କରି ଏହି ଇତିହାସ ସୃଷ୍ଟି କରିଛି। ୧୯୬୬ ପରେ ପ୍ରଥମଥର ଗୋଟିଏ ଡେବ୍ୟୁଟାଣ୍ଟ ଟିମ୍ ଫ୍ରି କିକ୍‌ରୁ ଗୋଲ ଦେଇଛି। ଏହି ଗୋଲ ବଳରେ କେପ୍ ଭର୍ଡ ଚଳିତ ବିଶ୍ୱକପ୍‌ରେ ତାହାର ଉତ୍ସାହଜନକ ଖେଳ ପ୍ରଦର୍ଶନ କରି ୨ଥରର ବିଶ୍ୱ ଚାମ୍ପିଅନ ଉରୁଗୁଏ ସହ ମ୍ୟାଚ୍ ଡ୍ର ରଖିଛି। ଗ୍ରୁପ୍-ଏଚ୍‌ରେ କେପ୍ ଭର୍ଡର ଏହା ଦ୍ୱିତୀୟ ଡ୍ର ମ୍ୟାଚ୍। ପୂର୍ବରୁ ଗ୍ରୁପ୍‌ର ଶକ୍ତିଶାଳୀ ଟିମ୍ ସ୍ପେନ୍ ସହ କେପ୍ ଭର୍ଡ ଜବରଦସ୍ତ ଖେଳି ମ୍ୟାଚ୍ ଡ୍ର ରଖିଥିଲା। ଫଳରେ ୨ଟି ମୁକାବିଲାରୁ ୨ଟି ଡ୍ର ଫଳରେ କେପ୍ ଭର୍ଡ ନକ୍‌ଆଉଟରେ ପ୍ରବେଶ କରିବା ଆଶାରେ ରହିଛି। ଦଳ ତାହାର ଶେଷ ଲିଗ୍ ମ୍ୟାଚ୍ ସାଉଦି ଆରବ ସହ ଖେଳିବ। ଏହି ମ୍ୟାଚ୍‌ରେ ଯଦି ବିଜୟୀ ହୁଏ, ତେବେ ଏକ ଡେବ୍ୟୁଟାଣ୍ଟ ଦଳ ଭାବେ ନକ୍‌ଆଉଟରେ ପ୍ରବେଶ କରି କେପ୍




ଭର୍ଡ ଆଉ ଏକ ଇତିହାସ ଦୋହରାଇବ।

ମିଆମି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମୁକାବିଲାଟି ୨-୨ ଗୋଲରେ ଡ୍ର ରହିଥିଲା। ଖେଳର ୨୧ତମ ମିନିଟ୍‌ରେ କେଭିନ କୁନା ଫ୍ରି କିକ୍‌ରୁ ଗୋଲ ସ୍କୋର କରି କେପ୍ ଭର୍ଡକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଉରୁଗୁଏ ଏହାର କଡ଼ା ଜବାବ ଦେଇଥିଲା। ଦଳ ପକ୍ଷରୁ ମ୍ୟାକ୍ସି ଅରୁଜୋ ଓ ଅଗଷ୍ଟିନ୍ କାନୋବିଓ ଗୋଟିଏ ଲେଖାଏଁ ଗୋଲ ଦେବା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଉରୁଗୁଏ ୨-୧ ଗୋଲରେ ଅଗ୍ରଣୀ ରହିଥିଲା। କେପ୍ ଭର୍ଡ କିନ୍ତୁ ହାର୍ ମାନି ନ ଥିଲା। ହେଲିଓ ଭାରେଲା ବଦଳ ଖେଳାଳି ଭାବେ ଆସିବା ପରେ କେପ୍ ଭର୍ଡର ଆକ୍ରମଣ ବୃଦ୍ଧି ପାଇଥିଲା। ଉରୁଗୁଏର ଡିଫେନ୍ସ ଖେଳାଳି ମାଥିଆସ ଅଲିଭେରାଙ୍କ ତ୍ରୁଟିରୁ ଫାଇଦା ଉଠାଇ ଭାରେଲା ଗୋଲ ଶୁଝାଇଦେଇଥିଲେ। ଏହି ଗୋଲ ବଳରେ କେପ୍ ଭର୍ଡ ଏହି ମୁକାବିଲାରୁ ଡ୍ର ରଖିବା ସହ ଚଳିତ ଟୁର୍ଣ୍ଣାମେଣ୍ଟରେ ଏଯାଏ ଅପରାଜିତ ରହିଛି। ଦଳ ତାହାର ଏଭଳି ପ୍ରଦର୍ଶନ ଯଦି ସାଉଦି ଆରବ ବିପକ୍ଷରେ ଦୋହରାଏ, ତେବେ କେପ୍ ଭର୍ଡ ନିଶ୍ଚିତ ଇତିହାସ ସୃଷ୍ଟି କରିବ।

## କ୍ରୋଏସିଆ ପ୍ରଶଂସିକାଙ୍କୁ ପ୍ରପୋଜ୍ କରି ନିରାଶ

ଡଲାସ, ୨୨।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ନିକଟରେ କ୍ରୋଏସିଆ ଓ ଇଂଲଣ୍ଡ ମଧ୍ୟରେ ଗ୍ରୁପ୍-ଏଲ୍'ର ଏକ ମ୍ୟାଚ୍ ପରେ ଜଣେ ଇଂଲଣ୍ଡ ପ୍ରଶଂସକ ଷ୍ଟାଡିୟମ ବାହାରେ କ୍ରୋଏସିଆର ଜଣେ ମହିଳା



ପ୍ରଶଂସିକାଙ୍କୁ ପ୍ରପୋଜ କରିଥିଲେ। ଇଂଲଣ୍ଡର ଏହି ଯୁବକ ଜଣଙ୍କ ରାସ୍ତାରେ ଆଣ୍ଠୁମାଡ଼ି କ୍ରୋଏସିଆ ମହିଳାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେଇଥିଲେ। ତେବେ କ୍ରୋଏସିଆ ପ୍ରଶଂସିକାଜଣଙ୍କ ଏହାକୁ ପ୍ରତ୍ୟାଖାନ କରିଦେଇଥିଲେ। ଫଳରେ ଯୁବକ ଜଣକ ନିରାଶ ହୋଇଥିବା ଦେଖିବାକୁ ମିଳିଥିଲା।

## ବିଶ୍ୱକପ୍‌ରେ ଆତ୍ମଘାତୀ ଗୋଲ

## ୧୦ ଦିନରେ ୮ ଥର

ଡଲାସ,୨୨।୬(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ରେକର୍ଡ ଅତିକ୍ରମ କରିବା ଯେପରି ସହଜ, ସେହିପରି କଷ୍ଟକର ମଧ୍ୟ। କିନ୍ତୁ ଯେଉଁ ରେକର୍ଡକୁ ଦଳ, ଖେଳାଳି ଓ ସମର୍ଥକ ନାପସନ୍ଦ କରିଥାନ୍ତି ସେହିପରି ଏକ ରେକର୍ଡ ଚଳିତ ବିଶ୍ୱକପ୍‌ରେ ହେବାକୁ ଯାଉଛି। ଏହି ନକରାତ୍ମକ ରେକର୍ଡ ହେଉଛି ଆତ୍ମଘାତୀ ଗୋଲ ବା ନିଜ ଟିମ୍ ବିପକ୍ଷରେ ଗୋଲ୍ କରିବା। ରୁଷିଆରେ ଅନୁଷ୍ଠିତ ୨୦୧୮ ଫିଫା ବିଶ୍ୱକପ୍‌ରେ ଆତ୍ମଘାତୀ ଗୋଲ ସଂଖ୍ୟାର ରେକର୍ଡ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ଗୋଲ ହୋଇଥିଲା। ଉତ୍ତରଆମେରିକା ବା ଯୁକ୍ତରାଷ୍ଟ୍ର, ମେକ୍ସିକୋ ଓ କାନାଡାରେ ଏଥର ଖେଳାଯାଉଥିବା ଫିଫା ବିଶ୍ୱକପ୍‌ରେ ଏହି ରେକର୍ଡ ଅତିକ୍ରମ କରିବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ଚଳିତ ସଂସ୍କରଣର ୧୦ମ ଦିନରେ ୮ଟି ଆତ୍ମଘାତୀ ଗୋଲ ହୋଇସାରିଲାଣି। ଏଥର ସର୍ବାଧିକ ୪୮ଟି ଟିମ୍ ଭାଗନେଉଥିବାରୁ ସ୍ୱାଭାବିକ୍ ଭାବେ ସର୍ବାଧିକ ୧୦୪ଟି ମ୍ୟାଚ୍ ଖେଳାଯିବ। ଏଣୁ ଏହି ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଚଳିତ ବିଶ୍ୱକପ୍‌ର ୮ମ ଆତ୍ମଘାତୀ ଗୋଲ ସ୍କୋର କରିଛନ୍ତି ସାଉଦି ଆରବର ଡିଫେଣ୍ଡର ହାସନ ଅଲ ତାମ୍ବକ୍ତି। କିନ୍ତୁ ଆୟୋଜକ ଦେଶ ଆମେରିକା ଆତ୍ମଘାତୀ ଗୋଲରୁ ବେଶ୍ ଫାଇଦା ପାଇଛି। ଦଳ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳ ପାରାଗୁଏର ଡାମିଆନ୍ ବୋବାଡିଲା ପ୍ରଥମ ଆତ୍ମଘାତୀ ଗୋଲ ଦେଇଥିଲେ। ସେହିପରି ଦଳ ଖେଳିଥିବା ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆର କାମେରନ ବର୍ଜେସ ମଧ୍ୟ ଆତ୍ମଘାତୀ ଗୋଲ ଦେଇଥିଲେ। ଫଳରେ ଆମେରିକା ଖେଳିଥିବା ଦୁଇଟି ମ୍ୟାଚ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଦଳର ପକ୍ଷରୁ ଏହି ନକରାତ୍ମକ ଖେଳ ପ୍ରଦର୍ଶନ କରାଯାଇଛି।

## ଏସିଆ ମହାଦେଶର ଦମ୍‌ଦାର ପ୍ରଦର୍ଶନ

ଡଲାସ,୨୨।୬(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ରେ ୪୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଯାହା ଫଳରେ ଏସିଆ ମହାଦେଶର ଅଂଶଗ୍ରହଣକାରୀ ଦେଶର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ବିଶ୍ୱକପ୍ ହେଉଛି ଫୁଟବଲ ଖେଳ ପ୍ରଦର୍ଶନ କରିବାର ସର୍ବଶ୍ରେଷ୍ଠ ପ୍ଲାଟଫର୍ମ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡ ଓ କିଛି ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌କୁ ଦେଖିଲେ ଚଳିତ ସଂସ୍କରଣରେ ଏସିଆ ମହାଦେଶର ଅଂଶଗ୍ରହଣକାରୀ ଦେଶ ଗୁଡିକ କେବଳ ସଂଖ୍ୟା ବଢ଼ାଇବାକୁ ଆସିନାହାନ୍ତି, ବରଂ ଏସିଆ ଫୁଟବଲର ଦମ୍ ପ୍ରଦର୍ଶନ କରିଛନ୍ତି। ଯୁଗ୍ମ ଆୟୋଜକ ଭାବେ ସେମିଫାଇନାଲରେ ପ୍ରବେଶ କରିଥିବା ଦକ୍ଷିଣ କୋରିଆ ପ୍ରଥମ ରାଉଣ୍ଡରେ ଗୋଟିଏ ଗୋଲ ପଛରେ ଥାଇ ମଧ୍ୟ ଚେକିଆକୁ ପରାସ୍ତ କରିଥିଲା।



ମହାଦେଶର ଦ୍ୱିତୀୟ ଶକ୍ତିଶାଳୀ ଦେଶ ଜାପାନ ପ୍ରଥମ ରାଉଣ୍ଡରେ ଶକ୍ତିଶାଳୀ ତଥା ଟାଇଟଲ ଆଶାୟୀ ନେଦରଲ୍ୟାଣ୍ଡସ ମ୍ୟାଚ୍ ଡ୍ର ରଖିବା ପରେ ଦ୍ୱିତୀୟ ରାଉଣ୍ଡରେ ଟ୍ୟୁନିସିଆକୁ ୪-୦ ଗୋଲରେ ପରାସ୍ତ କରି ରେକର୍ଡ ବିଜୟ ହାସଲ କରିଛି। ଅନ୍ୟତମ ଶକ୍ତିଶାଳୀ ଦେଶ ଇରାନ ତାହାର ପ୍ରଥମ ଦୁଇଟି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଓ ଶକ୍ତିଶାଳୀ ବେଲଜିୟମ ସହ ମ୍ୟାଚ୍ ଡ୍ର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଖେଳି କତାର ଓ ସାଉଦି ଆରବ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମଥର ଅଂଶଗ୍ରହଣ କରି ଜୋର୍ଡାନ ଓ ଉଜ୍‌ବେକିସ୍ତାନ ଦୁର୍ବଳ ଦଳ ନୁହେଁ ବୋଲି ପ୍ରଦର୍ଶନ ମାଧ୍ୟମରେ ଦର୍ଶାଇଛନ୍ତି। ଇରାକ ଭଲ ଖେଳି ନ ପାରି ମ୍ୟାଚ୍ ହାରିଯାଇଛି। ଏସିଆ ମହାଦେଶର ଖେଳାଳି କିନ୍ତୁ ଦମ୍ ଦେଖାଇଛନ୍ତି।

## ମହିଳା ଟି-୨୦ ବିଶ୍ୱକପ୍

## ପାକିସ୍ତାନ ବିଦା, ଆଶଙ୍କାରେ ଭାରତ

ଲଣ୍ଡନ,୨୨।୬(ଏଜେନ୍ସି): ଭାରତ ନିକଟରୁ ୬୪ ରନ୍, ଦକ୍ଷିଣ ଆଫ୍ରିକା ନିକଟରୁ ୨ ୱିକେଟ ଓ ଦୁର୍ବଳ ବାଂଲାଦେଶଠାରୁ ୨୩ ରନ୍‌ରେ ହାରିବା ପରେ ସାନା ମୀରଙ୍କ ପାକିସ୍ତାନ କ୍ରିକେଟ ଦଳ ଏଠାରେ ଚାଲିଥିବା ମହିଳା ଟି-୨୦ ବିଶ୍ୱକପ୍‌ରୁ ପ୍ରଥମ ଦଳ ଭାବେ ବିଦା ହୋଇଛି। ଏହି ଦଳ ଗ୍ରୁପ୍-ଏ'ରେ ପ୍ରଥମ ୩ଟି ମ୍ୟାଚ୍ ହାରିଯିବାରୁ ଆଉ ସେମିଫାଇନାଲକୁ ଉନ୍ନୀତ ହୋଇପାରିବ ନାହିଁ। ଦକ୍ଷିଣ ଆଫ୍ରିକାଠାରୁ ହାରିଯିବା ପରେ ଭାରତର ମଧ୍ୟ ସେମିଫାଇନାଲ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଭାରତ ତାହାର ଶେଷ ୨ଟି ଲିଗ୍ ମ୍ୟାଚ୍ ଅଷ୍ଟ୍ରେଲିଆ ଓ ବାଂଲାଦେଶ ସହ ଖେଳିବ। କିନ୍ତୁ ଦକ୍ଷିଣ ଆଫ୍ରିକା ଶେଷ ୨ଟି ମ୍ୟାଚ୍‌ରେ ବାଂଲାଦେଶ ଓ ନେଦରଲ୍ୟାଣ୍ଡସ ସହ ମୁକାବିଲା କରିବ। ଏହି ଦୁଇଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଜୟୀ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଭାରତ ଯଦି ପ୍ରଥମେ ବାଂଲାଦେଶ ଓ ଶେଷ ଲିଗ୍ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ହରାଇବ, ତେବେ ସେମିଫାଇନାଲ ଦୌଡ଼ରେ ତିଷ୍ଠି ରହିବ।

## ବିସିସିଆଇ କ୍ୟାମ୍ପରେ ଓଡ଼ିଶାର ଅନନ୍ୟା

ଭୁବନେଶ୍ୱର, ୨୨।୬ (ସମିସ): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ୨୩ ବର୍ଷରୁ କମ୍ ମହିଳା ହାଇ-ପରଫର୍ମାନ୍ସ କ୍ୟାମ୍ପ



ଅନୁଷ୍ଠିତ ହେବାକୁଯାଉଛି। ଜୁଲାଇ ୧୩ରୁ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ଏହି କ୍ୟାମ୍ପ ହେବ। ଏହି କ୍ୟାମ୍ପ ଲାଗି ବିସିସିଆଇ ପକ୍ଷରୁ ଘୋଷିତ ଦଳରେ ଓଡ଼ିଶାର ଅନନ୍ୟା ମିଶ୍ର ସ୍ଥାନ ପାଇଛନ୍ତି। ବଲାଙ୍ଗିରର ଅନନ୍ୟା ଜଣେ ଡାହାଣହାତୀ ବ୍ୟାଟର ସହ ମଧ୍ୟଗତିର ବୋଲର।

## କିଟ୍‌ରେ ଟେନିସ୍ ଏକ୍ସଚେଞ୍ଜ ପ୍ରୋଗ୍ରାମ

ଭୁବନେଶ୍ୱର,୨୨।୬(ସମିସ): କିଟ୍ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ଲିଆଣ୍ଡର ପେସ୍ ଟେନିସ ଷ୍ଟାଡିୟମଠାରେ 'ଲିଆଣ୍ଡର ପେସ୍ ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ', ବେଙ୍ଗଲ ଟେନିସ ଆସୋସିଏସନ (ବିଟିଏ) ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୩ ଦିନିଆ 'ଟେନିସ ଏକ୍ସଚେଞ୍ଜ ପ୍ରୋଗ୍ରାମ' ସୋମବାରଠାରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଭାବାନ ଜୁନିଅର ଓ ସିନିଅର ଟେନିସ ଖେଳାଳିମାନେ ଉନ୍ନତମାନର ପ୍ରଶିକ୍ଷଣ ଓ ପରସ୍ପର ମଧ୍ୟରେ ବୈଷୟିକ ଜ୍ଞାନ ଆଦାନପ୍ରଦାନ କରିବାର ସୁଯୋଗ ପାଇବେ। ଏହି ଅବସରରେ କିଟ୍, କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଛନ୍ତି।


### କଳିଙ୍ଗରେ ଜାତୀୟ ଆନ୍ତଃରାଜ୍ୟ ସିନିଅର ଦୌଡ଼କୁଦ ୨୪ରୁ

## ଓଡ଼ିଶା ଦଳରେ କିଶୋର-ଅନିମେଶ, ଶ୍ରାବଣୀ-ପୂର୍ଣ୍ଣିମା

ଭୁବନେଶ୍ୱର, ୨୨।୬ (ସମିସ)

ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ୨୪ରୁ ୨୮ ପର୍ଯ୍ୟନ୍ତ ଆୟୋଜନ ହେବ ୬୫ତମ ଜାତୀୟ ଆନ୍ତଃରାଜ୍ୟ ସିନିଅର ଦୌଡ଼କୁଦ ପ୍ରତିଯୋଗିତା। ୫ ଦିନ ଧରି ହେବାକୁ ଥିବା ପ୍ରତିଯୋଗିତା ଲାଗି ଆୟୋଜକ ଓଡ଼ିଶା ଦୌଡ଼କୁଦ ସଂଘ ପକ୍ଷରୁ ଓଡ଼ିଶାର ଏକ ୨୯ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଛି। ଦଳରେ ୧୫ ପୁରୁଷ ଓ ୧୪ ମହିଳା ଆଥ୍‌ଲେଟ୍ ରହିଛନ୍ତି। ଓଡ଼ିଶା ଦଳରେ ତାରକା ଆଥ୍‌ଲେଟ୍ ଭାବେ ଅନିମେଷ କୁଜୁର, ଅମିୟ କୁମାର ମଲ୍ଲିକ, ଡି.ଏମ୍. ଜୟରାମ, କିଶୋର ଜେନା, ଲାଲୁ ପ୍ରସାଦ ଭୋଇ, ଶ୍ରାବଣୀ ନନ୍ଦ, ଦିବ୍ୟା ସାଣ୍ଡିଲ୍ୟ, ପୂର୍ଣ୍ଣିମା ହେମ୍ବ୍ରମ୍, ମୌସୁମୀ ରାୟଙ୍କ ପରି ଖ୍ୟାତାନାମା ତଥା ଅନ୍ତର୍ଜାତିକ ଆଟ୍‌ଲେଟ ଭାଗ









ନେଉଛନ୍ତି। ଏମାନେ ଆୟୋଜକ ଓଡ଼ିଶାକୁ ଅଧିକ ପଦକ ଜିତାଇବେ ବୋଲି ଆଶା କରାଯାଉଛି। ଓଡ଼ିଶା ଦୌଡ଼କୁଦ ଦଳ: ଅନିମେଷ କୁଜୁର (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ଲାଲୁପ୍ରସାଦ ଭୋଇ (୧୦୦ ମି., ୧୦୦ ମିଟର ରିଲେ); ଡି.ଏମ. ଜୟରାମ (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ସାରୁନ୍ ପାୟାସିଂହ (ଲଙ୍ଗ୍‌ଜମ୍ପ, ୧୦୦ ମିଟର ରିଲେ); ମହେନ୍ଦ୍ର ସାନ୍ତା (୨୦୦ ମି, ୧୦୦ ମିଟର ରିଲେ); ଅମିୟ କୁମାର ମଲ୍ଲିକ (୧୦୦ ମି., ୧୦୦ ମିଟର ରିଲେ); ଆସ୍ତିକ ପ୍ରଧାନ (୪୦୦ ମି, ୪୦୦ ମିଟର ମିକ୍ସଡ ରିଲେ, ୪୦୦ ମି. ରିଲେ); ମଳୟ ବାରିକ (୪୦୦ ମି, ୪୦୦ ମିଟର ମିକ୍ସଡ ରିଲେ, ୪୦୦ ମି. ରିଲେ); ବାପି ହାଁସଦା (୪୦୦ ମିଟର ରିଲେ); ସ୍ୱପ୍ନିଲ ଆହିର (୪୦୦ ମିଟର ରିଲେ); ନୋବଲ କୁମାର କିଷାନ୍ (୪୦୦ ମିଟର ରିଲେ); ଯଶବୀର ବିଲୁଙ୍ଗ (୪୦୦ ମିଟର ରିଲେ); ସ୍ୱାଧୀନ କୁମାର ମାଝୀ (ହାଇଜମ୍ପ); ଶ୍ରାବଣୀ ନନ୍ଦ (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ମୌସୁମି ରାୟ (୧୦୦ ମି., ୨୦୦ ମି, ୧୦୦ ମିଟର ରିଲେ); ବିନୀତା ବେହେରା (୧୦୦ ମିଟର ରିଲେ); ମେରୀମୁକ୍ତା ସେରେଙ୍ଗ୍ (୧୦୦ ମି., ୧୦୦ ମିଟର ରିଲେ, ହାଇଜମ୍ପ); ସବିତା ଟପ୍ପୋ (୧୦୦ ମି. ହର୍ଡଲ୍‌ସ, ୧୦୦ ମିଟର ରିଲେ); ମନୀଷା ମେରେଲ (ଲଙ୍ଗ୍‌ଜମ୍ପ, ୧୦୦ ମିଟର ରିଲେ); ସୁଖୀ ବାସ୍କେ (୪୦୦ମି. ୪୦୦ ମିଟର ରିଲେ); ସୁସ୍ମିତା ଟିଗା (୩୦୦୦ମି. ଷ୍ଟିପ୍‌ଲଚେଜ୍); ପ୍ରଜ୍ଞା ସାହୁ (୧୦୦ମି. ହର୍ଡଲ୍‌ସ); ମହକ ନସ୍ରିନ୍ (ହାଇଜମ୍ପ); ସାଲିମି କିସ୍‌ପୋଟା (ଡିସ୍‌କସ); ଦିବ୍ୟା ସାଣ୍ଡିଲ୍ୟ (ହାମ୍ମର ଥ୍ରୋ); ପୂର୍ଣ୍ଣିମା ହେମ୍ବ୍ରମ୍ (ହେପ୍‌ଟାଥଲନ୍); ଦୀପ୍ତିରାଣୀ ସାହୁ (୮୦୦ ମି., ୪୦୦ମି. ରିଲେ)।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS